READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524






ବର୍ଷ-୬ | ସଂଖ୍ୟା-୩୭ | ୨୬ ସେପ୍ଟେମ୍ବର - ୨ ଅକ୍ଟୋବର, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-37 | 26th SEPTEMBER - 2nd OCTOBER, 2022 | BHUBANESWAR | ₹ 5/- (8 Pages)


### ଏନଏମଏ ଅନୁମତି ପରେ ଖୋଲିଗଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗୁମର

# ସବୁ ଜାଣି ନିରବ ଥିଲେ ଗଜପତି !

**ଭୁବନେଶ୍ୱର, (ତାରକ ମହାନ୍ତି):** ଏବେ ନ୍ୟାସନାଲ ମନୁମେଣ୍ଟ ଅଥରିଟି (ଏନଏମଏ)ଙ୍କ ନିକଟରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ନେଇ ସର୍ତ୍ତପୂର୍ଣ୍ଣ ଅନୁମତି ଆସିବା ପରେ ଏହାକୁ ନେଇ ରାଜ୍ୟରେ ଶ୍ରେୟ ନେବା ରାଜନୀତି ଆରମ୍ଭ ହୋଇଯାଇଛି। ଶାସକ ବିଜୁ ଜନତା ଦଳ ଏହାକୁ ଧର୍ମର ଜୟ କହୁଥିଲା ବେଳେ ବିରୋଧୀ ଭାରତୀୟ ଜନତା ପାର୍ଟି ଏହାକୁ ନୀତି, ନିୟମର ବିଜୟ ବୋଲି ଦର୍ଶାଉଛି। ତେବେ ଏହି କରିଡର ବିବାଦ ପଛର କାରଣ କ'ଣ ବୋଲି ଚିନ୍ତା କଲେ ଜଣାପଡେ ଯେ,ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ କୌଣସି ଜାତୀୟ ସଂସ୍ଥାର ଅନୁମତି ନଥିଲା। କିନ୍ତୁ ରାଜ୍ୟ ସରକାର ଯେତେବେଳେ ଏହି ପ୍ରକଳ୍ପ ପାଇଁ କାର୍ଯ୍ୟ ଆରମ୍ଭ କଲେ ଏଥିରେ



ପ୍ରତ୍ନତତ୍ୱ ବିଭାଗ ଓ ଜାତୀୟ କୀର୍ତିରାଜି ସଂରକ୍ଷଣ ସଂସ୍ଥା ଯେଉଁଳି ନିରବତା ଅବଲମ୍ବନ କଲେ ଏହା ଏକ ବଡ଼ ପ୍ରଶ୍ନବାଚୀ। ସମଗ୍ର ବିଶ୍ୱରେ କାଳର କରାଳରୁ ଐତିହ୍ୟ କୀର୍ତ୍ତିରାଜିକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ ହେଉଥିଲା ବେଳେ ଆମର ଆରାଧ ଦେବତା ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରକୁ କିଭଳି ବିପଦ ପହଞ୍ଚାଗଲା ତାହା ଆଶ୍ଚର୍ଯ୍ୟ ଲାଗୁଛି।କେବଳ ରାଜ୍ୟ ସରକାର ଏଥିପାଇଁ ଦୋଷୀ ବୋଲି କହିହେବନାହିଁ ବରଂ କେନ୍ଦ୍ର ସରକାର ବେଶୀ ଦାୟୀ। ଏହାର ଯେଉଁ କେନ୍ଦ୍ରୀୟ ସଂସ୍ଥା ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଅଛନ୍ତି, ସେମାନଙ୍କ ଅବହେଳା ଅଧିକ ଦାୟୀ। ଦୁଇ କେନ୍ଦ୍ରୀୟ ସଂସ୍ଥା ଯିଏ କି ଐତିହ୍ୟ କୀର୍ତ୍ତିରାଜିକୁ ସୁରକ୍ଷା ଦେବା କଥା ତାଙ୍କର ନିରବତା ଯୋଗୁ ଶ୍ରୀକ୍ଷେତ୍ରରେ ଐତିହାସିକ ମଠ, ମନ୍ଦିର ସବୁ ମାଟିରେ ମିଶିଗଲା। ଯେଉଁ ମଠ, ମନ୍ଦିର ଶ୍ରୀମନ୍ଦିରର ଆଧାତ୍ମିକ କେନ୍ଦ୍ର ଭାବେ ଶହ ଶହ ବର୍ଷ ଧରି ଆମକୁ ଜଗନ୍ନାଥ ସଂସ୍କୃତିର ଶିକ୍ଷା ଦେବା ସହ ଆଧାତ୍ମିକ ଭାବନା ସହ ବାନ୍ଧି ରଖିଥିଲା ତାହାକୁ ଶ୍ରୀମନ୍ଦିର କରିଡର ପ୍ରୋଜେକ୍ଟ ନାଁରେ ଧୂଳିସାତ କରାଗଲା। ସେଥିରେ ଐତିହ୍ୟ ସଂରକ୍ଷଣ ବଦଳରେ ଏହାକୁ ➤ ପୃ-୬

### ଏନ୍‌ଜିଟିର ଗୁରୁତ୍ୱପୂର୍ଣ୍ଣ ରାୟ

# ୩୪ ଏକରରେ ସୀମିତ ରହିବ ବାଲିଯାତ୍ରା

**କଟକ :** ମହାନଦୀ ପଠା ପୋତାଯିବା ଘଟଣାକୁ ଜମି ଉପରେ କୌଣସି ସ୍ଥାୟୀ ବା ଅସ୍ଥାୟୀ ନିର୍ମାଣ କରାଯାଇ ବିରୋଧ କରି ଜାତୀୟ ଗ୍ରିନ୍ ଟ୍ରିବୁନାଲ୍

## ଅବଶିଷ୍ଟ ଜମିରେ ସୃଷ୍ଟି ହେବ ଜଙ୍ଗଲ

(ଏନ୍‌ଜିଟି)ରେ ଦାୟର ମାମଲାର ରାୟ ପ୍ରକାଶ ପାଇଛି। ଏନ୍‌ଜିଟି ବାଲିଯାତ୍ରା ଆୟୋଜନ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ବାଲିଯାତ୍ରା ଆୟୋଜନକୁ ଯଦିଓ ଅନୁମତି ମିଳିଛି କିନ୍ତୁ ୩୪ଏକର ପରିମିତ ବାଲିଯାତ୍ରା ପଡିଆର ଆଉ ସଂପ୍ରସାରଣ ହୋଇପାରିବ ନାହିଁ ବୋଲି



ଏନଜିଟିଙ୍କ ରାୟରେ ସ୍ପଷ୍ଟ କରାଯାଇଛି। ୩୪ ଏକର ବାହାରେ ବାଲିଯାତ୍ରା ପଡ଼ିଆ ସଂପ୍ରସାରଣ କରାଯିବ ପାରିବ ନାହିଁ। ଏଥି ସହିତ କୌଣସି ପ୍ରକାର ବ୍ୟାବସାୟିକ କାର୍ଯ୍ୟକୁ ମଧ୍ୟକୁ ମଧ୍ୟ ଅନୁମତି ଦିଆଯିବ ନାହିଁ। ସୁପ୍ରିମକୋର୍ଟ ବାଙ୍ଗାଲୋର ମେଡିକାଲ ଟ୍ରଷ୍ଟ ଓ ଲାଲବାହାଦୂର ମାମଲାରେ ପ୍ରଦାନ କରିଥିବା ରାୟ ଆଧାରରେ ପାର୍କର ରକ୍ଷଣାବେକ୍ଷଣ କରାଯାଇପାରିବ। ପୁଣି ଥରେ ଏନ୍‌ଜିଟିଙ୍କ ରାୟରେ ସ୍ପଷ୍ଟ କରାଯାଇଛି ସମଗ୍ର ୪୨୬ ଏକର ଜମି ଉପରେ କୌଣସି ପ୍ରକାର କଂକ୍ରିଟ ନିର୍ମାଣ ହୋଇ ପାରିବ ନାହିଁ। ମହାନଦୀ ପଠା ଆଡଭୋକେଟ ଜେନେରାଲ୍‌ଙ୍କ ମତ ସହିତ ଏନ୍‌ଜିଟି ସହମତ ହୋଇଛନ୍ତି। ଅନ୍ୟପକ୍ଷରେ ସମଗ୍ର ଅଞ୍ଚଳ 'ଫ୍ଲଡପ୍ଲେନ୍ ଜୋନ୍'ରେ ଆସୁଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପୋତାଯାଇଥିବା ଅଞ୍ଚଳରେ ଦିଆଯାଇଥିବା ନିର୍ମାଣ ସଂପର୍କିତ ମାଷ୍ଟରପ୍ଲାନ୍ ଗ୍ରହଣୀୟ ନୁହେଁ ବୋଲି ଏନ୍‌ଜିଟି କହିଛନ୍ତି। ରାଜ୍ୟ ଅନ୍ୟ ପ୍ରମୁଖ ନଦୀର 'ଫ୍ଲଡପ୍ଲେନ୍ ଜୋନ୍' ଚିହ୍ନଟ ପାଇଁ ପଦକ୍ଷେପ ନେବାକୁ ଏନ୍‌ଜିଟି ସରକାରଙ୍କୁ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହାନଦୀ ଶଯ୍ୟାକୁ ବେଆଇନ ଉଲ୍ଲଘଂନ ବୋଲି ଏନ୍‌ଜିଟି କହିଛନ୍ତି। ସବୁ ପ୍ରକାର ପ୍ରତିଷେଧକ ସମଗ୍ର ୪୨୬ ➤ ପୃ-୬

# ରତ୍ନଭଣ୍ଡାର ଖୋଲିବାକୁ ବିରୋଧୀଙ୍କ ଦାବି

## ମନ୍ତ୍ରୀ କହିଲେ ରତ୍ନଭଣ୍ଡାର କିଏ ଦେଖିଛି

**ଭୁବନେଶ୍ୱର :** ରତ୍ନଭଣ୍ଡାରରେ କ'ଣ ଅଛି ? ସେଥିରେ କେତେ ପରିମାଣର ମହାପ୍ରଭୁଙ୍କ ସମ୍ପତ୍ତି ଅଛି ? ସବୁ ଠିକ୍ ଅଛି ନା ନାହିଁ ? ରତ୍ନଭଣ୍ଡାର ଖୋଲି ଏହି ସବୁ ଉତ୍ତର ପାଇବାକୁ ପ୍ରାୟ ୧୫ ଦିନ ହେବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖିଲେଣି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ। ହେଲେ ଏନେଇ ନିଷ୍ପତ୍ତି ନେଇ ପାରୁ ନାହାନ୍ତି ରାଜ୍ୟ ସରକାର। ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷିତ ଥିବା ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ରତ୍ନଭଣ୍ଡାରକୁ କିଏ ଦେଖିଛି ? ମୁଁ ଦେଖିଛି ନା ଆଉ କିଏ ଦେଖିଛନ୍ତି ? ଏଏସ୍ଆଇ ଯେଉଁ ଚିଠି ଲେଖିଛି, ତାକୁ ତର୍ଜମା କରାଯିବା



ପରେ ନିଷ୍ପତ୍ତି ନିଆଯିବ। ସବୁ ପକ୍ଷ ସହ ଆଲୋଚନା ପରେ ରତ୍ନଭଣ୍ଡାର ନେଇ କୌଣସି ନିଷ୍ପତ୍ତି ହେବ। ହେଲେ ରତ୍ନଭଣ୍ଡାରକୁ କେହି ଦେଖି ନାହାନ୍ତି ବୋଲି ହସି ହସି କହିଛନ୍ତି ଆଇନ ମନ୍ତ୍ରୀ। ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ନରସିଂହ ମିଶ୍ର। ➤ ପୃ-୬

### ମୁଖ୍ୟ ସଚିବଙ୍କୁ କେନ୍ଦ୍ରର ତାଗିଦ୍


# ସାଂସଦ, ବିଧାୟକଙ୍କୁ ଉଚିତ୍ ସମ୍ମାନ ଦିଅ

**ଭୁବନେଶ୍ୱର :** ଓଡ଼ିଶାରେ ବିଭିନ୍ନ ସମୟରେ ସାଂସଦ ଓ ବିଧାୟକମାନଙ୍କୁ ଅଫିସରମାନେ ଉପଯୁକ୍ତ ସମ୍ମାନ ଦେଉନଥିବା ନେଇ ବିରୋଧୀ ଓ ଶାସକ ଦଳର ସଭ୍ୟମାନେ ଅଭିଯୋଗ କରୁଥିବାବେଳେ ଚଳିତମାସ ୧୩ ତାରିଖରେ ମୁଖ୍ୟ ସଚିବଙ୍କୁ ଚିଠି ଲେଖି କେନ୍ଦ୍ର ସରକାର ତାଗିଦ୍ କରିଛନ୍ତି। ଏହାସହିତ ସାଂସଦ ଓ ବିଧାୟକଙ୍କ ସହ ଅଫିସରମାନଙ୍କ ଆଚରଣରେ ଯେଉଁଳି ଶିଷ୍ଟାଚାର ଓ ଉଚିତ୍ ପ୍ରକ୍ରିୟା ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ପାଳନ ହେବ ତାହା ସୁନିଶ୍ଚିତ କରିବାକୁ ମଧ୍ୟ ମୁଖ୍ୟ ସଚିବଙ୍କୁ କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ, ସେପ୍ଟେମ୍ବର ୧୩ତାରିଖରେ ରାଜ୍ୟ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ରଙ୍କୁ ୭ ପୃଷ୍ଠାର ଚିଠି ପଠାଇ କେନ୍ଦ୍ର ସରକାର ଉଭୟ ସାଂସଦ ଓ ବିଧାୟକମାନଙ୍କୁ ଅଫିସରମାନେ ଯେଉଁଳି ଉପଯୁକ୍ତ ଶିଷ୍ଟାଚାର ଓ ସମ୍ମାନ ଦେବେ ତାହା ସୁନିଶ୍ଚିତ କରାଇବାକୁ ତାଗିଦ୍ କରିଛନ୍ତି। ୨୦୧୧ ଡିସେମ୍ବର ୧ରୁ ୨୦୨୧ ମାର୍ଚ୍ଚ ୧୫ତାରିଖ ମଧ୍ୟରେ କେନ୍ଦ୍ର ସରକାର ପଠାଇଥିବା ଏ ସଂକ୍ରାନ୍ତ ୭ଟି ଚିଠି ସମ୍ପର୍କରେ ମଧ୍ୟ ଚେତାଇ ଦେଇଛନ୍ତି। ମୁଖ୍ୟ ସଚିବଙ୍କୁ କେନ୍ଦ୍ର ସରକାର ପୁଣିଥରେ ବିସ୍ତୃତ ଗାଇଡଲାଇନ୍ ପଠାଇ କହିଛନ୍ତି ଯେ, ସାଂସଦ ଓ ବିଧାୟକମାନେ ହେଉଛନ୍ତି ଲୋକଙ୍କ ଅଧିକୃତ ପ୍ରତିନିଧି। ଭାରତୀୟ ➤ ପୃ-୬

### ମନ୍ତ୍ରୀଙ୍କ ସମ୍ପତ୍ତି ତାଲିକା ଘୋଷିତ

# ନବୀନଙ୍କ ସମ୍ପତ୍ତି ୬୫ କୋଟି

**ଭୁବନେଶ୍ୱର :** ରାଜ୍ୟରେ ନିରଙ୍କୁଶ ଭାବେ ୫ ଥର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ସଂପତ୍ତି ତାଲିକା ଘୋଷଣା କରିଛନ୍ତି। ସିଏମଓ ୱେବସାଇଟରେ ସମସ୍ତ ମନ୍ତ୍ରୀଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଲିକା ପ୍ରକାଶ ପାଇଛି। ତାହା ଅନୁଯାୟୀ, ଆଜି ପର୍ଯ୍ୟନ୍ତ ତାଙ୍କ ପାଖରେ ଗାଡ଼ି ହିସାବରେ ଗୋଟିଏ ପୁରୁଣା (୧୯୮୦) ମଡେଲ୍ ଆମ୍ବାସାଡାର କାରଟିଏ ରହିଛି, ଯାହାର ମୂଲ୍ୟ ମାତ୍ର ୬ ହଜାର ୪୩୪ ଟଙ୍କା। ଗାଏମୋଟ ନବୀନଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ପ୍ରାୟ ୬୪ କୋଟି ୯୭ ଲକ୍ଷ ୮୯ ହଜାର ୨୨୦ ଟଙ୍କା। ୨୦୨୧ ଡିସେମ୍ବର ୩୧ ସୁଦ୍ଧା ମୁଖ୍ୟମନ୍ତ୍ରୀ ନବୀନ



ପଟ୍ଟନାୟକଙ୍କ ଦିଲ୍ଲୀ ଜନପଥ ବ୍ୟାଙ୍କରେ ୭୨ ଲକ୍ଷ ୮ ହଜାର ୯୩ ଟଙ୍କା ରହିଛି। ସେହିପରି ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କରେ ➤ ପୃ-୬

## ବକ୍ରବାଣୀ




କାନ୍ଦେ ଜୋଇଁପୁଅ ମନ୍ତ୍ରୀ ଲୋଭରେ
କଥା କୁହେ ସିଏ କେଡ଼େ ବାଗରେ
ବୁଲି ବୁଲି ସବୁ ଦଳ ଚାଖିଲା
ସ୍ୱାର୍ଥ ଲାଗି ଶେଷେ ମୁଣ୍ଡ ବିକିଲା
ମିଡିଆ ଦେଖେଇ ଦ୍ୱିଲ୍ଲୀକୁ ଗଲା
ଭଲା କିଛି ଦିନ ଆରାମ କଲା
କେଡ଼େ ଆଶା ନେଇ ଅଇଲା ଫେରି
ଦୁଃଖ କି ବୁଝିଲେ ଛାମୁଁ ଆମରି
ମନ୍ତ୍ରୀ ଆଶା ଯେବେ ଯାଉଚି ଛାଡ଼ି
କୁମ୍ଭାଟୁଆ ପରି ଦଉଚି ରଡ଼ି।

——— ଟୁଟୁ

# ବଢୁଛି ନମ୍ବର ପ୍ଲେଟ୍ ଟେନ୍‌ସନ୍

**ଭୁବନେଶ୍ୱର :** ତାରିଖ ପାଖଉଛି ହେଲେ ମିଳୁନି ଡେଟ୍। ନୂଆ ନମ୍ବର ପ୍ଲେଟ୍ କେମିତି ଲାଗିବ ? ତାକୁ ନେଇ ଏବେ ଚିନ୍ତାରେ ଗାଡ଼ି ମାଲିକ। କାରଣ ସମୟ ଯେତେ ବିତୁଛି ଡେଡ୍‌ଲାଇନ୍ ସେତେ ପାଖଉଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ନମ୍ବର ପ୍ଲେଟ୍ ନ ବଦଳାଇଲେ ଗଣିବାକୁ ପଡ଼ିବ ମୋଟା ଜରିମାନା। ତେଣୁ ଟେନ୍‌ସନ୍ ଅଧିକ ବଢ଼ି ଚାଲିଛି। ୧, ୨, ୩, ୪ରେ ଶେଷ ହେଉଥିବା ଗାଡ଼ି ନମ୍ବର ପାଇଁ ସେପ୍ଟେମ୍ବର ୩୦ ନୂଆ ନମ୍ବର ପ୍ଲେଟ୍ ଲଗାଇବାର ଶେଷ ଦିନ। ନ ଲଗାଇଥିଲେ ଅକ୍ଟୋବର ପହିଲାରୁ ୧୦ ହଜାର ଟଙ୍କା ଜରିମାନା ଗଣିବାକୁ ପଡିବ। ହେଲେ ନୂଆ ନମ୍ବର ପ୍ଲେଟ୍ ପାଇଁ ବୁକିଂ ହୋଇପାରୁନି। କେଉଁଠି ମାସେ ତ୍ ପୁଣି କେଉଁଠି ଦୁଇ ମାସ ପରେ ଡେଟ୍ ମିଳୁଛି। ଯାହା ଏବେ ଗାଡି ଚାଳକଙ୍କ ଅଧିକ ଚିନ୍ତା ବଢ଼ାଇ ଦେଇଛି। ଏଭଳି ସ୍ଥିତିରେ ଯେଉଁମାନେ ସେପ୍ଟେମ୍ବର ଶେଷ ସୁଦ୍ଧା ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ପାଇଁ






ଆବେଦନ କରୁଛନ୍ତି, ସେମାନଙ୍କୁ ସରକାର ରିହାତି ଦିଅନ୍ତୁ ବୋଲି ଗାଡ଼ି ମାଲିକମାନେ ଦାବି କରିଛନ୍ତି। ଏପଟେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ତିଆରି କରୁଥିବା କମ୍ପାନିଙ୍କ କହିବା କଥା, ଅକ୍ଟୋବରରୁ ନିୟମକୁ କଡ଼ାକଡ଼ି କରିବା ଲାଗି ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି ସ୍ପଷ୍ଟ କରିବା ପରେ ବଢ଼ିଛି ଆବେଦନ। ଏହାକୁ ଦୃଷ୍ଟିରେ ରଖି ସେମାନେ ଏହି ନମ୍ବର ପ୍ଲେଟ୍ର ଉତ୍ପାଦନ ବି ବଢ଼ାଇଛନ୍ତି। କିନ୍ତୁ ଆଗକୁ ପାର୍ବଣ ଥିବାରୁ ଡିଲରମାନେ ଗାଡ଼ି ବିକ୍ରିରେ ବ୍ୟସ୍ତ ରହିବେ। ଏହାଛଡ଼ା ଅନେକ ଛୁଟିଦିନ ରହିବ। ତେଣୁ ସେମାନେ ଏଚ୍‌ଏସ୍ଆରପିର ➤ ପୃ-୬

### ସରକାରଙ୍କ କୋଳରେ ଘରୋଇ ଡିଲର

# ୬ ବର୍ଷ ପରେ ବି ବଦଳୁନି ବ୍ୟବସ୍ଥା

**ଭୁବନେଶ୍ୱର :** ଘରୋଇ ଡିଲରଙ୍କ ମୋହ ଛାଡ଼ିପାରୁନାହାନ୍ତି ବିଜେଡି ସରକାର । ରାଜ୍ୟରୁ ୨ବର୍ଷ ଭିତରେ ପ୍ରାଇଭେଟ୍ (ଘରୋଇ) ଡିଲର ବ୍ୟବସ୍ଥା ଉଚ୍ଛେଦ କରିବା ପାଇଁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେବା ଓ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବାର ୬ବର୍ଷ ପରେ ସେହି ପ୍ରାଇଭେଟ୍ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲର(ଇନଷ୍ଟିଚ୍ୟୁସନାଲ ଡିଲର) ନିଯୁକ୍ତି ଦେବା ପରିବର୍ତ୍ତେ ସେମାନଙ୍କ ମାଧ୍ୟମରେ ନିଜର ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ବା ରାସନ ସାମଗ୍ରୀ ଯୋଗାଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସେପ୍ଟେମ୍ବର ୨୨ତାରିଖରେ ରାଜ୍ୟ କ୍ୟାବିନେଟ୍ ପୁଣିଥରେ ଏହି ପ୍ରାଇଭେଟ୍ ଡିଲରମାନଙ୍କୁ ସୁହାଇବା ପାଇଁ ଓଡ଼ିଶା ପିଡିଏସ୍ (କଣ୍ଟ୍ରୋଲ) ଅର୍ଡର-୨୦୧୬ରେ ଥିବା ବ୍ୟବସ୍ଥାକୁ ଆଉ ୬ମାସ



ଅର୍ଥାତ୍ ୨୦୨୩ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେବେ ଜାତୀୟ ଓ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ବଂଟନ ପାଇଁ ଘରୋଇ ଡିଲରଙ୍କ ପରିବର୍ତ୍ତେ ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ଦେବାକୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ଓ ନିଜେ ପ୍ରଣୟନ କରିଥିବା ଆଇନକୁ ମାନୁନାହାନ୍ତି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ। ସୂଚନା ଅନୁସାରେ, ଓଡ଼ିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୫ ନଭେମ୍ବର ମାସରୁ କାର୍ଯ୍ୟକାରୀ ହେବାପରେ ଜଷ୍ଟିସ ୱାଧା କମିଶନଙ୍କ ସୁପାରିଶ ଆଧାରରେ ରାଜ୍ୟରୁ ଘରୋଇ ଡିଲରଙ୍କ ପରିବର୍ତ୍ତେ ଅନୁଷ୍ଠାନିକ ଡିଲର(ଇନଷ୍ଟିଚ୍ୟୁସନାଲ ଡିଲର)ଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏନେଇ ରାଜ୍ୟ କ୍ୟାବିନେଟ ୨୦୧୬ ଫେବୃୟାରୀ ୨୬ତାରିଖରେ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (କଣ୍ଟ୍ରୋଲ) ଅର୍ଡର-୨୦୧୬କୁ ଅନୁମୋଦନ କରିଥିଲେ। ଆଉ ୨୦୧୬ ମାର୍ଚ୍ଚ ୧୬ତାରିଖରେ ରାଜ୍ୟ ଖାଦ୍ୟଯୋଗାଣ ବିଭାଗ ପକ୍ଷରୁ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (କଣ୍ଟ୍ରୋଲ) ଅର୍ଡର-୨୦୧୬ର ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାର ଅନୁଚ୍ଛେଦ ୪(୬) ଅନୁସାରେ ଉପରୋକ୍ତ 'ଅର୍ଡର-୨୦୧୬' ଅନ୍ତର୍ଗତ ➤ ପୃ-୬







### ୩୩ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

# ଚୁକ୍ତିଭିତ୍ତିକ କର୍ମଚାରୀ ନିରାଶ

**ଭୁବନେଶ୍ୱର :** ରାଜ୍ୟ କ୍ୟାବିନେଟ ୩୩ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ତେବେ ସରକାରୀ ଚାକିରିରେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଉଚ୍ଛେଦ ପାଇଁ ଦୀର୍ଘଦିନ ଧରି ଦାବି କରି ଆସୁଥିବା ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିରାଶ ହେବାକୁ ପଡ଼ିଛି। ରାଜ୍ୟ ସରକାର ୧୫ଦିନ ମଧ୍ୟରେ ସେମାନଙ୍କର ଦାବି ଉପରେ ବିଚାର କରିବେ ବୋଲି ଗତ ୧୨ତାରିଖରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କ୍ୟାବିନେଟ ବୈଠକରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମସ୍ୟା ପ୍ରସଙ୍ଗରେ କୌଣସି ପ୍ରସ୍ତାବ ଆସି ନାହିଁ କିମ୍ବା ସରକାର ଏଥିପ୍ରତି ସାମାନ୍ୟତମ ଧ୍ୟାନ ଦେଇନଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡରେ ଆୟୋଜିତ ୨୬ ମିନିଟର କ୍ୟାବିନେଟ ବୈଠକରେ ମୋଟ ୩୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ବିଭିନ୍ନ ଜିଲ୍ଲାରେ ମୋଟ ୪୦ଟି





ଉଠା ଜଳସେଚନ ପ୍ରକଳ୍ପ ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ୧୪ଟି ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟ ପାଇଁ ୫୧୧କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ଜିଲ୍ଲାର ୧୭ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବା ସହ ଜିଲ୍ଲାରେ ପାନୀୟ ଜଳ ଯୋଗାଣ ମଧ୍ୟ ସମ୍ଭବପର ହେବ। ସେହିପରି କଟକ ଓ ଅନୁଗୋଳ ଜିଲ୍ଲାରେ ୪୩୧କୋଟି ଟଙ୍କାର ୯ଟି ମେଗା ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ୧୪୩୩୦ ହେକ୍ଟର ଜମିକୁ ଜଳସେଚନ ସୁବିଧା, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ୩୬୬କୋଟି ଟଙ୍କାର ୯ଟି ମେଗା ଉଠାଜଳସେଚନ ପ୍ରକଳ୍ପରେ ୧୨୯୧୪ ହେକ୍ଟର ଜମିକୁ ଜଳସେଚନ, ପାର୍ବତୀଗିରି ଉଠା ଜଳସେଚନ ପ୍ରକଳ୍ପର ୧୮ନମ୍ବର କ୍ଲଷ୍ଟର ଅନ୍ତର୍ଗତ କଳାହାଣ୍ଡି, ବଲାଙ୍ଗିର, ବରଗଡ଼ ଓ ଗଜପତି ଜିଲ୍ଲାରେ ୧୩୫୪୭ ହେକ୍ଟର ଜମିକୁ ଜଳସେଚନ ସୁବିଧା ନିମନ୍ତେ ୪୩୦କୋଟି ଟଙ୍କା ବ୍ୟୟରେ ଉଠାଜଳସେଚନ ପ୍ରକଳ୍ପ ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ବଲାଙ୍ଗିର ଲୋଏର ସୁକତେଲ ବାମ କେନାଲରେ ଅଣ୍ଡରଗ୍ରାଉଣ୍ଡ ପାଇପ୍ ମାଧ୍ୟମରେ ୧୩ହଜାର ହେକ୍ଟର ଜମିକୁ ଜଳସେଚନ ନିମନ୍ତେ ୬୩୪କୋଟି ଟଙ୍କାର ଟେଣ୍ଡରକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହାସହିତ ଯାଜପୁର ଜିଲ୍ଲାର କୋଚଲୀ ନଦୀ ଓ ବୈତରଣୀ ନଦୀରେ ୨ଟି ବ୍ୟାରେଜ୍ ନିର୍ମାଣ ପାଇଁ ୨୦୦କୋଟି ଟଙ୍କାର ଟେଣ୍ଡରକୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହାଫଳରେ ଧାମନଗର ଓ ଦଶରଥପୁର ବ୍ଲକରେ ➤ ପୃ-୬

EKAMAATRA ଏକମାତ୍ର ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ବ୍ୟବସାୟୀଙ୍କ ପାଇଁ ସମୟ ଅନୁକୂଳ। ନୂତନ ବ୍ୟବସାୟ କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇବେ। ଉଦ୍ଧାର ଦିଅନ୍ତୁ ନାହିଁ କି ବନ୍ଧୁଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ଆତ୍ମବଳ ବୃଦ୍ଧି ହେବ। ପ୍ରତିକାର : ସୂର୍ଯ୍ୟଦେବଙ୍କ ଜଳ ଅର୍ପଣ କରନ୍ତୁ।

**ବୃଷ** ସତର୍କତାର ସହ ବ୍ୟବସାୟ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠଙ୍କ ସହଯୋଗ ପାଇବେ। ବାଣୀରେ ଲଗାମ ଦିଅନ୍ତୁ। ସଞ୍ଚୟରେ ବୃଦ୍ଧି ହେବ। ସ୍ୱଭାବରେ ନିୟନ୍ତ୍ରଣ ରଖନ୍ତୁ। ଜୀବନସାଥୀଙ୍କ ବ୍ୟବହାରରେ ଦୁଃଖି ହୋଇପାରନ୍ତି। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ମିଥୁନ** ବ୍ୟୟରେ ବୃଦ୍ଧି ହେବ। ସହକର୍ମୀଙ୍କ ସହ ସମ୍ପର୍କରେ ଅବନତି ହୋଇପାରେ। ମଧ୍ୟସ୍ଥତା କରନ୍ତୁ ନାହିଁ। ସନ୍ତାନଙ୍କ ସମୃଦ୍ଧିରେ ଆନନ୍ଦିତ ହେବେ। ପ୍ରତିକାର : ଧର୍ମ ସ୍ଥାନରେ ସେବା କରନ୍ତୁ।

**କର୍କଟ** ବ୍ୟବସାୟୀମାନେ ବ୍ୟବସାୟ ପାଇଁ କାହାକୁ କଟୁ ଶବ୍ଦ କରିପାରନ୍ତି। ସ୍ୱାସ୍ଥ୍ୟରେ ଅବନତି ଘଟିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଚିନ୍ତିତ ରହିବେ। ପ୍ରତିକାର : ଶିବଲିଙ୍ଗରେ ଗାଇ କ୍ଷୀର ଢାଳନ୍ତୁ।

**ସିଂହ** ମନ ଅସ୍ଥିର ରହିବ। ଦୀର୍ଘକାଳୀନ ବ୍ୟବସାୟରେ ଅର୍ଥ ଲଗାନ୍ତୁ। ବ୍ୟକ୍ତିଗତ ଜୀବନରେ ବନ୍ଧୁଙ୍କ ସହଯୋଗ ମିଳିବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ମିଳିପାରେ। ପ୍ରତିକାର : ତମ୍ବାପାତ୍ରରେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** ବ୍ୟବସାୟୀମାନେ କିଛି ନୂଆ ପାଇବେ। ଦୂର ଯାତ୍ରାରେ ଯାଇପାରନ୍ତି। ଆତ୍ମୀୟଙ୍କ ସହଯୋଗ ପାଇବେ। ପରିବାରର ସୁଖସୁବିଧା ପାଇଁ ଖର୍ଚ୍ଚ କରିପାରନ୍ତି। ପ୍ରତିକାର : ଗଣେଶଙ୍କୁ ଦୁବର ମାଳ ପ୍ରଦାନ କରନ୍ତୁ।

**ତୁଳା** ଋଣ ପରିଶୋଧ କରିପାରନ୍ତି। ଭାଇଭଉଣୀଙ୍କ ସହଯୋଗ ପାଇଥିବ। ସ୍ୱାସ୍ଥ୍ୟ ଉତ୍ତମ ରହିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ପ୍ରେମୀ ମାନଙ୍କ ମଧ୍ୟରେ ସହଯୋଗ ବଢ଼ିବ। ପ୍ରତିକାର : ଭଗବାନ ଶ୍ରୀହରିଙ୍କୁ ଖିରୀ ଭୋଗ ଲଗାନ୍ତୁ ଓ ବାଣ୍ଟନ୍ତୁ।

**ବିଛା** ସମସ୍ତ କାମକୁ ଏକାଗ୍ରତା ଓ ସଫଳତାରେ ପୁରା କରିବେ। ମନକଥାକୁ ଗୁପ୍ତ ରଖନ୍ତୁ। ପରିବାରର କୌଣସି ସ୍ୱାସ୍ଥ୍ୟ ବିଗିଡିପାରେ। ଭାଗ୍ୟ ଠାରୁ କର୍ମ ଉପରେ ଅଧିକ ବିଶ୍ୱାସ କରିବେ। ପ୍ରତିକାର : ହନୁମାନଙ୍କୁ ଭୋଗ ଲଗାନ୍ତୁ।

**ଧନୁ** ପୂର୍ବର ଥିବା ଜଟିଳତା ସମାଧାନ ହେବ। ବ୍ୟବସାୟ ପାଇଁ ନୂଆ ରଣନୀତି ବ୍ୟବହାର କରନ୍ତୁ। ନୂଆ ରୋଜଗାର ପାଇପାରନ୍ତି। ପରିବାର ଦାୟିତ୍ୱ ନିଅନ୍ତୁ। ପ୍ରତିକାର : ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରନ୍ତୁ।

**ମକର** ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ କରନ୍ତୁ। ନୂଆ ଚାକିରୀ ମିଳିପାରେ। କାର୍ଯ୍ୟ ବ୍ୟସ୍ତତା ଯୋଗୁ କଷ୍ଟ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ସକାଳେ ପକ୍ଷୀମାନଙ୍କୁ ଦାନା ଖୁଆନ୍ତୁ।

**କୁମ୍ଭ** ଗୁପ୍ତ ଶତ୍ରୁ ସକ୍ରିୟ ହେବେ। କିନ୍ତ ଆପଣଙ୍କ କୂଟନୀତି ତାକୁ ପ୍ରତିହତ କରିବ। ବରିଷ୍ଠ ଅଧିକାରୀଙ୍କ ସହ ସମ୍ପର୍କ ବଢ଼ିବ। ଅନାବଶ୍ୟକ କଥାରେ ପ୍ରତିକ୍ରିୟା ରଖନ୍ତୁ ନାହିଁ। ଦାମ୍ପତ୍ୟ ଜୀବନ ଆନନ୍ଦମୟ ରହିବ। ପ୍ରତିକାର : ଧର୍ମ ସ୍ଥାନରେ ବୁନ୍ଦି ପ୍ରସାଦ ଭୋଗ ଲଗାନ୍ତୁ।

**ମୀନ** କାହାଠାରୁ ଋଣ ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ପାଇଁ ସମୟ ଅନୁକୂଳ। ପରିବାରରେ ସମ୍ପର୍କ ବଢ଼ିବ। ଜୀବନସାଥିଙ୍କ ବୁଦ୍ଧିମତା କୌଣସି କଠିନ ପରିସ୍ଥିତିରୁ ବାହା କରିବ। ବୁଲାପଶୁଙ୍କ ଠାରୁ ସାବଧାନ ରହନ୍ତୁ। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ହେଟ୍ ସ୍ପିଚ୍ ପ୍ରସାର କରୁଥିବାରୁ ଗଣମାଧ୍ୟମ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ :** ହେଟ୍ ସ୍ପିଚ୍‌କୁ ନେଇ କଡା ଆଭିମୁଖ୍ୟ ପ୍ରକାଶ କରି ଗଣମାଧ୍ୟମ ଉପରେ ପ୍ରଶ୍ନ ଉଠାଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ସୁପ୍ରିମକୋର୍ଟ କହିଛନ୍ତି, ସବୁଠୁ ଅଧିକ ହେଟ୍ ସ୍ପିଚ୍ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ଆମ ଦେଶର ଗତି କୁଆଡେ ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ। ଟିଭି ଆଙ୍କର (ଉପସ୍ଥାପକ)ଙ୍କ ବଡ ଦାୟିତ୍ୱ ରହିଛି। କିନ୍ତୁ ସେମାନେ ଡକାଇଥିବା ଅତିଥିଙ୍କୁ କହିବାକୁ ସମୟ ଦେଉ ନାହାନ୍ତି। ଡିବେଟ୍‌ରେ ଘୃଣିତ ବୟାନ ଦିଆଯାଉଛି। ଏମିତିରେ କେନ୍ଦ୍ର ସରକାର ନିରବ କାହିଁକି ଅଛନ୍ତି ? ମିଡିଆ ପାଇଁ ଏକ ନିୟାମକ ସଂସ୍ଥାର ଆବଶ୍ୟକତା ରହିଛି। ସୁପ୍ରିମକୋର୍ଟ ଏହି ମାମଲାରେ କେନ୍ଦ୍ର ସରକାରଙ୍କୁ ଦୁଇ ସପ୍ତାହ ଭିତରେ ଜବାବ ଦେବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୩ ତାରିଖ ଧାର୍ଯ୍ୟ କରାଯାଇଛି। ହେଟ୍ ସ୍ପିଚ୍ ବା ଘୃଣିତ ଟିପ୍ପଣୀକୁ ନେଇ ଦାଖଲ ଆବେଦନର ଶୁଣାଣି କରି ବିଚାରପତି କେଏମ ଯୋଶେଫ କହିଛନ୍ତି, ରାଜନୈତିକ ଦଳ ଡିବେଟ୍‌କୁ ନିଜର ସବୁଠୁ ବଡ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଟିଭି ଚ୍ୟାନେଲ ରାଜନୈତିକ ଦଳଗୁଡିକ ପାଇଁ ମଞ୍ଚ ପରି କାମ କରୁଛନ୍ତି। ସବୁଠୁ ଅଧିକ ଘୃଣାଭରା ଭାଷଣ ଟିଭି, ସାମାଜିକ ଗଣମାଧ୍ୟମରେ ଦିଆଯାଉଛି। ଦୁର୍ଭାଗ୍ୟର କଥା ଆମ ନିକଟରେ ଟିଭି ଉପରେ ଲଗାମ ଲଗାଇବା ପାଇଁ କୌଣସି ନିୟାମକ ତନ୍ତ୍ର ନାହିଁ। ଏମିତି ଘୃଣିତ ବୟାନ ପାଇଁ ଇଂଲଣ୍ଡର ଏକ ଟିଭି ଚ୍ୟାନେଲ୍ ଉପରେ ମୋଟା ଅଙ୍କର ଜରିମାନା ଲଗାଯାଇଥିଲା। ବିଡମ୍ବନାର କଥା ସେମିତି ପ୍ରଣାଳୀ ଭାରତରେ ନାହିଁ। ଆଙ୍କରଙ୍କୁ ଏହା ଜଣାଇ ଦେବା



ଉଚିତ୍ ଯେ, ଯଦି ଆପଣ ଭୁଲ୍ କରୁଛନ୍ତି ତେବେ ଆପଣଙ୍କୁ ପରିଣାମ ଭୋଗିବାକୁ ପଡିବ। ସମସ୍ୟା ସେହି ସମୟରେ ଉପୁଜିଥାଏ ଯେତେବେଳେ ଆପଣ କୌଣସି କାର୍ଯ୍ୟକ୍ରମ ସମୟରେ କୌଣସି ବ୍ୟକ୍ତିଙ୍କ ସ୍ୱରକୁ ଚପାଇ ରଖନ୍ତି। ସଂପ୍ରତି ଟିଭି ଖୋଲିବା ମାତ୍ରେ କେବଳ ଏମିତି ଦୃଶ୍ୟ ହିଁ ଦେଖିବାକୁ ମିଳୁଛି। ପ୍ରତ୍ୟେକଙ୍କୁ ନିଜସ୍ୱ କାମ କରିବାର ସ୍ୱାଧୀନତା ରହିଛି। ଆଉ ଏହାର ଖୁବ୍ ଫାଇଦା ଉଠାଉଛନ୍ତି ରାଜନେତା। ଗଣତନ୍ତ୍ରରେ ଯେତୋଟି ସ୍ତମ୍ଭ ରହିଛି ସମସ୍ତେ ସ୍ୱତନ୍ତ୍ର। ଏଥିରେ ଟିଭି ଚ୍ୟାନେଲଗୁଡିକୁ ଶିକାର ହେବା ଉଚିତ୍ ନୁହେଁ ବୋଲି ବିଚାରପତି କେଏମ ଯୋଶେଫ କହିଛନ୍ତି। ସେ କହିଛନ୍ତି, ଆପଣ ଅତିଥିଙ୍କୁ ଡିବେଟ୍ କାର୍ଯ୍ୟକ୍ରମକୁ ଆମନ୍ତ୍ରିତ କରୁଛନ୍ତି ଏବଂ ସେଠାରେ ସେମାନଙ୍କୁ ଅସମ୍ମାନ କରୁଛନ୍ତି। ଏମିତି ଅବସ୍ଥା ପ୍ରାୟ ସମସ୍ତ ଚ୍ୟାନେଲରେ ଦେଖିବାକୁ ମିଳୁଛି। ଚ୍ୟାନେଲ ଗୁଡିକ ପାଇଁ ଏକ ପ୍ରଣାଳୀ ରହିବା ଉଚିତ୍। ଆଙ୍କର ଦୀର୍ଘ ସମୟ ଏବଂ ଲମ୍ବା ଲମ୍ବା ପ୍ରଶ୍ନ କରୁଛନ୍ତି, ଅଥଚ ଅତିଥିଙ୍କୁ କହିବାକୁ ଦିଅନ୍ତି ନାହିଁ। ସେମାନଙ୍କର ଉତ୍ତର ମନ ପସନ୍ଦର ହୋଇନଥିଲେ ଆଙ୍କର ସେମାନଙ୍କ ଉପରେ ଚଢି ଯାଉଛନ୍ତି। କେନ୍ଦ୍ରକୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍। ଏକ କଠୋର ନିୟାମକ ତନ୍ତ୍ର ସ୍ଥାପନ କରାଯିବା ଉଚିତ୍। ଏହା ପୂର୍ବରୁ ନିର୍ବାଚନ ସମୟରେ ହେଟ୍ ସ୍ପିଚ୍ ବା ଘୃଣିତ ବୟାନକୁ ନେଇ ସୁପ୍ରିମକୋର୍ଟରେ ନିର୍ବାଚନ ଅୟୋଗ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ କୁହାଯାଇଥିଲା ଯେ, ପ୍ରାର୍ଥୀଙ୍କ ଉପରେ ସେ ଯାଏଁ କଟକଣା ଲଗାଯାଇ ପାରିବ ନାହିଁ ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ହେଟ୍ ସ୍ପିଚ୍ ବା ଘୃଣା ଉଦ୍ରେକକାରୀ ପରିଭାଷିତ କରି ନାହିଁ। ଆୟୋଗ କେବଳ ଆଇପିସି କିମ୍ବା ଜନ ପ୍ରତିନିଧି ଆଇନର ଉପଯୋଗ କରିଥାଏ।

# ୟୁଏନ୍‌ଏସ୍‌ସିରେ ଚୀନକୁ ଭାରତର ତାଚ୍ଛଲ୍ୟ

## ଆତଙ୍କବାଦୀ ଉପରେ କାର୍ଯ୍ୟାନୁଷ୍ଠାନକୁ ନେଇ ରାଜନୀତି ନହେଉ

**ୱାଶିଂଟନ :** ମିଳିତ ଜାତିସଂଘ ସୁରକ୍ଷା ପରିଷଦ ବୈଠକରେ ଚୀନକୁ ନେଇ କଡା ଟିପ୍ପଣୀ କରିଛନ୍ତି ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ କହିଛନ୍ତି, ଶାନ୍ତି ଏବଂ ନ୍ୟାୟ ହାସଲ ପାଇଁ ଲଢେଇ ଜାରି ରଖିବା ଗୁରୁତ୍ୱପୂର୍ଣ୍ଣ। ସୁରକ୍ଷା ପରିଷଦକୁ ଏହି ସମ୍ବନ୍ଧରେ ଏକ ସନ୍ଦେଶ ଦେବା ଉଚିତ୍। ନିଜ ଦାୟିତ୍ୱରୁ ବଞ୍ଚିବା ପାଇଁ କେବେ ବି ରାଜନୀତିକୁ ବ୍ୟବହାର କରାଯିବା ଉଚିତ୍ ନୁହେଁ ବୋଲି ଜୟଶଙ୍କର ପରୋକ୍ଷରେ ଚୀନକୁ ଟାର୍ଗେଟ୍ କରି କହିଛନ୍ତି। ୟୁଏନଏସସିର ବୈଠକରେ ବୈଦେଶିକ ମନ୍ତ୍ରୀ ଡ. ଜୟଶଙ୍କର କହିଛନ୍ତି, ସବୁଠୁ ବଡ ବିଡମ୍ବନାର କଥା ଯେବେ ଦୁନିଆରେ ସବୁଠୁ ବଡ ଆତଙ୍କବାଦୀ ଉପରେ କଟକଣା ଲଗାଇବା କଥା ଉଠେ ସେହି ସମୟରେ କିଛି ଦେଶ ରାଜନୀତି କରନ୍ତି। ଦିନ ଦ୍ୱିପ୍ରହରରେ ନରସଂହାର କରୁଥିବା ଦୋଷୀଙ୍କୁ ଯଦି ବିନା ଦଣ୍ଡରେ ଛାଡି ଦିଆଯିବ ତେବେ ପରିଷଦକୁ ଏହି ବିଷୟରେ ଗମ୍ଭୀରତାର ସହ ବିଚାର କରିବା



କରିବା ଉଚିତ୍। ଏହି ସମୟରେ ଜୟଶଙ୍କର ସ୍ପଷ୍ଟ ଭାବେ ଆତଙ୍କବାଦୀଙ୍କ ପ୍ରତି ନରମ ଆଭିମୁଖ୍ୟ ଆପଣେଇବା ନେଇ ଚୀନକୁ ଆକ୍ଷେପ କରିଛନ୍ତି। ଚୀନର ନାମ ନନେଇ ଜୟଶଙ୍କର କହିଛନ୍ତି, ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ରାଜନୀତି କରାନଯାଉ। ନିକଟରେ ଚୀନ ପାକିସ୍ତାନ ଆତଙ୍କବାଦୀ ସାଜିଦ ମୀର ଉପରେ କଟକଣା ଲଗାଇବା ଭାରତ ଏବଂ ଆମେରିକାର ପ୍ରସ୍ତାବ ଉପରେ ଭିଟୋର ପ୍ରୟୋଗ କରିଥିଲା।

**ୟୁଏସ ରିସର୍ଚ୍ଚର ଦାବି**

# ଦୁନିଆରେ ହିନ୍ଦୁଙ୍କ ପ୍ରତି ହିଂସା ବଢ଼ିଛି

**ନୂଆଦିଲ୍ଲୀ :** ସାରା ଦୁନିଆରେ ହିନ୍ଦୁଙ୍କ ବିରୋଧରେ ହିଂସାରେ ବଡ଼ ଧରଣର ବୃଦ୍ଧି ରେକର୍ଡ କରାଯାଉଛି। କେବଳ ପାକିସ୍ତାନ କିମ୍ବା ମୁସଲିମ ରାଷ୍ଟ୍ର ନୁହେଁ, ବରଂ ପାଶ୍ଚାତ୍ୟ ଦେଶ ଗୁଡିକରେ ମଧ୍ୟ ହିନ୍ଦୁଙ୍କ ଉପରେ ଆକ୍ରମଣାତ୍ମକ ବ୍ୟବହାର ବୃଦ୍ଧି ପାଇଛି। ଆମେରିକାର ଏକ ବୈଜ୍ଞାନିକ ଅନୁସନ୍ଧାନ ସଂସ୍ଥା- ନେଟୱ୍ୱାର୍କ କଣ୍ଟାଜିୟନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ରିପୋର୍ଟରେ ଏହି ଦାବି କରାଯାଇଛି। ଏଥିରେ ଦାବି କରାଯାଇଛି ଯେ ଆମେରିକା ସହ ସାରା ଦୁନିଆରେ ହିନ୍ଦୁଙ୍କ ବିରୋଧରେ ଘୃଣା ଏବଂ ହିଂସା ମାମଲାରେ ୧୦୦୦ ପ୍ରତିଶତ ବୃଦ୍ଧି ଘଟିଛି। ନେଟୱ୍ୱାର୍କ କଣ୍ଟାଜିୟନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ସହ-ପ୍ରତିଷ୍ଠାତା ଜୋଏଲ ଫିଙ୍କେଷ୍ଟାଇନ ଅନୁସାରେ, ହିନ୍ଦୁ ବିରୋଧୀ ଟିପ୍ପଣୀରେ ଗତ କିଛି ସମୟରେ ଏକ ହଜାର ପ୍ରତିଶତ ବୃଦ୍ଧି ପାଇଛି। ହିନ୍ଦୁଙ୍କ ବିରୋଧରେ ମିମ୍ସ ଏବଂ ଅନ୍ୟ ପ୍ରକାର ଟିପ୍ପଣୀ କରାଯାଇ ସେମାନଙ୍କ ବିରୋଧରେ ଘୃଣା ପ୍ରଚାର କରାଯାଉଛି। ଏଥିରେ ହ୍ୱାଇଟ୍ ସୁପରମେସିଷ୍ଟ (ଗୋରା ଲୋକେ) ଏବଂ ଇସଲାମ ସହ ଜଡିତ ଲୋକେ ସବଠୁ ଆଗରେ ଅଛନ୍ତି। ଏହାଛଡା ଭିନ୍ନ ଭିନ୍ନ ମାଧ୍ୟମରେ ଭାରତୀୟ ମୁଖ୍ୟତଃ ହିନ୍ଦୁଙ୍କ ବିରୋଧରେ ଘୃଣା ସୃଷ୍ଟି କରାଯାଉଛି। ସଂସ୍ଥା ସୋସିଆଲ ମିଡିଆ ଚ୍ୟାନେଲ୍ସର ପରିଣାତ୍ମକ ବିଶ୍ଳେଷଣ ଆଧାରରେ ହିନ୍ଦୁଙ୍କ ବିରୋଧରେ




କରାଯାଇଥିବା ପ୍ରୋପାଗଣ୍ଡା ଡାଟା ପ୍ରସ୍ତୁତ କରିଛି। ଏହା ଅନୁସାରେ, ଆମେରିକା, ଭାରତ, କାନାଡା, ବ୍ରିଟେନ ଏବଂ ଅଷ୍ଟ୍ରେଲିଆରେ ହିନ୍ଦୁଙ୍କ ବିରୋଧରେ ଘୃଣା ସୃଷ୍ଟି କରୁଥିବା ଲୋକଙ୍କ ସଂଖ୍ୟା ସବୁଠୁ ଅଧିକ ରହିଛି। ମୁଖ୍ୟତଃ ଆମେରିକାରେ ଏହି ସମୁଦାୟ ବିରୋଧରେ ଘୃଣା ପ୍ରଚାର କରୁଥିବା ଲୋକଙ୍କ ସଂଖ୍ୟାରେ ସବୁଠୁ ଅଧିକ ବୃଦ୍ଧି ଘଟିଛି। ଏକ ସୀମିତ ଡାଟା ଅନୁସାରେ, ଆମେରିକାରେ ହିନ୍ଦୁଙ୍କ ପ୍ରତି ଘୃଣା ଥିବାର ପ୍ରାୟ ୧୨ ହଜାର କମେଣ୍ଟ ମିଳିଛି। ଅନ୍ୟପଟେ ନିଜ ଦେଶରେ ଅର୍ଥାତ ଭାରତରେ ହିନ୍ଦୁ ସମୁଦାୟ ବିରୋଧରେ ପ୍ରାୟ ୫୦୦୦ରୁ ଅଧିକ କମେଣ୍ଟ ହୋଇଛି। ଏହା ପଛକୁ କାନାଡା ଏବଂ ବ୍ରିଟେନ ରହିଛନ୍ତି। ସେହିପରି ଅଷ୍ଟ୍ରେଲିଆରେ ହିନ୍ଦୁଙ୍କ ବିରୋଧରେ ୨ ହଜାରରୁ ଅଧିକ ଟିପ୍ପଣୀ କରାଯାଇଛି।

## ପୃଥିବୀରେ ବାସ କରୁଛନ୍ତି ୧୨ ହଜାର ଜାତିର ୨୦ କ୍ୱାଡ୍ରିଲିୟନ୍ ପିମ୍ପୁଡ଼ି



**ନୂଆଦିଲ୍ଲୀ:** ବିଶ୍ୱରେ ଘୁରି ବୁଲୁଥିବା ପିମ୍ପୁଡ଼ିଙ୍କ ସଂଖ୍ୟା ୨୦ 'କ୍ୱାଡ୍ରିଲିୟନ୍' (୨୦ରେ ୧୫ଟି ଶୂନ୍ ଦେଲେ ଯେତେ ହେବ) ବୋଲି ହଙ୍ଗ୍‌କଙ୍ଗ୍ର ଗବେଷକମାନେ ଆକଳନ କରିଛନ୍ତି। ଗବେଷକ ଦଳ କହିଛନ୍ତି, ପିମ୍ପୁଡ଼ିମାନଙ୍କ ବିଷୟରେ ଆଶ୍ଚର୍ଯ୍ୟଜନକ ତଥ୍ୟାବଳି ଅନେକ ପ୍ରକୃତିବିତ୍‌ଙ୍କୁ ସେମାନଙ୍କର ପ୍ରକୃତ ସଂଖ୍ୟା ଜାଣିବାକୁ ପ୍ରେରିତ କରିଥିଲା। କିନ୍ତୁ, ସେଥିରେ ସୁବ୍ୟବସ୍ଥିତ ଏବଂ ପର୍ଯ୍ୟବେକ୍ଷଣ ଆଧାରିତ ହିସାବ ନ ଥିଲା। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ପିମ୍ପୁଡ଼ିଙ୍କ ସାନ୍ଦ୍ରତା (ଗହଳି) ମାପ କରାଯାଇ ୪୮୯ ଅଧ୍ୟୟନରୁ ପ୍ରାପ୍ତ ତଥ୍ୟାବଳିକୁ ଏକତ୍ର କରାଯିବା ପରେ ସେମାନଙ୍କ ସଂଖ୍ୟା ୨୦ କ୍ୱାଡ୍ରିଲିୟନ୍ ବୋଲି ଗବେଷକମାନେ ଉଲ୍ଲେଖ କରିଛନ୍ତି। ଗବେଷକମାନଙ୍କର ଏହି ଅଧ୍ୟୟନର ସାରାଂସ 'ଜର୍ଣ୍ଣାଲ୍ ପ୍ରୋସିଡିଙ୍ଗ୍ସ ଅଫ୍ ଦି ନ୍ୟାସ୍ନାଲ୍ ଏକାଡେମି ଅଫ୍ ସାଇନସ୍ସ୍'ରେ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ ଅଛି ଯେ, ପୃଥିବୀର ସବୁ ପ୍ରାନ୍ତରେ ପିମ୍ପୁଡ଼ିଙ୍କ ସଂଖ୍ୟାରେ ଆକାଶପାତାଳ ପ୍ରଭେଦ ଅଛି। ବିଷୁବକ୍ରାନ୍ତୀୟ ଅଞ୍ଚଳରେ ସବୁଠୁ ଅଧିକ ସଂଖ୍ୟକ ପିମ୍ପୁଡ଼ି ଥିବା ବେଳେ ସେଠାରେ ସେମାନଙ୍କ ବସତିରେ ମଧ୍ୟ ୬ ଗୁଣ ଫରକ ରହିଛି। ହଙ୍ଗ୍‌କଙ୍ଗ୍ ବିଶ୍ୱବିଦ୍ୟାଳୟର 'ସ୍କୁଲ୍ ଅଫ୍ ବାୟୋଲୋଜିକାଲ୍ ସାଇନସ୍ସ୍'ର ଏହି ଗବେଷକ ଦଳ ଆହୁରି ମଧ୍ୟ ହିସାବ କରିଛନ୍ତି ଯେ, ବିଶ୍ୱରେ ଥିବା ସମୁଦାୟ ପିମ୍ପୁଡ଼ିଙ୍କ ଓଜନ ୧୨ ନିୟୁତ ଟନ୍। ଏହି ଅଧ୍ୟୟନ ସ୍ଥଳଭାଗର ଜୀବଜଗତ୍ ବ୍ୟବସ୍ଥାରେ ପିମ୍ପୁଡ଼ିମାନେ ନିର୍ବାହ କରୁଥିବା ପ୍ରମୁଖ ଭୂମିକା ଦର୍ଶାଇଛନ୍ତି। ପରିବେଶ ପାଇଁ ଏତେ ସଂଖ୍ୟକ ପିମ୍ପୁଡ଼ିଙ୍କର ଯଥେଷ୍ଟ ଗୁରୁତ୍ୱ ରହିଛି। ୧୦୦ ନିୟୁତ ବର୍ଷରୁ ଅଧିକ ବର୍ଷ ତଳୁ ପିମ୍ପୁଡ଼ିମାନଙ୍କର ବିଭିନ୍ନ ପ୍ରଜାତି ବିଶ୍ୱରେ ବସବାସ କରିଆସୁଛନ୍ତି ଓ ହଜାର ହଜାର ବର୍ଷର ଧରି ବିବର୍ତ୍ତିତ (ଧୀରେ ଧୀରେ ଉନ୍ନତସ୍ତରକୁ ଆସିବା) ହୋଇଆସୁଛନ୍ତି। ସମଗ୍ର ବିଶ୍ୱରେ ୧୨,୦୦୦ ପ୍ରଜାତିର ପିମ୍ପୁଡ଼ି ଥିବା କଥା ଗବେଷକମାନେ କହିଛନ୍ତି।

# ସମ୍ମୁଖଭାଗ ଯୁଦ୍ଧ ତୋପ ପାଇଁ ୧୭ ହଜାର କୋଟିର ବ୍ରହ୍ମୋସ ମିସାଇଲ ଡିଲ୍

**ନୂଆଦିଲ୍ଲୀ :** ଅତିରିକ୍ତ ବ୍ରହ୍ମୋସ ସୁପରସୋନିକ କ୍ରୁ ମିସାଇଲର ସପ୍ଲାଏ ପାଇଁ ପ୍ରତିରକ୍ଷା ବିଭାଗ ୧୭ ହଜାର କୋଟିର ଡିଲ୍ କରିଛି। ୨୯୦ କିମି ଲକ୍ଷ୍ୟ ଭେଦର କ୍ଷମତା ରଖିଥିବା ଏହି ବ୍ରହ୍ମୋସ ମିସାଇଲ ନୌସେନାର ସମ୍ମୁଖଭାଗରେ ନିୟୋଜିତ ଯୁଦ୍ଧ ତୋପରେ ଖଞ୍ଜାଯିବ। ଏହି ସୁପରସୋନିକ ବ୍ରହ୍ମୋସ ମିସାଇଲ ଉଭୟ ସ୍ଥଳ ଭାଗରୁ ସ୍ଥଳ ଭାଗ ଓ ଜାହାଜ ବିଧ୍ୱଂସ କରିବାର କ୍ଷମତା ରଖିଛି। ଏହାକୁ




ହାସଲ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅସ୍ତ୍ର କିଣୁଥିବା ୱିଙ୍ଗ ଓ ଏମ/ଏସ ବ୍ରହ୍ମୋସ ଏରୋସ୍ପେଶ ପ୍ରାଇଭେଟ ଲିଃ ୧୭ ହଜାର କୋଟିର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବ୍ରହ୍ମୋ ମିସାଇଲ ସାମିଲ ହେବା ପରେ ନୌସେନାର ଅପରେସନ ଦକ୍ଷତା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥା ଦେଶରେ ତିଆରି କରିବା ଲକ୍ଷ୍ୟକୁ ମଧ୍ୟ ଏହି ଚୁକ୍ତି ପ୍ରୋତ୍ସାହିତ କରିଛି। କାରଣ ଭାରତରେ ହିଁ ଏହି ସବୁ ମିସାଇଲ ଉତ୍ପାଦନ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଶବ୍ଦ ଠାରୁ ୩ ଗୁଣା ଦ୍ରୁତ ଗତିରେ ଲକ୍ଷ୍ୟ ଭେଦ କରିବାରୁ କ୍ଷମତା ରଖିଥିବା ଏହି ଅଣ ଆଣବିକ ମୁସାଇଲ ଭାରତୀୟ ସେନାରେ ପ୍ରାୟ ବର୍ଷକ ତଳୁ ରହି ଆସିଛି। ଏଥିପାଇଁ ବର୍ତ୍ତମାନ ସୁଦ୍ଧା ୩୮ ହଜାର କୋଟିର ଚୁକ୍ତି ହୋଇ ସାରିଲାଣି। ସ୍ଥଳ ସେନା ହାସଲ କରିଥିବା ବ୍ରହ୍ମୋସ ମିସାଇଲକୁ ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଥିବା ଟ୍ୟାଙ୍କ ଓ ତୋପରେ ଖଞ୍ଜା ଯାଇଛି। ଏହି ଅଞ୍ଚଳରେ ଚାଇନା ସହ ବିବାଦ ଲାଗି ରହିଥିବାରୁ ଭାରତୀୟ ସେନା ବ୍ରହ୍ମୋସ ମିସାଇଲକୁ ନିଜ ପାଖରେ ରଖିଛି।

**୫୦୦ ବର୍ଷରେ ସବୁଠୁ ବଡ଼ ମରୁଡ଼ି**

# ୟୁରୋପ, ପୂର୍ବ ଆଫ୍ରିକା ସ୍ଥିତି ସାଙ୍ଘାତିକ

**ନୂଆଦିଲ୍ଲୀ :** ଏଥର ଗ୍ରୀଷ୍ମଋତୁରେ ସମଗ୍ର ୟୁରୋପ ଓ ଚୀନ୍‌ର ଅଧିକାଂଶ ଭାଗ ଅତ୍ୟଧିକ ଉତ୍ତାପରେ ଛଟପଟ। ଆଫ୍ରିକାରେ ଅସ୍ୱାଭାବିକ ଶୁଖିଲା ପାଗ ଯୋଗୁଁ କୋଟି କୋଟି ଲୋକ ଦୁର୍ଭିକ୍ଷ ଜ୍ୱାଳାରେ କଳବଳ। ଆମେରିକାର ପୂରା ପଶ୍ଚିମ ଭାଗ ଅତି ସ୍ୱଳ୍ପ ବୃଷ୍ଟିର ସାମ୍ନା କରୁଛି। ମୋଟାମୋଟି ଭାବେ ପାଖାପାଖି ଅଧା ବିଶ୍ୱ ବର୍ତ୍ତମାନ ମରୁଡ଼ି ଆଁରେ। ୟୁରୋପୀୟ ସଂଘର ପରିବେଶ କାର୍ଯ୍ୟକ୍ରମ କୋପରନିକସ୍ ରିପୋର୍ଟ ଅନୁଯାୟୀ ୟୁରୋପରେ ବିଗତ ୫୦୦ ବର୍ଷ ମଧ୍ୟରେ ସବୁଠୁ ବଡ଼ ମରୁଡ଼ି ଦେଖାଦେଇଛି। ଚଳିତବର୍ଷ ଅଗଷ୍ଟ ମଧ୍ୟଭାଗ ପରଠାରୁ ପ୍ରାୟ ଅଧା ୟୁରୋପରେ 'ମୃତ୍ତିକା ଆର୍ଦ୍ରତା ଅଭାବ' ପରିଲକ୍ଷିତ ହୋଇଛି। ବୈଜ୍ଞାନିକଙ୍କ ମୁତାବକ ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ୟୁରୋପ ଏଭଳି ସ୍ଥିତିର ସାମ୍ନା କରିଛି। ଏହି ସ୍ଥିତି ଏତେ ଶୀଘ୍ର ସୁଧୁରିବା ଆଶା କ୍ଷିଣ। ବରଂ ଆଗକୁ ଆହୁରି ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ। ଏହାଯୋଗୁ ଦୀର୍ଘମିଆଦୀ ଭାବେ ଚାଷ, ପରିବହନ ଓ ଶକ୍ତି ଉତ୍ପାଦନ ପ୍ରଭାବିତ ହେବ। ୟୁରୋପର ପ୍ରମୁଖ ନଦୀ ତଥା ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ରୁଟ୍ ବୋଲାଉଥିବା ରାଇନ୍ ନଦୀର ଜଳ ଏଥର ଗ୍ରୀଷ୍ମରେ ସର୍ବନିମ୍ନ ସ୍ତରକୁ ଖସିଆସିଛି। ଏହାଯୋଗୁ ଜାହାଜରେ ମାଲ ପରିବହନ ବାଧାପ୍ରାପ୍ତ ହୋଇଛି। ଯାହା କି ଖାଦ୍ୟ ସଂକଟର ଅନ୍ୟତମ କାରଣ ସାଜିଛି। ଚଳିତବର୍ଷ ଜୁନ୍ ଓ ଅଗଷ୍ଟ ମଧ୍ୟର ଅବଧି ସବୁଠୁ ଉତ୍ତପ୍ତ ପାଗ ରହିଥିଲା। ଏହା ଆହୁରି ୩ ମାସ ଧରି ଲାଗି ରହିବା ନେଇ ଅଗଷ୍ଟରେ ୟୁରୋପୀୟ ସଂଘ ପକ୍ଷରୁ ଆକଳନ କରାଯାଇଥିଲା। ଅତୀତରେ ୟୁରୋପରେ ଅନେକ ଥର ମରୁଡ଼ି ହୋଇଛି। କିନ୍ତୁ ଉତ୍ତପ୍ତ ଗ୍ରୀଷ୍ମ ଏବଂ ରେକର୍ଡ ତାପମାତ୍ରା ଯୋଗୁଁ କିଛି ବର୍ଷ ହେବ ମରୁଡ଼ି ପରିସ୍ଥିତି ଭୟାନକ ପାଲଟିଛି। ପୋଷ୍ଟଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚର ଡ. ଫ୍ରେଡ୍ ହ୍ୟାଟର୍ମ୍ୟାନ୍ କହିଛନ୍ତି, ୟୁରୋପ ଲଗାତର ୫ ବର୍ଷ ହେଲା ମରୁଡ଼ି ସାମ୍ନା କରୁଛି। କିନ୍ତୁ ଚଳିତବର୍ଷ ଏହା ସବୁଠୁ ଖରାପ ସ୍ଥିତି ସୃଷ୍ଟି କରିଛି। କେବଳ ବର୍ଷା ପରିମାଣ କମିବା ଯୋଗୁ ଏଭଳି ହୋଇନାହିଁ। ବରଂ ଅଧିକ ତାପମାତ୍ରା ଦ୍ୱାରା ମୃତ୍ତିକାର ଆର୍ଦ୍ରତା ହ୍ରାସ ପାଇବା ଯୋଗୁ ମରୁଡ଼ି ସୃଷ୍ଟି ହୋଇଛି। ଏପଟେ ଏସୀୟ ଦେଶ ଚୀନ୍‌ରେ ଏ ବର୍ଷ ଉଚ୍ଚ ତାପମାତ୍ରାର ଅବଧି ଲମ୍ବିବାରେ ଲାଗିଛି। ଏହା ଦୁଇମାସ ଅଧିକ ହୋଇଛି। ୧୯୬୦ ଦଶକ ପରଠାରୁ ଏହା ସର୍ବାଧିକ। ଅତ୍ୟଧିକ ଗରମ ଯୋଗୁ ୟାଙ୍ଗଜେ ନଦୀର ଜଳସ୍ତର ଆଶାତୀତ ହ୍ରାସ ପାଇଛି। ବିଶେଷକରି ଉହାନ୍‌ଠାରେ ଏହି ନଦୀ ପ୍ରାୟତଃ ଶୁଖିଲା ପଡ଼ିଛି।



ଚଳିବତର୍ଷ ଅଗଷ୍ଟରେ ୟାଙ୍ଗଝେ ନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସ୍ୱାଭାବିକ ତୁଳନାରେ ୬୦% କମ୍ ବର୍ଷା ହୋଇଛି। ଦକ୍ଷିଣ ଚୀନ୍‌ରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଉତ୍ତର ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସୃଷ୍ଟି କରିଛି। ୧୯୬୧ ପରଠାରୁ ଉତ୍ତର ଚୀନ୍‌ରେ ଥିବା ଲିଆଓ ନଦୀରେ ଜଳସ୍ତର ରେକର୍ଡ ସ୍ତର ପାର୍ କରିଛି। ତେବେ ମୋଟାମୋଟି ଭାବେ ୨୦୧୨ ପରଠାରୁ ଦେଶବ୍ୟାପୀ ବର୍ଷା ବୃଦ୍ଧି ପାଇଛି। ଜୁଲାଇରେ ଚୀନ୍ ସରକାର ୮ଟି ମରୁଡ଼ି ସତର୍କତା ଜାରି କରିଥିଲା ବେଳେ ୧୩,୦୦୦ରୁ ଅଧିକ ଭାରୀ ବର୍ଷା ସତର୍କତା ଜାରି କରିଥିଲେ। ୨୦୧୯ରେ ୨୮ ମରୁଡ଼ି ଓ ୧୦,୦୦୦ ପ୍ରବଳ ବର୍ଷା ନେଇ ଆଶଙ୍କା କରାଯାଇଥିଲା। ଗୋଟିଏ ଦେଶରେ ଏକସଙ୍ଗେ ପ୍ରବଳ ଥଣ୍ଡା ଓ ଗରମ ଅନୁଭୂତ ହେବା ପାଇଁ ଜଳବାୟୁ ପରିବର୍ତ୍ତନ ହିଁ ଦାୟୀ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଆଫ୍ରିକାରେ ଏବେ ଦୁର୍ଭିକ୍ଷ ପରିସ୍ଥିତି ଉପୁଜିଛି। ପୂର୍ବ ଇଥିଓପିଆ, ଉତ୍ତର କେନିୟା ଏବଂ ସୋମାଲିଆରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବା ଯୋଗୁ ୨.୨ କୋଟି ଲୋକ ଦୁର୍ଭିକ୍ଷର ଶିକାର ହୋଇଛନ୍ତି। ଆଫ୍ରିକାରେ ଲଗାତର ତୃତୀୟ ବର୍ଷ ପାଇଁ ସବୁଠୁ କମ୍ ବର୍ଷା ହୋଇଥିବା ବେଳେ ଅତ୍ୟଧିକ ତାପମାତ୍ରା ଅନୁଭୂତ ହୋଇଛି। ସୋମାଲିଆରେ ମାର୍ଚ୍ଚରୁ ମେ' ମଧ୍ୟରେ ହୋଇଥିବା ବର୍ଷା ପରିମାଣ ୬ ଦଶନ୍ଧି ମଧ୍ୟରେ ସର୍ବନିମ୍ନ ବୋଲି ଜଣାପଡ଼ିଛି। ଡିଆର୍ କଙ୍ଗୋ ଓ ଉଗାଣ୍ଡାର ଅଧିକାଂଶ ଅଞ୍ଚଳରେ ହାରାହାରି ତୁଳନାରେ ଅଧିକ ଶୁଖିଲା ପାଗ ଦେଖିବାକୁ ମିଳିଛି। ରିପୋର୍ଟ ମୁତାବକ ଦକ୍ଷିଣ ସୁଦାନ, ମୌରିଟାନିଆ ଏବଂ ସେନେଗଲ୍ ଭଳି କିଛି ରାଷ୍ଟ୍ରରେ ମୃତ୍ତିକାର ଆର୍ଦ୍ରତା ସର୍ବାଧିକ ରହିବା ଯୋଗୁ ପ୍ରବଳ ବର୍ଷା ଓ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଦକ୍ଷିଣ ଆଫ୍ରିକାର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକ ସ୍ତରଠାରୁ ଅଧିକ ବର୍ଷା ହୋଇଛି। ଯାହା ଚାଷ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ବିଶ୍ୱବ୍ୟାଙ୍କ ରିପୋର୍ଟ ୨୦୨୧ ମୁତାବକ ୧୯୭୦-୭୯ ତୁଳନାରେ ମରୁଡ଼ି ଓ ବନ୍ୟା ସଂଖ୍ୟା ୨୦୧୦-୨୦୧୯ରେ ପାଖାପାଖି ୩ ଗୁଣା ବଢ଼ିଛି। ସେହିଭଳି ପଶ୍ଚିମ ଆମେରିକାରେ ମରୁଡ଼ି ସ୍ଥିତି ସ୍ୱାଭାବିକ ଘଟଣା ପାଲଟିଛି। ୧,୨୦୦ ବର୍ଷ ମଧ୍ୟରେ ଏହି ସ୍ଥିତି ସବୁଠୁ ଖରାପ ଥିବା କୁହାଯାଉଛି। ଏ ବର୍ଷ ଶୁଖିଲା ପାଗ ଓ ଜଙ୍ଗଲ ନିଆଁ ଯୋଗୁ ଜଳ ସ୍ତର ହ୍ରାସ ପାଇଛି। ଆରିଜୋନା ଓ ଉଟାହରେ ଥିବା ଲେକ୍ ପାୱେଲରେ ୧୯୬୦ ଦଶକରୁ ସର୍ବନିମ୍ନ ବର୍ଷା ରେକର୍ଡ ହୋଇଛି। ଆଗାମୀ ଦଶନ୍ଧିଗୁଡ଼ିକରେ ସ୍ୱାଭାବିକ ବର୍ଷା ତୁଳନାରେ ସ୍ୱଳ୍ପ ବର୍ଷା ହେବା ନେଇ ଜଳବାୟୁ ମଡେଲ୍‌ରେ ଆକଳନ କରାଯାଇଛି।

# ଖୋଲିବ ୯ ନୂଆ ଅବକାରୀ ଥାନା, ୧୩ ଅବକାରୀ ରେଞ୍ଜ

**ଭୁବନେଶ୍ୱର :** ରାଜ୍ୟରେ ୯ଟି ନୂଆ ଅବକାରୀ ଥାନା, ୧୩ଟି ନୂଆ ଅବକାରୀ ରେଞ୍ଜ ଅଫିସ୍ ଓ ୪୫୭ଟି ନୂଆ ଅବକାରୀ ପଦବୀ ସୃଷ୍ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହାସହିତ ଓଡ଼ିଶା ଖଣି ନିଗମ ମାଧ୍ୟମରେ ଚୂନପଥର ଆବଶ୍ୟକ କରୁଥିବା ଶିଳ୍ପ ସଂସ୍ଥାଗୁଡ଼ିକୁ ଦୀର୍ଘମିଆଦି ଯୋଜନାରେ ଚୂନପଥର(କଂଚାମାଲ) ଯୋଗାଣ କରିବା ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ଅବକାରୀ କ୍ୟାଡ଼ରର ପୁର୍ନଗଠନ ସହ ଅବକାରୀ ବିଭାଗକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ନିମନ୍ତେ ନୂଆ ଥାନା ସୃଷ୍ଟି ସହ ରେଞ୍ଜ ଅଫିସ୍ ଖୋଲିବା ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ମିଳିଛି। ଗୋପାଳପୁର, ଖପ୍ରାଖୋଲ, ମୋହନା, ଦାରିଙ୍ଗିବାଡ଼ି, ଯୋଡ଼ା, ହାଟଡିହି, ମୁନିଗୁଡ଼ା, କୋଇଡ଼ା ଓ ସୁକୁରୁଲିରେ ୯ଟି ନୂଆ ଅବକାରୀ ଥାନା ସମେତ ଜଳେଶ୍ୱର, ବାସୁଦେବପୁର, ସାଲେପୁର, କାମାକ୍ଷାନଗର, ଆର ଉଦୟଗିରି, ଭଞ୍ଜନଗର, ପାରାଦୀପ, ଯାଜପୁର ରୋଡ୍, ଭୁବନେଶ୍ୱର-୨, ନନ୍ଦପୁର, ନିମାପଡ଼ା, ରେଢ଼ାଖୋଲ ଓ ବଡ଼ଗାଁରେ ୧୩ଟି ରେଞ୍ଜ ଅଫିସ୍ ସ୍ଥାପନ ଏବଂ କଟକ, ବ୍ରହ୍ମପୁର ଓ ସମ୍ବଲପୁରଠାରେ ଇଆଇ ଓ ଇବି ୟୁନିଟ୍ ଅଧୀନରେ ୩ଟି ନୂଆ ସାଟେଲାଇଟ୍ ୟୁନିଟ୍ ଯଥାକ୍ରମେ ବାଲେଶ୍ୱର, ଜୟପୁର ଓ ରାଉରକେଲାରେ ସ୍ଥାପନ ନିଷ୍ପତ୍ତିକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ କରିଛନ୍ତି। ଏହାସହିତ ଅବକାରୀ ଅଧୀକ୍ଷକରୁ ଅବକାରୀ ସିପାହୀ ପର୍ଯ୍ୟନ୍ତ ମୋଟ ପଦବୀ ସଂଖ୍ୟା ୨୧୯୭ରୁ ୨୬୫୪କୁ ବୃଦ୍ଧି, ଅବକାରୀ କମିଶନରଙ୍କ ଅଫିସରେ ମୋଟ ପଦବୀ ୩୯ରୁ ୪୯କୁ ବୃଦ୍ଧି, ଅବକାରୀ ଅମଲା କ୍ୟାଡ଼ରରେ ୫୨ରୁ ୭୨କୁ ପଦବୀ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସେହିପରି ଇଡକଲ୍ ଓ ଓଏମସିର ମିଶ୍ରଣ ୨୦୨୨ ଅଗଷ୍ଟ




୧୬ତାରିଖରୁ ହୋଇଥିବାବେଳେ ଇଡକଲର ପ୍ରସ୍ତାବକୁ ବିଚାରକୁ ନେଇ ଏବେ ଚୂନପଥରକୁ ଦୀର୍ଘକାଳୀନ ସଂଯୋଗୀକରଣ ନୀତି (ଲଙ୍ଗଟର୍ମ ଲିଙ୍କେଜ୍ ପଲିସି)ରେ ସାମିଲ କରିବା ଓ ଓଏମସି ମାଧ୍ୟମରେ ଓଡ଼ିଶାର ଶିକ୍ଷାନୁଷ୍ଠାନକୁ ଚୂନପଥର ବିକ୍ରି ନିମନ୍ତେ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛନ୍ତି। ଅମ୍ପାଭାଲି ଚୂନପଥର ଖଣି ଓ ଭବିଷ୍ୟତରେ ନିଲାମ ମାଧ୍ୟମରେ ମିଳିବାକୁ ଥିବା ଚୂନପଥରକୁ ଓଏମସି ରାଜ୍ୟର ଶିଳ୍ପ ସଂସ୍ଥାକୁ ସେମାନଙ୍କ ଆବଶ୍ୟକତା ଅନୁସାରେ ଚୂନପଥର ନିରନ୍ତର ଯୋଗାଣ(ବିକ୍ରି) କରିବ। ଓଏମସି ରାଜ୍ୟ ସରକାରଙ୍କ ଉଦ୍ୟୋଗ ହୋଇଥିବାରୁ ଏହି ନିଷ୍ପତ୍ତି ରାଜ୍ୟର ରାଜସ୍ୱ ବୃଦ୍ଧିରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଆଇଟି କମ୍ପାନୀଗୁଡ଼ିକୁ ଆକୃଷ୍ଟ କରିବା ନିମନ୍ତେ ଆଇଟି ଟାୱାରରେ ଥିବା ସ୍ଥାନର ଲିଜ୍ ଭଡ଼ାକୁ ସଂଶୋଧନ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସମସ୍ତ ଆଇଟି ଟାୱାରରେ କୋର ସ୍ପେସ୍ ପାଇଁ ଭଡ଼ା ଦେୟ ୨୦ଟଙ୍କା ପ୍ରତି ବର୍ଗଫୁଟ କାର୍ପେଟ ଏରିଆ ଉପରେ ସ୍ଥିର ହୋଇଛି। ଯେଉଁଥିରେ ସୁପର ବିଲଡ୍ ଅପ ଏରିଆରେ ଉପଯୋଗିତାର ବ୍ୟବହାର ନିମନ୍ତେ ଅତିରିକ୍ତ ୧୦%ର ବ୍ୟବସ୍ଥା ହୋଇଛି। ଭଡ଼ା ସଂଶୋଧନ ବିଜ୍ଞପ୍ତି ପ୍ରକାଶ ପାଇବାର ୫ବର୍ଷ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ଓ ସରକାର ଚାହିଁଲେ ଏହି ସଂଶୋଧନରେ ଥିବା ନିୟମକୁ ପରିବର୍ତ୍ତନ କରିପାରିବେ। ସେହିପରି ଜଟଣୀର ଜାମୁକୋଲିଠାରେ କେନ୍ଦ୍ରୀୟ ହୋମିଓପ୍ୟାଥି ଗବେଷଣା କେନ୍ଦ୍ର ସ୍ଥାପନ ପାଇଁ ମାଗଣା ପ୍ରିମିୟମରେ ୫ଏକର ସରକାରୀ ଜମି ଆବଂଟନ, ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଭିତ୍ତିଭୂମି ବିକାଶ ନିମନ୍ତେ ୫୦.୩୪ଏକର ସରକାର ଜମି ଆବଂଟନ ଓ ଭୁବନେଶ୍ୱରର ଅନ୍ଧାରୁଆ ମୌଜାରେ ନ୍ୟାସନାଲ ସେଂଟର ଫର ଡିଜିଜ୍ କଂଟ୍ରୋଲ(ଏନସିଡିସି)କୁ ୩.୧୨୫ଏକର ଜମି ମାଗଣା ପ୍ରିମିୟମରେ ରାଜ୍ୟ ସରକାର ଯୋଗାଇ ଦେବେ। କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି ଓଡ଼ିଶାରେ ଥିବା ୨ଟି ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ନାମଲେଖା ନିମନ୍ତେ କ୍ରୀଡ଼ା ଛାତ୍ରାବାସର ଶିକ୍ଷାର୍ଥୀଙ୍କ ପାଇଁ ୧୫% ସଂରକ୍ଷଣ ରହିବ। କ୍ରୀଡ଼ା ବିଭାଗ ଅଧୀନରେ ଥିବା ଏହି ଦୁଇଟି ସରକାରୀ ମହାବିଦ୍ୟାଳୟରେ ଭର୍ତ୍ତି ହେବା ନିମନ୍ତେ ଏହା କ୍ରୀଡ଼ା ଛାତ୍ରାବାସରୁ ପାସ୍ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଲାଭଦାୟୀ ହେବ। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି।

## ଗାଡ଼ିରେ ଲାଗିବ ପ୍ୟାନିକ୍ ବଟନ୍ ଓ ଟ୍ରାକିଂ ଡିଭାଇସ୍





**ଭୁବନେଶ୍ୱର :** ଗାଡ଼ିରେ ଲାଗିବ ପ୍ୟାନିକ୍ ବଟନ୍ ଓ ଟ୍ରାକିଂ ଡିଭାଇସ୍। ଗାଡ଼ିର ବେଗ କେତେ ରହିଛି ? ଗାଡ଼ି କେଉଁ ସ୍ଥାନରେ ଛିଡ଼ା ହୋଇଛି ? ଗାଡ଼ି ଗନ୍ତବ୍ୟସ୍ଥଳରେ ପହଞ୍ଚିଲା କି ନାହିଁ? ପରମିଟ୍ ଅନୁସାରେ ଗାଡ଼ି ଠିକ୍ ରୁଟ୍ ରେ ଚାଲୁଛି କି ନାହିଁ ? ଏସବୁ ଠାବ କରିବା ପାଇଁ ଗାଡ଼ିରେ ଲାଗିବ ପ୍ୟାନିକ୍ ବଟନ୍ ଓ ଟ୍ରାକିଂ ଡିଭାଇସ୍। ଖବର ଅନୁଯାୟୀ, ଯାତ୍ରୀବାହୀ ଓ ମାଲବାହୀ ଗାଡ଼ିରେ ଏହିସବୁ ଡିଭାଇସ୍ ଲଗାଯିବ। ଯଦି ଯାତ୍ରୀଙ୍କ ମଧ୍ୟରୁ କେହି ଖରାପ ବ୍ୟବହାର କରୁଛନ୍ତି ତା ହେଲେ ଏହି ଡିଭାଇସ୍ ଦ୍ୱାରା ମଧ୍ୟ ସ୍ଥାନୀୟ ଥାନାକୁ ସୂଚନା ଦିଆଯାଇପାରିବ। କେନ୍ଦ୍ର ସରକାର ପକ୍ଷରୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ଏଥିପାଇଁ ଭୁବନେଶ୍ୱରରେ ତିଆରି ହେଉଛି କମାଣ୍ଡ କଣ୍ଟ୍ରୋଲ୍ ରୁମ୍। ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାର ୧୪ କୋଟି ଟଙ୍କା ସହାୟତା ଦେଇଛନ୍ତି। ଗାଡ଼ିରେ ବ୍ୟବହାର ହେଉଥିବା ପ୍ରଥମ ଡିଭାଇସ୍ ଟି ହେଉଛି ଭେଇକିଲ୍ ଲୋକେସନ୍ ଟ୍ରାକିଂ ଡିଭାଇସ୍ - ଭିଏଲଟିଡି, ଦ୍ୱିତୀୟଟି ହେଉଛି ପ୍ୟାନିକ୍ ବଟନ୍।

## ସମ୍ପତ୍ତି ଲୁଚାଉଛନ୍ତି ଆଇଏଏସ୍ ବାବୁ

**ଭୁବନେଶ୍ୱର :** ସମ୍ପତ୍ତି ଲୁଚାଉଛନ୍ତି ଆଇଏଏସ୍ ବାବୁମାନେ। ତେଣୁ ଜଣାପଡୁନି ସେମାନଙ୍କ ନାମରେ କେତେ ରହିଛି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି। କାହିଁକି ସେମାନେ ଦେଉନାହାନ୍ତି ପୂରା ସମ୍ପତ୍ତି ତାଲିକା? କ'ଣ ଏହା ପଛର ଉଦ୍ଦେଶ୍ୟ? ସରକାରୀ ନିୟମକୁ କାହିଁକି ବାବୁମାନେ କରୁଛନ୍ତି ଉଲ୍ଲଂଘନ? ସେମାନଙ୍କ ଉପରେ କାହିଁକି ନିଆଯାଉନି କାର୍ଯ୍ୟାନୁଷ୍ଠାନ? ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୦ ମସିହାରେ ଗୋଟିଏ ଟୁଇଟ୍ କରିଥିଲେ। ଯେଉଁଥିରେ ନିର୍ଦ୍ଦେଶ ଥିଲା, ସରପଞ୍ଚଙ୍କଠୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଯାଏଁ ସମସ୍ତଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ସର୍ବସାଧାରଣରେ ପ୍ରକାଶ କରିବେ। ଏହି ସମ୍ପତ୍ତି ତାଲିକା ଲୋକ ଦେଖିବେ। ସମସ୍ତ ତଥ୍ୟ ପ୍ରକାଶ ପାଇବ ୱେବସାଇଟରେ। ଏପରିକି ୨୦୧୯ରେ ଲୋକାୟୁକ୍ତ ଆଇନରେ ସଂଶୋଧନ ଅଣାଯିବା ପରେ ସରକାର ଯେଭଳି ଚାହିଁବେ ସେମିତି ଫର୍ମାଟରେ ସବୁ ସରକାରୀ କର୍ମଚାରୀ ସମ୍ପତ୍ତି ତାଲିକା ଦେବେ ବୋଲି ଆଇନ ହୋଇଛି। ଏହି ତାଲିକାର ନକଲ ମଧ୍ୟ ଲୋକାୟୁକ୍ତଙ୍କୁ ଦେବାକୁ ନିୟମ ରହିଛି। ବିଳମ୍ବରେ ହେଉ ପଛେ, ରାଜ୍ୟର ପ୍ରାୟ କର୍ମଚାରୀ ଏପରିକି ପଦୋନ୍ନତି ପାଇଥିବା ଓଏଏସ୍ ଓ ଆଇଏଏସ୍ ମାନେ ନିଜ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ହିସାବ ଦେଉଛନ୍ତି। ସାଧାରଣ ପ୍ରଶାସନ ବିଭାଗର ଏଚ୍ଆରଏମ୍ଏସ୍ ପୋର୍ଟାଲରେ ଅପ୍ଲୋଡ୍ ବି କରୁଛନ୍ତି। ତେବେ ସିଧାସଳଖ ଆଇଏଏସ୍‌ରେ ଭର୍ତ୍ତି ଅଫିସରମାନେ କେବଳ ସ୍ଥାବର ସମ୍ପତ୍ତିକୁ କାର୍ମିକ ମନ୍ତ୍ରଣାଳୟ ବା ଡିଓପିଟି ସାଇଟରେ ସାର୍ବଜନୀନ କରୁଥିଲେ ହେଁ ଅସ୍ଥାବର ସଂପତ୍ତିର ତଥ୍ୟ ଦେବାକୁ କୁଣ୍ଠାକୁଣ୍ଠା ହେଉଛନ୍ତି। କିଛି ଆଇଏଏସ୍ ଦେଇଥିବା ସେମାନଙ୍କ ସ୍ଥାବର ସମ୍ପତ୍ତି ତାଲିକା ଉପରେ ନଜର ପକାଇଲେ ଜଣାପଡ଼େ, ୧୯୮୬ ବ୍ୟାଚର ଆଇଏଏସ୍ ଅଫିସର ତଥା ମୁଖ୍ୟ ସଚିବ ସୁରେଶ ମହାପାତ୍ର ଚଳିତ ୨୦୨୨ ରିଟର୍ଣ୍ଣରେ ଦର୍ଶାଇଛନ୍ତି ଯେ, ତାଙ୍କ ପାଖରେ ଓ ତାଙ୍କ ପତ୍ନୀଙ୍କ ପାଖରେ ୩ଟି କୋଠା ବା ଫ୍ଲାଟ ରହିଛି।

## ଏକାମ୍ର ସୌନ୍ଦର୍ଯ୍ୟକରଣକୁ ଅନୁମତି

**ଭୁବନେଶ୍ୱର :** ଜଗନ୍ନାଥ ମନ୍ଦିର ଐତିହ୍ୟ କରିଡ଼ର ପ୍ରକଳ୍ପ ସହ ଏକାମ୍ର ସଂରକ୍ଷଣ ଯୋଜନାକୁ ମଧ୍ୟ ମିଳିଛି ନ୍ୟାସନାଲ୍ ମନୁମେଣ୍ଟସ୍ ଅଥରିଟି(ଏନଏମଏ)ର ଗ୍ରୀନ୍ ସିଗନାଲ୍। ଏକାମ୍ର ଯୋଜନାରେ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଥିବା କୋଟିତୀର୍ଥେଶ୍ୱର ଲେନ୍, ତିନିମୁଣ୍ଡିଆ ଛକଠାରୁ ବଢେଇବାଙ୍କ ଛକ ପର୍ଯ୍ୟନ୍ତ ରଥ ରୋଡ୍ ଓ ବିନ୍ଦୁ ସାଗରକୁ ସଂଯୋଗ କରୁଥିବା ପାଦ ଚଲା ରାସ୍ତା ପ୍ରଶସ୍ତ ହେବ। ଏଥିସହ ଲିଙ୍ଗରାଜ ବହୁବିଧ କେନ୍ଦ୍ର, କେଦାରଗୌରୀ ପାର୍କିଂ, ସ୍ୱତନ୍ତ୍ର ସଂରକ୍ଷିତ ପାର୍କିଂ, କେଦାରଗୌରୀ ପ୍ଲାଜା, ଅନନ୍ତ ବାସୁଦେବ ପ୍ଲାଜା, ଲିଙ୍ଗରାଜ ହାଟ ଓ ଭଜନ ମଣ୍ଡପର ଡିପିଆରକୁ ଏନଓସି ଦେଇଛି ଏନଏମ୍ଏ। ତେବେ ଏସବୁ ନିର୍ମାଣ ସମୟରେ ପୁରାତନ



କିର୍ତ୍ତୀରାଜିର ସୁରକ୍ଷାରେ ଯେପରି ଆଞ୍ଚ ନଆସେ ସେଥିପାଇଁ ବି ନିର୍ଦ୍ଦେଶ ରହିଛି। ତେବେ ସୂଚନା କେନ୍ଦ୍ର, ମାର୍କଣ୍ଡେଶ୍ୱର ମନ୍ଦିର ଓ ପାପନାଶିନୀ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଡିପିଆର ଉପରେ ଆପତ୍ତି ଉଠାଇ ଆଉ ଥରେ ଆବେଦନ କରିବାକୁ କହିଛି ଏନଏମ୍ଏ। ଅନନ୍ତ ବାସୁଦେବ ମନ୍ଦିରରେ ଥିବା ରୋଷଘର ନିର୍ମାଣ କାର୍ଯ୍ୟ ନିୟନ୍ତ୍ରିତ ଅଞ୍ଚଳରେ କରିବାକୁ ମଧ୍ୟ କୁହାଯାଇଛି। ଗତ ବଜେଟରେ ରାଜ୍ୟ ସରକାର ଏକାମ୍ର ଯୋଜନା ପାଇଁ ୭୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ସେହିପରି କୋଣାର୍କର କୋଣାର୍କ ଐତିହ୍ୟ ଅଞ୍ଚଳ ଉନ୍ନୟନ ଯୋଜନାକୁ ମଧ୍ୟ ଏନଏମ୍ଏ ମଞ୍ଜୁର ଦେଇଛନ୍ତି। ଏହା ପରେ ରାଜସ୍ୱ ଓ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ଧରି ନିଜେ ତହସିଲଦାର ସର୍ଭେ କରୁଛନ୍ତି। ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା ୫୫ ଏକର ଜମିରେ ୧୭୦ କୋଟି ବ୍ୟୟରେ ସୌନ୍ଦର୍ଯ୍ୟକରଣ କାମ ପାଇଁ ଡିପିଆର ପ୍ରସ୍ତୁତ କରି ଏନଏମ୍ଏରେ ଆବେଦନ କରିଥିଲା ଓବିସିସି। ଏବେ ଅନୁମତି ମିଳିଥିଲା। ଏହି ପ୍ରକଳ୍ପରେ ରହିଛି ଲ୍ୟାଣ୍ଡସ୍କେପ୍ ପ୍ଲାଜା, ରେନ୍ ଗାର୍ଡେନ, ଫୁଟ୍ ଓଭରବ୍ରିଜ, ଭେଣ୍ଡିଂ ଜୋନ, ସୂଚନା କେନ୍ଦ୍ର ଓ ପାର୍କିଂ। ତେବେ ଓପେନ୍ ଏୟାର ଥିଏଟର ପାଇଁ ଆଉ ଥରେ ଆବେଦନ କରିବାକୁ ରହିଛି ନିର୍ଦ୍ଦେଶ। ତେଣେ ପୁରୀରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର ପ୍ରୋହିବିଟେଡ୍ ଏରିଆ ବାହାରେ କରିବାକୁ ଏନଏମଏର ନିଷ୍ପତ୍ତିକୁ ସତ୍ୟର ଜୟ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ରାଜ୍ୟ ସରକାର ଆମସାର ଆକ୍ଟ ନବୁଝି-ନପଢ଼ି ଏଏସଆଇର ବିନା ପରାମର୍ଶରେ ନିର୍ମାଣ କରି କୋଟି କୋଟି ଟଙ୍କା ରାଜସ୍ୱ ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି ଅପରାଜିତା। ତେଣୁ ଲିଙ୍ଗରାଜ ଓ କୋଣାର୍କରେ ସରକାର ସବୁ ଉନ୍ନୟନ କାମ ନିୟମ ଅନୁସାରେ କରନ୍ତୁ ବୋଲି ସେ କହିଛନ୍ତି। ସେପଟେ କଂଗ୍ରେସ ମଧ୍ୟ ବିକାଶ ସରକାରୀ ନିୟମରେ ହେଉ ବୋଲି କହିଛି। ଜବାବ ରଖି ବିଜେଡି କହିଛି କେନ୍ଦ୍ର ଏବେ ଶ୍ରୀଲିଙ୍ଗରାଜ ମନ୍ଦିର ସ୍ୱତନ୍ତ୍ର ଅଧ୍ୟାଦେଶକୁ ମଞ୍ଜୁର ଦେଉ।

## ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ଅଧିକ ଦୃଢ଼ୀଭୂତ କରାଯିବ: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର:** ବିପର୍ଯ୍ୟୟ ପରିଚାଳନାରେ ଆନ୍ତର୍ଜାତିକ ସ୍ୱୀକୃତି ହାସଲ ସହ ରାଜ୍ୟ ସରକାର ବର୍ତ୍ତମାନ ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ଅଧିକ ଦୃଢ଼ୀଭୂତ ଏବଂ ଶାଣିତ କରିବା ନିମନ୍ତେ ପଦକ୍ଷେପ ଆରମ୍ଭ କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିପର୍ଯ୍ୟୟ ମୁକାବିଲା ସମ୍ବନ୍ଧିତ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଏ ବିଷୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ନିଆଯାଇଛି। ରାଜ୍ୟ ଲୋକସେବା ଭବନରୁ ଭର୍ଚୁଆଲ ମୋଡ୍ରେ ଅନୁଷ୍ଠିତ ଏହି ବୈଠକରେ ଉନ୍ନୟନ କମିସନର ତଥା ସ୍ୱତନ୍ତ୍ର ରିଲିଫ୍ କମିସନର ପ୍ରଦୀପ କୁମାର ଜେନା ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧିତ ସଦ୍ୟତନ ତଥ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଦ୍ରୁତ ପରିବର୍ତ୍ତନଶୀଳ ଜଳବାୟୁ ପରିପ୍ରେକ୍ଷୀରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ଅଧିକ ଦୃଢ଼ ଓ ଶାଣିତ କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା। ଏଥି ପାଇଁ ଓଡ୍ରାଫ୍, ଅଗ୍ନିଶମ ସେବା ୟୁନିଟ୍, ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ୟୁନିଟ୍ ଗୁଡିକୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ଯୋଗାଇ ଦିଆଯିବ। ନିୟମିତ ବ୍ୟବଧାନରେ ତାଲିମ ଦିଆଯାଇ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବ। ବନ୍ୟା ପ୍ରବଣ ଅଞ୍ଚଳମାନଙ୍କରେ ଅଧିକ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବାରମ୍ବାର ବନ୍ୟାରେ ପ୍ରଭାବିତ ହେଉଥିବା ଏବଂ ଆବଶ୍ୟକ ପରିମାଣର ଆଶ୍ରୟସ୍ଥଳୀ ନଥିବା ଗ୍ରାମମାନଙ୍କୁ ଚିହ୍ନଟ କରି ସେଠାରେ ବନ୍ୟା-ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ବରି, ଧାମନଗର, ଗୋପ ଆଦି ବନ୍ୟା ପ୍ରବଣ ଅଞ୍ଚଳର ବନ୍ୟା ଘେରିବନ୍ଧକୁ ଅଧିକ ଉଚ୍ଚ ଓ ଦୃଢ଼ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଥିଲା। ବିପର୍ଯ୍ୟୟ ପରିଚାଳନା ଦକ୍ଷତା ଅଭିବୃଦ୍ଧି ବାବଦରେ ପ୍ରାୟ ୪୦୦ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ବୈଠକର ଆଲୋଚନାରୁ ଜଣାପଡିଥିଲା। ଜରୁରୀ ରିଲିଫ୍, ମରାମତି, ପୁନଃ ସ୍ଥାପନ ଏବଂ ପ୍ରଭାବିତ ଲୋକଙ୍କୁ ବିଭିନ୍ନ ପ୍ରକାର ସହାୟତା ବଣ୍ଟନ ଆଦି ବାବଦରେ ବିଭାଗମାନଙ୍କୁ ଦିଆଯାଇଥିବା ଅନୁଦାନର ବିନିଯୋଗ ପ୍ରମାଣପତ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିବା ପାଇଁ ମଧ୍ୟ ଉନ୍ନୟନ କମିସନର ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ପରବର୍ତ୍ତୀ ଆବଶ୍ୟକତା ଆକଳନ (ପି.ଡ଼ି.ଏନ୍.ଏ) ବିଷୟ ବୈଠକର ଆଲୋଚନାରେ ସ୍ଥାନ ପାଇଥିଲା। ଗତ ଅଗଷ୍ଟ ମାସରେ ହୋଇଥିବା ପ୍ରବଳ ବର୍ଷା ଏବଂ ବନ୍ୟାର ପି.ଡ଼ି.ଏନ୍.ଏ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନଙ୍କ ବୈଷୟିକ ସହଯୋଗିତାରେ ଏହି ଆକଳନ କରିବା ପାଇଁ ଉନ୍ନୟନ କମିସନର ଶ୍ରୀ ଜେନା ପରାମର୍ଶ ଦେଇଥିଲେ। ମୁଖ୍ୟତଃ ବାସଗୃହ, ଆଶ୍ରୟସ୍ଥଳୀ, ପୁନର୍ବାସ, ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟ ସେବା ଓ ଶିକ୍ଷାନୁଷ୍ଠାନ ଆଦି ସର୍ବସାଧାରଣ ସଂପତ୍ତି, ରାସ୍ତା ଓ ପୋଲ ଆଦି ସ୍ଥାନୀୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଆବଶ୍ୟକତା ଆଦି ଭିତ୍ତିରେ ଏହି ବିପର୍ଯ୍ୟୟ ପରବର୍ତ୍ତୀ ଆକଳନ କରାଯିବ ବୋଲି ବୈଠକର ଆଲୋଚନାରୁ ଜଣାପଡିଥିଲା। ଆସନ୍ତା ୧ ମାସ ମଧ୍ୟରେ ଏହି କାମ ସଂପୂର୍ଣ୍ଣ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ପୁଲିସ୍ ମହାନିର୍ଦ୍ଦେଶକ ସୁନିଲ୍ କୁମାର ବଂଶଲ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ସ୍ୱତନ୍ତ୍ର ରିଲିଫ୍ କମିସନର ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଜଳ ସଂପଦ) ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଗ୍ରାମ ଉନ୍ନୟନ ଏବଂ ସୂଚନା ଓ ଲୋକସେବା ସଂପର୍କ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ସୁଶିଲ୍ କୁମାର ଲୋହାନିଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କେ.ମୁରୁଗେସନ ରାଜ୍ୟ ପରିବେଶ ନିର୍ଦ୍ଦେଶକ



**ଭୁବନେଶ୍ୱର :** ରାଜ୍ୟ ସରକାର ଆଇଏଫଏସ୍ ଅଧିକାରୀସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ୧୯୯୪ ବ୍ୟାଚ୍ ଆଇଏଫଏସ୍ ଡଃ କେ.ମୁରୁଗେସନଙ୍କୁ ରାଜ୍ୟ ପରିବେଶ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ସେ ଏବେ ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି ଓ ଅତିରିକ୍ତ ଭାବେ ପରିବେଶ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୮୯ ବ୍ୟାଚ୍ ଆଇଏଫଏସ୍ ସୁଶାନ୍ତ ନନ୍ଦଙ୍କୁ ପରିବେଶ ନିର୍ଦ୍ଦେଶକ ପଦରୁ ହଟାଇ ଦିଆଯାଇ ପିସିସିଏଫ(ନୋଡାଲ) ଭାବେ ଅବସ୍ଥାପିତ କରାଯାଇଛି। ସେ ଅତିରିକ୍ତ ଭାବେ ଚିଲିକା ଉନ୍ନୟନ ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଆଇଜିଜେଏମପି ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ସେହିପରି ଖଣି ନିର୍ଦ୍ଦେଶକ ତଥା ୨୦୦୧ ଆଇଏଫଏସ୍ ଜି. ରାଜେଶ ଅତିରିକ୍ତ ଭାବେ ଓଏମବିଏଡିସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ୧୯୮୭ ବ୍ୟାଚ୍ ଆଇଏଫଏସ୍ ଶିଶିର କୁମାର ରଥୋଙ୍କୁ ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ୩ବର୍ଷ ନିମନ୍ତେ ନିଯୁକ୍ତି ଦେଇଛନ୍ତି।

# ଦାୟିତ୍ୱର ଗୁରୁତ୍ୱ ବୁଝି କାମ କର : ମୁଖ୍ୟମନ୍ତ୍ରୀ


**ଭୁବନେଶ୍ୱର :** ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଓ କନିଷ୍ଠ ଯନ୍ତ୍ରୀଙ୍କ ପାଇଁ ଆୟୋଜିତ ଦିଗଦର୍ଶନ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରକୁ ତୃଣମୂଳ ସ୍ତରରେ ଅଭିବୃଦ୍ଧିର ଏକ ଇଞ୍ଜିନ ବୋଲି ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଏକସଙ୍ଗେ ଭୁବନେଶ୍ୱରର ଲୋକସେବା ଭବନ ସମ୍ମିଳନୀ କକ୍ଷ ଏବଂ ଜୟଦେବ ଭବନ ଠାରେ ଆୟୋଜିତ ହୋଇଥିଲା। ସମସ୍ତ ଜିଲ୍ଲାର ବିଭାଗୀୟ ଅଧିକାରୀମାନେ ଭିଡିଓ କନଫରେନସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ମୋଟ ୧୪୬ ପ୍ରାଣୀ ଚିକିତ୍ସକ, ୫୮୮ ପ୍ରାଣୀଧନ ନିରୀକ୍ଷକ, ୬୭ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଓ ୩ କନିଷ୍ଠ ଯନ୍ତ୍ରୀ ନୂତନ ଭାବରେ ନିଯୁକ୍ତ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ଓ ଏହାର ଗ୍ରାମାଞ୍ଚଳରେ ୭୦ ପ୍ରତିଶତରୁ ଅଧିକ ଲୋକ ବିଭିନ୍ନ ଚାଷ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ପ୍ରାଣୀପାଳନ ଓ ମତ୍ସ୍ୟ ଉତ୍ପାଦନ ମାଧ୍ୟମରେ ନିଜର ଆୟ ବୃଦ୍ଧି କରିପାରୁଛନ୍ତି। ରାଜ୍ୟ ସରକାର ଏହି କୃଷକଙ୍କ ଜୀବନକୁ ଅଧିକ ଆରାମଦାୟକ କରିବା, ରୋଜଗାର ବଢାଇବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ସେଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରକୁ କୃଷକ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଅଭିବୃଦ୍ଧିର ଏକ ଇଞ୍ଜିନ ଭାବରେ ଚିହ୍ନଟ କରାଯାଇଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗ୍ରାମାଞ୍ଚଳରେ ଲୋକଙ୍କ ପ୍ରୋଟିନ କ୍ୟାଲୋରୀ ଆବଶ୍ୟକତା ପୂରଣ କରିବା, ପୁଷ୍ଟିସାଧନ ଓ ସର୍ବୋପରି ଖାଦ୍ୟ ସୁରକ୍ଷା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରର ସ୍ୱତନ୍ତ୍ର ଭୂମିକା ରହିଛି। ତେଣୁ ଏହି ବିଭାଗର ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଅନୁଭବ କରିବା ଉଚିତ ବୋଲି ସେ ମତ ଦେଇଥିଲେ। ୫-ଟି ଉପକ୍ରମ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା, ଟିମ୍ ସ୍ପିରିଟ୍ରେ କାମ କରିବା ଓ ବୈଷୟିକ ଜ୍ଞାନର ପ୍ରୟୋଗ ଦ୍ୱାରା ତୃଣମୂଳ ସ୍ତରରେ ପ୍ରକୃତ ପରିବର୍ତ୍ତନକୁ ସୁନିଶ୍ଚିତ କରିହେବ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ପାଇଁ ରାସ୍ତା ତିଆରି ହୋଇପାରିବ। ନବନିଯୁକ୍ତ କର୍ମଚାରୀମାନେ ସ୍ୱଚ୍ଛତା ବଜାୟ ରଖିବା ସହ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ସେ ଆଶା ପ୍ରକଟ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ଯୋଗୁ ଆଜି ରାଜ୍ୟରେ ପ୍ରାଣୀଜ ଉତ୍ପାଦନ ବୃଦ୍ଧି ପାଇଛି। ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୩ ଗୁଣ, ମାଂସ ଉତ୍ପାଦନ ୬ ଗୁଣ, ଅଣ୍ଡା ୩ ଗୁଣ ଓ ମାଛ ଉତ୍ପାଦନ ୪ ଗୁଣ ବୃଦ୍ଧି ପାଇଛି ବୋଲି ସେ କହିଥିଲେ। ଏହି ନୂତନ ନିଯୁକ୍ତି ରାଜ୍ୟରେ ପ୍ରାଣୀପାଳନ ଓ ମତ୍ସ୍ୟ




ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ଚାଷୀଙ୍କ ଜୀବନରେ ଖୁସି ଏବଂ ପରିବର୍ତ୍ତନ ଆଣିପାରିବ ବୋଲି ସେ ଆଶାପ୍ରକାଶ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟରେ ନିଯୁକ୍ତି କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ରାଜ୍ୟରେ ବିଭିନ୍ନ କମିଶନ ଓ ବିଭାଗ ଦ୍ୱାରା ପ୍ରତି ମାସରେ ହଜାର ହଜାର ଯୁବକଯୁବତୀଙ୍କୁ ନିଯୁକ୍ତି ଦିଆଯାଉଛି ବୋଲି ସେ କହିଥିଲେ। ଆନୁସାଙ୍ଗିକ କ୍ଷେତ୍ରରେ ବିକାଶ ଯୋଗୁ ଗ୍ରାମାଞ୍ଚଳରେ ଅଧିକ ଆର୍ଥିକ ଅଭିବୃଦ୍ଧି ଘଟୁଛି ବୋଲି ସେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ନବନିଯୁକ୍ତ କର୍ମଚାରୀ ଓ ଅଧିକାରୀ – ସହକାରୀ ପ୍ରାଣୀ ଚିକିତ୍ସକ ଡଃ ରିଷି ନନ୍ଦ, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଶୁଭଶ୍ରୀ ସୌଭାଗ୍ୟଲକ୍ଷ୍ମୀ ବାରିକ ଓ ପ୍ରାଣୀଧନ ନିରୀକ୍ଷକ ସନ୍ତୋଷ କୁମାର ସାହୁ ପ୍ରମୁଖ ନିଯୁକ୍ତି ପ୍ରକ୍ରିୟାରେ ନିଜର ଅଭିଜ୍ଞତା ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଯୁବସମାଜକୁ ଭରସା ଦେଇଛି ବୋଲି ପ୍ରକାଶ କରିଥିଲେ। ରାଜ୍ୟର ରୂପାନ୍ତରର ଯୁଗକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସେମାନେ ସ୍ୱଚ୍ଛତାର ସହ ଉତ୍ସର୍ଗୀକୃତ ଭାବରେ କାମ କରିବେ ବୋଲି କହିଥିଲେ। ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ମତ ବିନିମୟ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରାମର୍ଶ ଦେଇ କହିଲେ ଯେ ସେମାନେ ଯେଭଳି ଏକ ସ୍ୱଚ୍ଛ ପ୍ରକ୍ରିୟାରେ ନିଯୁକ୍ତି ପାଇ ନିଜର ଦକ୍ଷତାର ପରିଚୟ ଦେଇପାରିଛନ୍ତି, ସେହିଭଳି ଚାକିରୀ କ୍ଷେତ୍ରରେ ମଧ୍ୟ ସ୍ୱଚ୍ଛତା ବଜାୟ ରଖି ରାଜ୍ୟବାସୀଙ୍କ ସେବା କରିବା ଜରୁରୀ। ରାଜ୍ୟରେ ପ୍ରାଣୀଜ ସଂପଦ ବୃଦ୍ଧି କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି ହୋଇଛି ଏବଂ ଚାଷୀମାନଙ୍କ ରୋଜଗାର ଦୁଇ ଗୁଣ ବୃଦ୍ଧି ପାଇଁ ପ୍ରାଣୀସଂପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ପ୍ରାଣୀ ଚିକିତ୍ସକ ପଦବୀକୁ ଗ୍ରୁପ-ବି ରୁ ଗ୍ରୁପ-ଏ କରିଛନ୍ତି। ଏକ୍ଷେତ୍ର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଚାଷୀମାନଙ୍କ ରୋଜଗାର ୩ ଗୁଣ କରିବା ପାଇଁ ବିଭାଗର ସମସ୍ତ କର୍ମଚାରୀ ୫-ଟି ଉପକ୍ରମ ଅନୁସରଣ କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃଷି ଉତ୍ପାଦନ କମିଶନର ସଂଜୀବ ଚୋପ୍ରା ଉପସ୍ଥିତ ଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଶାସନ ସଚିବ ଏସ.କେ ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିଲେ ଓ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ ପ୍ରାଣୀପାଳନ ଓ ମତ୍ସ୍ୟ ଉତ୍ପାଦନ ଗ୍ରାମୀଣ ପରିବାରକୁ ଜୀବିକା, ରୋଜଗାର, ପ୍ରୋଟିନ୍ ସପ୍ଲିମେଣ୍ଟେସନ୍ ଏବଂ ଖାଦ୍ୟ ନିରାପତ୍ତା ଯୋଗାଉଥିବାରୁ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ ଏବଂ ମତ୍ସ୍ୟ ବିଶେଷଜ୍ଞଙ୍କ ଭୂମିକା ଅପରିହାର୍ଯ୍ୟ ହୋଇପଡିଛି। ପ୍ରାଣୀ ସ୍ୱାସ୍ଥ୍ୟସେବା ପରିଚାଳନା, ଗ୍ରାମାଞ୍ଚଳ ଲୋକମାନଙ୍କ ଜୀବିକା, ବିଶେଷକରି ମହିଳା ଏବଂ ଶିଶୁମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ସୁରକ୍ଷିତ କରିବା ପାଇଁ ପ୍ରାଣୀ ଚିକିତ୍ସକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କନିଷ୍ଠ ଯନ୍ତ୍ରୀ ମାନେ ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ପାଇଁ ଭିତ୍ତିଭୂମି ନିର୍ମାଣରେ ସହଯୋଗ କରନ୍ତି। ପ୍ରାଣୀଧନ ନିରୀକ୍ଷକ ଓ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ମାନେ ତୃଣମୂଳ ସ୍ତରର ପ୍ରମୁଖ କର୍ମଚାରୀ ଯେଉଁମାନେ ଚାଷୀ ଏବଂ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥାନ୍ତି। ସରକାରଙ୍କ ବିଭିନ୍ନ କାର୍ଯକ୍ରମ ଗୁଡିକର ସଫଳ ରୂପାୟନ ପାଇଁ ସେମାନେ କାର୍ଯ୍ୟ କରିଥାନ୍ତି।

## ୧୬ରେ ଓଡିଶା ପ୍ରଶାସନିକ ସେବା ପ୍ରିଲିମ ପରୀକ୍ଷା

**ଭୁବନେଶ୍ୱର :** ଓଡିଶା ପ୍ରଶାସନିକ ସେବାର ପ୍ରିଲିମ ପରୀକ୍ଷା ଆସନ୍ତା ଅକ୍ଟୋବର ୧୬ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ରାଜ୍ୟର ୫ଟି ଜୋନ କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଓଡିଶା ଲୋକସେବା ଆୟୋଗ – ଓପିଏସସି ବିଜ୍ଞପ୍ତି ପ୍ରକାଶ କରିଛି। ଏଥିରେ ୨ଟି ସିଟିଙ୍ଗରେ ପରୀକ୍ଷା ହେବ। ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ବର୍ଗର ପ୍ରାର୍ଥୀଙ୍କ ପାଇଁ ପୂର୍ବାହ୍ନ ୧୦ରୁ ୧୨ଟା ପ୍ରଥମ ସିଟିଙ୍ଗ ଏବଂ ଅପରାହ୍ନ ୧.୩୦ରୁ ୩.୩୦ ଯାଏଁ ଦ୍ୱିତୀୟ ସିଟିଙ୍ଗ ପରୀକ୍ଷା ହେବ। ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ପାଇଁ ପ୍ରତି ସିଟିଙ୍ଗରେ ଅଧିକ ୪୦ ମିନିଟ ଅର୍ଥାତ ପୂର୍ବାହ୍ନ ୧୦ରୁ ୧୨.୪୦ ପ୍ରଥମ ସିଟିଙ୍ଗ ଏବଂ ଅପରାହ୍ନ ୧.୩୦ରୁ ୪.୧୦ ଯାଏଁ ଦ୍ୱିତୀୟ ସିଟିଙ୍ଗ ପରୀକ୍ଷା ହେବ। ପ୍ରଥମ ସିଟିଙ୍ଗରେ ଜେନେରାଲ ଷ୍ଟଡ଼ିଜ ପ୍ରଥମ ପେପର ଓ ଦ୍ୱିତୀୟ ସିଟିଙ୍ଗରେ ଜେନେରାଲ ଷ୍ଟଡ଼ିଜ ଦ୍ୱିତୀୟ ପେପର ପରୀକ୍ଷା ହେବ।




EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ସେପ୍ଟେମ୍ବର - ୨ ଅକ୍ଟୋବର, ୨୦୨୨

# ତୃତୀୟ ବିଶ୍ୱଯୁଦ୍ଧକୁ ନେଇ ଚିନ୍ତା ବଢୁଛି

ଯୁଦ୍ଧ କେବେ ଶାନ୍ତିର ବାର୍ତ୍ତା ଦିଏନାହିଁ, ଏହା କେବଳ ଧ୍ୱଂସ ପାଇଁ ସହାୟକ ହୁଏ।ଋଷ-ୟୁକ୍ରେନ ଯୁଦ୍ଧରୁ ଏଯାବତ କାହାକୁ ବିଶେଷ ଫାଇଦା ମିଳିନାହିଁ। ଦୀର୍ଘ ୭ମାସ ଧରି ଚାଲିଥିବା ଏହି ଯୁଦ୍ଧରେ ପ୍ରଥମରୁ ଋଷ ୟୁକ୍ରେନ ଉପରେ ପ୍ରଭାବୀ ଜଣାପଡୁଥିଲେ ବି ଏବେ ଏହାର ବିପରୀତ ଫଳ ଦେଖିବାକୁ ମିଳୁଛି। ଧୀରେ ଧୀରେ ୟୁକ୍ରେନ ଋଷ ଉପରେ ନିଜର ଶକ୍ତି ପ୍ରୟୋଗ କରି ଯୁଦ୍ଧରେ ଦଖଲ ନେଇଥିବା ୬ ହଜାର ବର୍ଗ କିଲୋମିଟର ଜମିକୁ ଫେରାଇନେବାକୁ ସକ୍ଷମ ହୋଇଛି ଋଷ। ଅନ୍ୟପକ୍ଷରେ ଋଷର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସହରରେ ମୁତୟନ ହୋଇଥିବା ୧୪ଟି ଆଣ୍ଟି ଏଆରକ୍ରାଫ୍ଟ ସିଷ୍ଟମ ଋଷ ୟୁକ୍ରେନ ଆଡକୁ ସ୍ଥାନାନ୍ତର କରିଥିବା ସାଟେଲାଇଟ ଚିତ୍ର ମିଳିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏକ ରିପୋର୍ଟ ମୁତାବକ ଋଷ-ୟୁକ୍ରେନ ଯୁଦ୍ଧ ଫଳରେ କଣ ଋଷ ପାଖରୁ ଯୁଦ୍ଧାସ୍ତ୍ର କମିଯାଇଛି ! ଯେଉଁଥିପାଇଁ ଦେଶର ଏକ ପ୍ରମୁଖ ସ୍ଥଳରୁ ଆଣ୍ଟିଏଆରକ୍ରାଫ୍ଟ ସିଷ୍ଟମ ଅନ୍ୟତ୍ର ନିଆଗଲା। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହାକୁ ନେଇ ଚିନ୍ତିତ କି ? ଋଷର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସହର ହେଉଛି ସେଣ୍ଟପିଟରବର୍ଗ, ଯାହାର ଜନସଂଖ୍ୟା ୫୫ ଲକ୍ଷରୁ ଅଧିକ।ତେବେ ଏମିତି କଣ ହେଲା ଯେ ପୁଟିନ ନିଜ ଦେଶର ସୁରକ୍ଷା ସହ ବୁଝାମଣା କଲେ। ଏହାକୁ ନେଇ ଆଲୋଚନା ହୁଏ ଯେ,ହୁଏତ ଋଷ ନିକଟରେ ଅସ୍ତ୍ରଶସ୍ତ୍ରର ଅଭାବ ପଡ଼ିଲାଣି। ଯେଉଁଥିପାଇଁ ପୁଟିନ ଚିନ୍ତିତ ଥାଇପାରନ୍ତି ବା ଏଭଳି ନିଷ୍ପତ୍ତି ନେଇଛନ୍ତି। ସୂତ୍ର ମୁତାବକ ସେଣ୍ଟପିଟର୍ସବର୍ଗରେ ସ୍ଥାପିତ ଏଆରବେସରେ ମୁତୟନ ଥିବା ଆଣ୍ଟିଏଆରକ୍ରାଫ୍ଟ ସିଷ୍ଟମ ମଧ୍ୟରୁ ୪ ଗୋଟି ସିଷ୍ଟମ ୟୁକ୍ରେନକୁ ପଠାଯାଇଛି। ଋଷ-ୟୁକ୍ରେନ ଯୁଦ୍ଧକୁ ନେଇ ବୈଜ୍ଞାନିକ ମାନେ ନୂଆ ତଥ୍ୟ ରଖିଛନ୍ତି। ସେମାନେ ଦାବି କରିଛନ୍ତି ଯେ, ଏହି ଯୁଦ୍ଧ ଉପରେ ଏଲିଅନ ମାନେ ନଜର ରଖିଛନ୍ତି। ଏହାଠୁ ସାଙ୍ଘାତିକ ତଥ୍ୟ ହେଉଛି ଏହି ଯୁଦ୍ଧରେ ଜେଲେନିସ୍କିଙ୍କ ସୈନ୍ୟ ମାନଙ୍କ ଅପେକ୍ଷା ଅନ୍ୟ ଦେଶର ସୈନିକ ଋଷ ସେନା ସହ ଯୁଦ୍ଧ କରୁଛନ୍ତି। ୟୁକ୍ରେନ ହାତରେ ଯେବେଠାରୁ ଆମେରିକାର ହାଇମର୍ସ ମିସାଇଲ ମିଳିଛି, ସେବେଠାରୁ ଋଷିଆକୁ ସେ ଡ଼ରାଇବା ଆରମ୍ଭ କରିଛି। ଯାହା ଆଶଙ୍କା କରାଯାଉଥିଲା ଏବେ ତାହାର ବାସ୍ତବ ଚିତ୍ର ସାମ୍ନାକୁ ଆସୁଛି। ହାଇମର୍ସ ରକେଟ ସିଷ୍ଟମ ଦ୍ୱାରା ଋଷର ଠିକଣା ଜାଗାକୁ ପ୍ରହାର କରୁଛି ୟୁକ୍ରେନ।

ହେଲେ ଉଭୟ ଦେଶ ଏହି ରକେଟ ଲଞ୍ଚର ବ୍ୟବହାର କରୁଥିବାରୁ କ୍ଷୟ କ୍ଷତି ଅଧିକ ଦର୍ଶାଯାଉଛି। ହାଇମର୍ସ ମିଜାଇଲ ସିଷ୍ଟମରେ ଅତ୍ୟାଧୁନିକ ବ୍ୟବସ୍ଥା ଥିବାରୁ ୮୫ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ କରି ଧ୍ୱଂସ କରିପାରୁଛି। ହେଲେ ଋଷ ଏବେ ଦାବି କରୁଛି ଯେ, ୟୁକ୍ରେନ ଦକ୍ଷିଣ ପ୍ରାନ୍ତ ଋଷ କବ୍ଜାରେ ରହିଛି। ବର୍ତ୍ତମାନର ତଥ୍ୟ ଅନୁସାରେ ପୁଟିନ ବହୁତ ବଡ଼ କଠୋର ପଦକ୍ଷେପ ନେବାକୁ ଯାଉଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏଭଳି କଡା ଆଭିମୁଖ୍ୟ ଦେଖାଇଛି ଋଷ। କାରଣ ସମୟ କଠିନ ନହେଲେ ଋଷ କେବେ ନିଜର ସଂରକ୍ଷିତ ସୈନ୍ୟମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇନଥାଏ। ତେଣୁ ୟୁକ୍ରେନ ସହ ପରମାଣୁ ଯୁଦ୍ଧ ହେବାର ସଂକେତ ଦେବା ସହିତ ଦେଶର ତିନି ଲକ୍ଷ ସଂରକ୍ଷିତ ସୈନ୍ୟଙ୍କୁ ପ୍ରସ୍ତୁତ କରୁଛି ଋଷ। ଏଥିରୁ ସ୍ପଷ୍ଟ ହେଉଛି ଯେ, ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଆଗଉଛି। ୟୁକ୍ରେନ ବିରୋଧରେ ଆକ୍ରମଣ ଚଳାଇଥିବା ଋଷ ଏବେ ଏହାକୁ ନିର୍ଣ୍ଣାୟକ ସ୍ତରକୁ ନେବାକୁ ଘୋଷଣା କରିଛି। ଋଷ ରାଷ୍ଟ୍ରପତି ଗତ ବୁଧବାର ବଡ଼ ଧମକ ଦେଇଛନ୍ତି। ନିଜ ଦେଶର ଲୋକଙ୍କ ସୁରକ୍ଷା ଓ ଅଖଣ୍ଡତା ପାଇଁ ସେ ସବୁ ପ୍ରକାର ବିକଳ୍ପ ବ୍ୟବହାର କରିବାକୁ ଘୋଷଣା କରିଛନ୍ତି। ଏଭଳି କି ୟୁକ୍ରେନ ଓ ପଶ୍ଚିମ ଦେଶ ଗୁଡିକ ଉପରେ ବିନାଶକ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାକୁ ମଧ୍ୟ ପଛାଇବେ ନାହିଁ ବୋଲି ଧମକ ମଧ୍ୟ ଦେଇଛନ୍ତି। ପୁଟିନଙ୍କ ଧମକ ପରେ ବିଶ୍ୱବ୍ୟାପୀ ଏହାକୁ ନେଇ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଯୁଦ୍ଧର ୭ ମାସ ପରେ ଏହା ପୁଟିନଙ୍କର ବଡ଼ ଧମକ ବୋଲି କୁହାଯାଉଛି। ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମ ଥର ପାଇଁ ପୁଟିନ ୟୁକ୍ରେନକୁ ବିପୁଳ ପରିମାଣର ଋଷ ସୈନ୍ୟ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ସମ୍ପାଦକୀୟ**
**ତାରକ ମହାନ୍ତି**



ଏତିକିରେ ପୁଟିନ ସନ୍ତୁଷ୍ଟ ନାହାନ୍ତି ବରଂ ୟୁକ୍ରେନ ବିରୋଧରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଯୁଦ୍ଧରେ ଗଣ ସମ୍ପୃକ୍ତି ପାଇଁ ପୁଟିନ ଦେଶବାସୀଙ୍କୁ ଉଦବୋଧନ ଦେବା ସମୟରେ ଘୋଷଣା କରିଛନ୍ତି। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ଯୁଦ୍ଧରେ ଗଣ ସମ୍ପୃକ୍ତି ଓ ସଂରକ୍ଷିତ ସୈନିକଙ୍କ ଅଂଶ ଗ୍ରହଣ ନେଇ ଋଷ ଏଭଳି ଘୋଷଣା କରିଛି। ଯୁଦ୍ଧରେ କେବଳ ସକ୍ରିୟ ସେନା ନୁହେଁ, ଋଷର ରିଜର୍ଭ ଥିବା ସମସ୍ତ ସଦସ୍ୟ ବି ସାମିଲ ହେବେ। ପୁଟିନ କହିଛନ୍ତି, ବର୍ତ୍ତମାନ ଦେଶ ପଶ୍ଚିମ ରାଷ୍ଟ୍ର ମାନଙ୍କ ଆଡୁ ଯେଉଁଭଳି ବିପଦ ସାମ୍ନା କରୁଛି ଏହି ସମୟରେ ଏଭଳି ନିଷ୍ପତ୍ତି ଜରୁରୀ ଥିଲା। ଯଦି ଆମ ଦେଶର ଭୌଗଳିକ ଅଖଣ୍ଡତା ପ୍ରତି ବିପଦ ଉପୁଜେ ତେବେ ସୁରକ୍ଷା ଦେବାପାଇଁ ଯେକୌଣସି ଉପାୟ ଅବଲମ୍ବନ କରିପାରିବୁ। ଏହି ଅବସରରେ ସେ ପରମାଣୁ ଧମକ ଦେଇଥିଲେ। ପୁଟିନ କହିଛନ୍ତି, ଋଷକୁ ସୁରକ୍ଷା ଦେବାପାଇଁ ସେ ଯେଉଁ ପରମାଣୁ ଅସ୍ତ୍ର ପ୍ରୟୋଗ ଚେତାବନୀ ଦେଇଥିଲେ ତାହା ଆଦୌ ମିଥ୍ୟା ନୁହେଁ କି ଡ୍ରାମା ନୁହେଁ। ଏହା ଦ୍ୱାରା ପୁଟିନ ପାଶ୍ଚାତ୍ୟ ରାଷ୍ଟ୍ର ମାନଙ୍କୁ ପୁଣିଥରେ ପରମାଣୁ ଯୁଦ୍ଧ ଧମକ ଦେଇଛନ୍ତି। ପୁଟିନଙ୍କର କହିବାର କଥା, ପାଶ୍ଚାତ୍ୟ ରାଷ୍ଟ୍ରମାନେ ଋଷକୁ ଧ୍ୱଂସ କରିଦେବାକୁ ବସିଛନ୍ତି। ଏଥିପାଇଁ ପାଶ୍ଚାତ୍ୟ ରାଷ୍ଟ୍ର ଗୁଡିକ ବିରାଟ ଷଡଯନ୍ତ୍ର କରୁଥିବା କଥା ପୁଟିନ କହିଛନ୍ତି। ଋଷ ବିରୋଧରେ ପରମାଣୁ ଅସ୍ତ୍ର ବ୍ୟବହାରର ଷଡଯନ୍ତ୍ର ହେଉଛି। ଆମେରିକା, ୟୁରୋପୀୟ ରାଷ୍ଟ୍ରସଂଘ ଏବଂ ବ୍ରିଟେନ ୟୁକ୍ରେନକୁ ଏଥିପାଇଁ ଉତ୍ସାହିତ କରୁଛନ୍ତି ବୋଲି ପୁଟିନ କହିଛନ୍ତି। ପୁଟିନ ଏବେ ୟୁକ୍ରେନର ଏକ ବିଶାଳ ଅଂଶକୁ ଦଖଲ କରିବା ପାଇଁ ଯୋଜନା କରିଛନ୍ତି। ହଙ୍ଗେରୀ ଆକାରର ଏକ ବିଶାଳ ଅଞ୍ଚଳକୁ ଦଖଲ କରି ତାହାକୁ ଋଷ ସହ ସାମିଲ କରିବାକୁ ପୁଟିନ ଯୋଜନା କରିସାରିଛନ୍ତି। ୟୁକ୍ରେନ୍‌ରେ ଚାଲିଥିବା ହିଂସାକୁ ନେଇ ଭାରତ ନିଜର ପ୍ରତିକ୍ରିୟା ରଖି ପୁଣିଥରେ ଦାବି କରିଛି ଯେ, ତୁରନ୍ତ ଏହି ହିଂସା ବନ୍ଦ ହେଉ। ଜାତିସଂଘ ମାନବାଧିକାର ପରିଷଦର ୫୧ତମ ଅଧିବେଶନରେ ଭାରତ ୟୁକ୍ରେନ୍ ଯୁଦ୍ଧ ସଂକ୍ରାନ୍ତରେ ଟିପ୍ପଣୀ ରଖି ୟୁକ୍ରେନ୍‌ରେ ହିଂସା ବନ୍ଦ କଥା କହିଛି। ଭାରତ କହିଛି ଯୁଦ୍ଧ ସ୍ଥିତିରେ ବି ମାନବାଧିକାର ଏବଂ ଅନ୍ତର୍ଜାତୀୟ ଆଇନ ଉଲ୍ଲଙ୍ଘନର କୌଣସି ଯଥାର୍ଥତା ନାହିଁ। ୟୁକ୍ରେନ୍‌ରେ ନାଗରିକଙ୍କ ହତ୍ୟା ଘଟଣାର ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ତଦନ୍ତ ହେବା ଉଚିତ ବୋଲି ଭାରତ କହିଛି। ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟ ଇନ୍ଦ୍ରମଣୀ ପାଣ୍ଡେ ଜାତିସଂଘ ମାନବାଧିକାର ପରିଷଦରେ ଏହି ଟିପ୍ପଣୀ ଦେଇଛନ୍ତି। ୟୁକ୍ରେନ୍‌ରେ ମାନବୀୟ ସହଯୋଗର ଆବଶ୍ୟକତାକୁ ଅନ୍ତର୍ଜାତୀୟ ସମୁଦାୟ ସକରାତ୍ମକ ଭାବେ ଗ୍ରହଣ କରିବା ପାଇଁ ଆଶା ପ୍ରକଟ କରିଛି ଭାରତ। ତେବେ ବର୍ତ୍ତମାନ ଆମେରିକାର ଆଭିମୁଖ୍ୟ ଯାହା, ଋଷ ବିରୋଧରେ ପରମାଣୁ ଯୁଦ୍ଧ କରିପାରେ। ତେଣୁ ତୃତୀୟ ବିଶ୍ୱଯୁଦ୍ଧକୁ ନେଇ ସମଗ୍ର ବିଶ୍ୱରେ ଚିନ୍ତା ବଢ଼ିଛି।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କୁମ୍ଭକର୍ଣ୍ଣର ନିଦ : କୁମ୍ଭୀର କାନ୍ଦଣା

**ଡ.କିଶୋର ମହାନ୍ତି**

ରାମାୟଣର ବିଶିଷ୍ଟ ଚରତ୍ର ତଥା ଏକ ରହସ୍ୟମୟ ଚରିତ୍ରଟିଏ ହେଉଛନ୍ତି କୁମ୍ଭକର୍ଣ୍ଣ। ଏପରି ଚରିତ୍ର ବୋଧହୁଏ ଏଯାବତ୍ କୌଣସି ଲେଖକଙ୍କର କି କବିଙ୍କର କଲମରେ ରୂପ ନେଇପାରିନାହିଁ। ମହର୍ଷି ବାଲ୍ମିକିଙ୍କ ରିଚିତ ରାମାୟଣର ଯେତିକି ଚରିତ୍ର ସବୁ ଆରୋପିତ ହୋଇଛି ସବୁ କିଛି କିଛି ଗୁଣର ଅଧିକାରୀ। ସେମାନଙ୍କର କିଛିକିଛି ବିଶେଷତ୍ୱ ମଧ୍ୟ ରହିଛି। କୁମ୍ଭକର୍ଣ୍ଣଙ୍କୁ ଆମେ ଏକ ନିମ୍ନ ବା ଅନାବଶ୍ୟକୀୟ ଚରିତ୍ର ବି କହିପାରିବାନି। ଲଙ୍କପତି ରାବଣ ଯେମିତି ଯୁଦ୍ଧରେ ନିଜର ବଂଶର ଗୋଟିଏ ପରେ ଗୋଟିଏ ସଦସ୍ୟଙ୍କୁ ହରାଇବାକୁ ବସିଲା ତା ମନ ଅସ୍ଥିର ହେଲା। ଏଣେ ଦୁଃଖ, ତେଣେ କ୍ରୋଧ ପୁଣି ମନରେ ଶତ୍ରୁ ଦମନ କରିବାର ଦୃଢ଼ତା। ବାନର ସେନା ଲଙ୍କା ଗଡ଼ ଜୟ କରି ଚାଲିଯିବେ ଏହି ଅହଂକାର ଗ୍ରାସକଲା ଦଶାନନକୁ, ଅଥଚ ଲଙ୍କାରେ ଏତେ ଯୋଦ୍ଧା ସେନାନୀ ଥାଉଥାଉ। ସେ ତାର କନିଷ୍ଠ ଭ୍ରାତା ଜଣେ ରହିଛି ବୋଲି ସ୍ମରଣକୁ ଆସିଲା ଆଉ ସେ ତାକୁ ଆହ୍ୱାନ କଲା - କୁମ୍ଭକର୍ଣ୍ଣ ବ୍ରହ୍ମାଙ୍କ ପାଖରେ ବର ମାଗିଥିଲା ଇନ୍ଦ୍ରାସନ ପାଇବା ପାଇଁ। କିନ୍ତୁ ସେ ଇନ୍ଦ୍ରାସନ ବଦଳରେ ମାତା ସରସ୍ୱତୀଙ୍କ ଠାରୁ ନିଦ୍ରାସନ ଲାଭ କଲା। କୁମ୍ଭକର୍ଣ୍ଣ ଥିଲା ରାବଣର ସାନଭାଇ। ସେ ୬ ମାସ ଶୋଇବ ଏବଂ ୬ ମାସ ଚେଇଁବ। ଆଉ ଚେଇଁବା ସମୟରେ ବଣର ଯେତେ ଜୀବଜନ୍ତୁ ସମସ୍ତଙ୍କୁ ମୋଡ଼ିମାଡ଼ି ଏକାଥରେ ଖାଇବ ଓ ରକ୍ତପାନ କରିବ। ଏପରି ନୃଶଂସ ଅସୁରର ଚରିତ୍ର ଚିତ୍ରଣ ରାମାୟଣରୁ ହିଁ ମିଳିଥାଏ। ଶୋଇଲା ବେଳେ ହାତୀ ଚଢ଼ିଗଲେ ବି ତାର ନିଦ୍ରାଭଙ୍ଗ ହୁଏନାହିଁ। ସଂସାରରେ କଣ ହେଉଛି ସେ ଜାଣିବ ବା କେମିତି ?

ଆଜି ବାସ୍ତବରେ ଏ ସମାଜରେ ରାଜ୍ୟରେ ତଥା ଦେଶରେ ସମସ୍ତଙ୍କୁ ସେଇ କୁମ୍ଭକର୍ଣ୍ଣ ନିଦ ଗ୍ରାସିଛି। ବିଶେଷ କରି ରାଜନୀତିରେ, ପ୍ରଶାସନରେ, ଜନସାଧାରଣଙ୍କୁ ସୁରକ୍ଷା ଦେବାରେ। କୌଣସି ଜଘନ୍ୟ ଘଟଣା ଘଟିଗଲା ତା ପ୍ରତି ଜାଗୁରକତା କାହାର ନାହିଁ। ଏଠି ଦିନ ଦ୍ୱିପ୍ରହରେ ଛିନ୍‌ତାଇ ହେଉଛି, ଚୋରୀ ହେଉଛି, ଡ଼କାୟତି ହେଉଛି, ଧର୍ଷଣ ହେଉଛି, ଆତ୍ମହତ୍ୟା ହେଉଛି ସତ କିନ୍ତୁ ଏହା ଖବର କାଗଜ ମଣ୍ଡନ କରୁଛି ସତ ହେଲେ ଅନ୍ୟାୟ କରୁଥିବା ବ୍ୟକ୍ତି ସହଜରେ ଖସି ଯାଉଚି। ପଦ୍ମ ଘୁଞ୍ଚ ଘୁଞ୍ଚ ଗଲାଭଳି ନ୍ୟାୟ ମଧ୍ୟ ଘୁଞ୍ଚ ଘୁଞ୍ଚ ଯାଉଛି। ତୁରନ୍ତ ନ୍ୟାୟ ପାଇବା ପାଇଁ ବର୍ଷବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। କୁହାଯାଇଛି ଡ଼ଷ୍ଟିସ୍ ଡ଼ିଲେଡ୍ ମିନ୍ ଜଷ୍ଟିସ୍ ଡ଼ିନାଏଡ଼। ୭୫ ବର୍ଷ ସ୍ୱାଧୀନତା ପ୍ରାପ୍ତି ପରେ ବି ଅଧିକାଂଶ ଆଦିବାସୀ ଅଞ୍ଚଳକୁ ବିଜୁଳୀର ସୁବିଧା ନାହିଁ - ଆମେ ଡ଼ିଜିଟାଲ ଇଣ୍ଡିଆ କହି ବିକାଶର ଡ଼ିଣ୍ଡିମ ବଜାଉଥିଲା ବେଳେ କେଉଁ ପାହାଡ଼ିଆ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଇଣ୍ଟରନେଟ୍ ରହିଛି କହିଲେ। କୋଭିଡ୍ ସମୟରେ ପାଠ ପଢ଼ା ଅନ୍‌ଲାଇନ୍‌ରେ ହେବା ପାଇଁ ବ୍ୟବସ୍ଥା କରାଗଲା। କେତୋଟି ପିଲା ତାର ସୁବିଧା ସୁଯୋଗ ପାଇଲେ ? କିଏ ନଡ଼ାଛପର ଘର ମଥାନରେ ବସିଲାଣି ତ କିଏ ପାହାଡ଼ ଉପରକୁ ଗଲାଣି । ପୁଣି କିଏ ଗଛ ଉପରେ ବସି ନେଟ୍ ଖୋଜିଲାଣି - ହେଲେ ସବୁ ଅକାମୀ। ତେଣୁ ଆମର ସବୁ ଯୋଜନା ଏମିତି ଅକାମୀ। ଏଠି କାହାକୁ କହିବ କିଏ ବା ଶୁଣିବ। ଏଥିପାଇଁ କାହାର ବା କାହିଁକି କୁମ୍ଭକର୍ଣ୍ଣ ନିଦ ଭାଙ୍ଗିବ।

ଆଜି ଆତ୍ମହତ୍ୟ ଗୋଟାଏ ଦୈନିକ ଜଘନ୍ୟ କାଣ୍ଡ ଭାବରେ ତଥାକଥିତ ସମାଜରେ ଦେଖାଯାଉଛି। ନିରିହ କୋମଳମତି କଲେଜରେ ପ୍ରଥମ ପାଦ ଦେଇଥିବା ଝିଅ ଆତ୍ମହତ୍ୟା କରୁଛି। "ବେଟୀ ବଚାଓ ବେଟୀ ପଢ଼ାଓ"ର ସ୍ଲୋଗାନ ଆମେ ଦେଇଥାଉ। କନ୍ୟାରତ୍ନ ଉପରେ ବି ପ୍ରାଧାନ୍ୟ ଦେଇଥାଉ, ଅନେକ ଯୋଜାନା ସେମାନଙ୍କ ପାଇଁ କରିଥାଉ କିନ୍ତୁ ଏପରି ପରିସ୍ଥିତି ଘଟେ ମା', ବାପାଙ୍କର ପାଇଁ ଝିଅଟିଏ ଆତ୍ମହତ୍ୟା କରିବା କେତେ କଷ୍ଟ ଦାୟକ କେହି ବୁଝନ୍ତିନି। ସବୁଠି ରାଜନୀତିର ପଶାପାଲି ଖେଳ। ଏସବୁ କ୍ଷେତ୍ରରେ କୁମ୍ଭକର୍ଣ୍ଣର ନିଦ କେବେ ଭାଙ୍ଗିବ ? ଆମେ କେବେ ଆଉ ସଚେତନ ହେବା।

ଆମର ସ୍ୱାସ୍ଥ୍ୟସେବା ତଦ୍ରୂପ। ଭଲ ଡ଼ାକ୍ତରଖାନାଟିଏ ନାହିଁ- ମାଳ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। କେଉଁଠି ଡ଼ାକ୍ତରଖାନା ଥିଲେ ଡ଼ାକ୍ତର ନାହାଁନ୍ତି - ସେବିକା ରୋଗୀକୁ ନିଦାନ ଦେଉଛନ୍ତି। କେଉଁଠି ଡ଼ାକ୍ତର ଥିଲେ ସେଠି ଆନୁସଙ୍ଗିକ ଯନ୍ତପାତି ନାହିଁ- ପରୀକ୍ଷା ତଥା ଅନ୍ୟାନ୍ୟ ପରୀକ୍ଷା ବା ଇ.ସି.ଜି କରିବା ପାଇଁ ବଡ଼ ବଡ଼ ସହରର ଡ଼ାକ୍ତରଖାନା ଉପରେ ନିର୍ଭର କରିବାକୁ ପଡୁଛି। ଅଚାନକ ରୋଗୀକୁ ଡ଼ାକ୍ତରଖାନାରେ ଭର୍ତ୍ତି କରିବା ପାଇଁ କିଛି ତ୍ୱରିତ ସାଧନ ନାହିଁ। ୧୦୮ ଆମ୍ବୁଲାନ୍ସ ସୁବିଧା ନାହିଁତ କୋଉଠି ଭାରରେ ବୁହାହୋଇ ଖଟିଆରେ ଶୋଇ ଟେକି କରି ଦୂରଦୂରାନ୍ତରୁ ରୋଗୀକୁ ଡ଼ାକ୍ତରଖାନାକୁ ନିଆଯାଉଛି। ଏଥିରେ ବାଟରେ ରୋଗୀର ପ୍ରାଣବାୟୁ ଉଡ଼ିଯିବାଟା ନିଶ୍ଚିତ ଭାବରେ ଏହା କୁହାଯାଇପାରେ। ଏପରି ପରିସ୍ଥିତିରେ ଆମର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁନାହିଁ - ଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟା ରହିଛି ଯାହାର ସମାଧାନ ବା ଆଶୁ ବ୍ୟବସ୍ଥା ଏଯାବତ୍ ହେଇ ପାରିନାହିଁ - ଏ କ୍ଷେତ୍ରରେ ଆମେ କଣ କହିବା ଆମେ ବିକାଶ କରୁଚେ ବୋଲି। ରାସ୍ତା ନିର୍ମାଣ ହେଉଛି କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଜନସାଧାରଣଙ୍କ ଟିକସରେ, କିନ୍ତୁ ସେଇ ରାସ୍ତା ଅଳ୍ପ ଦିନରେ ଫାଟି ଗାଡ଼ ହୋଇଯାଉଛି। କୋଉଠି ପୋଲ ଭୁଷୁଡୁଛି ତ କୋଉଁଠି ଓଭରବ୍ରିଜ୍ ଦୋହଲି ଧରାଶାୟୀ ହେଲାଣି ଓ ଲୋକ ମଲେଣି ଚାପିହୋଇ। ଏସବୁ ଟିକିନିଖି ଦେଖିବା ଦାୟିତ୍ୱ ଆମେ କାହା ଉପରେ ନ୍ୟସ୍ତ କରିବା । ଏମିତି ସଂସାର ଚାଲିଛି, ଦେଶ ଚାଲିଛି, ରାଜ୍ୟ ଚାଲିଛି- ସମୟ ଅତିବାହିତ ହେଉଚି ହେଲେ ଆମର ନିଦ ଭାଙ୍ଗୁନାହିଁ।

ଏଇ କୁମ୍ଭକର୍ଣ୍ଣ ନିଦ୍ରାପାଇଁ ଆମେ ବିକାଶକୁ ତ୍ୱରାନ୍ୱିତ କରିପାରୁନାହିଁ। ଆମର ଚିନ୍ତାଧାରା ସଂକୀର୍ଣ୍ଣ। ମାଗଣାରେ କିଛି ଗୋଟାଏ ଦେଇଦେଲେ ସବୁକିଛି ବିକାଶ ହୋଇଗଲା ବୋଲି ଆମେ ମନକୁ ବୁଝାଇ ଦେଉଚେ। ତଥାପି ଆମେ ଚିର ନିଦ୍ରାରେ ଶୋଇଯାଉଚେ। କିଛି ଗୋଟାଏ ଗୁରୁତର ଘଟଣା ଘଟି ଯଦି ହୁଲସ୍ଥୁଲ କରିଦିଏ ଆମେ ଘୁଙ୍ଗୁଡ଼ି ମାରୁଛେ ଅତି ବେଶୀରେ କଡ଼ ଲେଉଟାଉଛେ। ଏତେବଡ଼ ଅଘଟଣ ବେଳେ ଆମର ନିଦ୍ରାଭଙ୍ଗ ହୁଏନାହିଁ - ନିଦ୍ରାଭଙ୍ଗ କରିବାକୁ କାହାକୁ ବି ଆମେ ଅନୁମତି ଦେଉନାହୁଁ।

ସେହିପରି ବି କୁମ୍ଭୀର କାନ୍ଦଣା - ମିଛିମିଛିକା କାନ୍ଦ। ପର ଦୁଃଖରେ ଲୋକମାନେ ଏତେ ଦୁଃଖ ଯେ ଆଖିରୁ ଅଶ୍ରୁ ବୁହାଇବାର ବେଶ୍ ଅଭିନୟ ଚାଲେ। ନେତାଏ ଏଥିରେ ବେଶ ପାରଙ୍ଗମ, ଧୁରନ୍ଧର। କାହାର ଚାଳିଆ ଘର ଭାଙ୍ଗିଗଲା, କାହାର କଣ ଅଭାବ ଅସୁବିଧା ପାଇଁ ଠିଆ ହେବାଟା ଥୟ। କିନ୍ତୁ ପ୍ରତିଶୃତି ଅନେକ, ହେଲେ କାମରେ କିନ୍ତୁ ଶୁନ। ପ୍ରତିଶ୍ରୁତି ମାନ ଏମାନଙ୍କ ତୁଣ୍ଡରୁ ଗଳଗଳ କରି ବାହାରି ପଡ଼େ, କିନ୍ତୁ ଗୋଟାଏ ପ୍ରତିଶ୍ରୁତି ପାଳିତ ହୁଏ ନାହିଁ। ଏମିତି ପାଂଚବର୍ଷ ଆକାଶକୁ ଅନେଇ ଥା - ସମସ୍ତଙ୍କ ପାଇଁ ଏମାନେ କାନ୍ଦନ୍ତି, ଅଭିନୟ କରିଥାନ୍ତି - ହେଲେ ପଛରେ ବୁନ୍ଦାଏ ଲୁହ କାହିଁକି ଆଖିରୁ ବୋହିବ। ଦୁଃଖ ଓ ସୁଖର ସାଥି ହୁଅନ୍ତି ନେତାଏ। ଭୋଟ୍ ବେଳେ ନସର ପସର ହେବାଟା ନିଶ୍ଚିତ- କାହାକୁ ମା ଭଉଣୀ, ଦାଦା ଖୁଡ଼ି କହି ଭୋଟ ହାତେଇବା ଗୋଟାଏ ଅଭ୍ୟାସ କରି ରଖିଥାନ୍ତି। ହେଲେ ଅସଲ ବେଳେ ଦେଖାନଥାଏ - ଖବର କାଗଜରେ ଫଟୋ ସହ ଖବର ବାହାରେ। ଏଥିପାଇଁ ନେତା, ଦୁଃଖ ପ୍ରକାଶ କଲେ ଜନସାଧାରଣଙ୍କ ସାମ୍ନାରେ ବହେ କାନ୍ଦି ସମବେଦନା ଜ୍ଞାପନ କରନ୍ତି। ଜନସାଧାରଣ ଫଟୋ ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇଯାଆନ୍ତି କୁହନ୍ତି ଆମ ନେତା ଆମ ମାଟିର। ଆମ ସହ ଯୋଡ଼ି ହୋଇରହିଥାନ୍ତି। ଭୋଟ୍ ବେଳେ କାହା ଚୁଲିମୁଣ୍ଡରେ ବସି ପଖାଳ, ଶୁଖୁଆ ଭଜା ଖାଇଲେଣି ତ କୋଉଠି ପିଢ଼ା ପକାଇ ମୁଢ଼ି ଚୋବାଇ ପକାଇଲେଣି ଆଉ ଆମ ଗଣମାଧ୍ୟମ ଅନେଇ ବସିଥିବେ ନେତାଙ୍କର ଏହି ଅଭିନୟଟାକୁ ଫଟୋରେ କଏଦ କରିବାକୁ। ଜନତାଙ୍କ ଭିତରେ ନେତାଙ୍କର ଏ ଅଭିନୟ ବେଶ ଉଚ୍ଚକୋଟୀର ବୋଲି ଜଣାଯାଏ।

କୌଣସି ସମସ୍ୟା ନେଇ ଆନ୍ଦୋଳନ ହେଉ ଅବା ହରତାଳ, ଧର୍ମଘଟ ବା ଅଖ ବନ୍ଦ ଚକ ବନ୍ଦ, ଏ ବେଳେ ଆମେ ସେମିତି ଶୋଇଥାଉ। ଏମିତି ବ୍ୟବସ୍ଥା କରିଥାଉ ଯେ- ଯେଝାବାଟ ଦେଖି ଧର୍ମଘଟ ଭାଙ୍ଗି ଚାଲିଯାଆନ୍ତି। ଦେଶ ଓ ରଜ୍ୟରେ ସବୁକିଛି ଏମିତି ଘଟୁଛି - ନିଦ୍ରାଭଙ୍ଗ କରିବ କିଏ- କୁମ୍ଭୀର କାନ୍ଦଣାଟା ସତ ବୋଲି ଭାବିନେଇ ଏଠି ମିଛସତର ଖେଳ ଚାଲିଛି। ରାଜନୀତିର ରଙ୍ଗ ସମସ୍ତଙ୍କୁ ପାଗଳ କରିଛି। ବେଳେବେଳେ ନେତାଏ ଅଭିନେତା ପାଲଟି ଯାଆନ୍ତି ପୁଣି ଅଭିନେତା ବେଳେ ବେଳେ ରାଜନୀତି ଚଟଣୀ ଚାଖିବା ପାଇଁ ବାହାରି ଥାଆନ୍ତି ନିର୍ବାଚନ ମୈଦାନକୁ। ଆମ ସମସ୍ତଙ୍କର ଚିତ୍ର ଓ ଚରିତ୍ର ପ୍ରାୟତଃ ସମାନ। ଏହି ଜନତାଙ୍କ ମଧ୍ୟରୁ ନେତା ହୁଅନ୍ତି - ସେହି ହିଁ ନିଶ୍ଚୟ ଅନୁଭବ କରିଥିବ ଜନ ସାଧାରଣଙ୍କର ସମସ୍ୟାକୁ ଦୁଃଖ କଷ୍ଟକୁ କିନ୍ତୁ ରାଜନୀତିର ଖୁଆଡ଼ରେ ଥରେ ପ୍ରବେଶ କରିଗଲେ ନୀତି ନୈତିକତା ବଦଳିଯାଏ - ନିଜତ୍ୱକୁ ଜଳାଞ୍ଜଳି ଦେବାକୁ ହୁଏ। ଆମର କୁମ୍ଭୀର କାନ୍ଦଣ ବେଶ୍ ଆସ୍ତେ ଆସ୍ତେ ଧରା ପଡ଼ିଯାଏ- ମିଛରେ ଆଖିରୁ ଲୁହପୋଛୁ ପଛରେ ଚେର କାଟୁ। ବେଳେ ବେଳେ କେତେ ସମସ୍ୟା ଆସିଲେବି ଆମେ ଅଚିନ୍ତା ନିଦରେ ଶୋଇଯାଉ। କାହାର ଦୁଃଖ କଷ୍ଟ ଆମ ହୃଦୟକୁ ଦୋହଲାଇପାରେ ନାହିଁ। ଆମେ କୁମ୍ଭକର୍ଣ୍ଣ ନିଦ ଯାଉ ଉଠାଇବାକୁ ମନା, ହାତୀ ଚଢ଼ିଗଲେ ବି ଉଠୁନା - ମଶା ଡ଼ାଆଁଶ ଲାଗିଲେବି ଜାଣଜାଣି ଉଠୁନା ଆମେ। ଏସବୁ କଥାକୁ ଏ କାନରେ ପୁରାଇ ସେ କାନରେ ବାହାର କରିଦେଉ। କୁମ୍ଭକର୍ଣ୍ଣ ନିଦ୍ରାଯାଉ ଦରକାର ହେଲେ ଅଭିନୟ କରି କୁମ୍ଭୀର କାନ୍ଦଣା ବି ପ୍ରଦର୍ଶନ କରୁ ଜନଗଣଙ୍କ କରତାଳି ପାଇବା ପାଇଁ, ମେଡିଆରେ ଫଟୋ ବାହାରି ନିଜକୁ ଦେଖେଇହେବା ପାଇଁ......।

*ଇ-୫୦, ସେକ୍ଟର -୭,*
*ସିଡ଼ିଏ, କଟକ-୧୪*
*ଦୂରଭାଷ : ୯୪୩୭୭୨୮୪୭୫*

# ଐତିହାସିକ ତଥ୍ୟକୁ ଲୁଚାଇବା ଏକଛତ୍ରବାଦୀ ଶାସନର ଲକ୍ଷଣ

**ଅସିତ ମହାନ୍ତି**

ଆମେ ଇତିହାସ ଅଧୀନରେ ଅଧ୍ୟୟନ କରୁଥିବା ବିଷୟଗୁଡିକରେ, ବର୍ତ୍ତମାନ ପର୍ଯ୍ୟନ୍ତ ଘଟିଥିବା ଘଟଣାଗୁଡ଼ିକ କିମ୍ବା ଏହା ସହିତ ଜଡିତ ଘଟଣାଗୁଡ଼ିକର ଏକ କ୍ରମାନୁକ୍ରମିକ ବର୍ଣ୍ଣନା ଅଛି। ଅନ୍ୟ ଅର୍ଥରେ, ଇତିହାସ ହେଉଛି ମନୁଷ୍ୟର ନିର୍ଦ୍ଦିଷ୍ଟ ଘଟଣାର ନାମ। କିମ୍ବା ଇତିହାସ ହେଉଛି ମାନବଜାତି ସହିତ ଜଡିତ ଘଟଣାଗୁଡ଼ିକର ବର୍ଣ୍ଣନା, ପ୍ରାଚୀନ କାଳରୁ ନୂତନତା ପର୍ଯ୍ୟନ୍ତ। କେହି ଇତିହାସ ଆବିଷ୍କାର କରିନାହାଁନ୍ତି। ଯେତେବେଳେ ଜଣେ ବ୍ୟକ୍ତି ଅତୀତରେ ଘଟିଥିବା ଘଟଣାଗୁଡ଼ିକୁ ମନେ ରଖିବାରେ ଅସମର୍ଥ ଅନୁଭବ କଲା, ସେତେବେଳେ ସେ ଏହାକୁ ଲିପିବଦ୍ଧ କରିବା ଆରମ୍ଭ କଲା। କିଛି ବିବେକଶିଳ ବ୍ୟକ୍ତି ଏହାକୁ ତାରିଖ ଏବଂ ସମୟ ଅନୁଯାୟୀ ଲେଖିଥିଲେ, ତାହା ହେଉଛି ଆଜିର ପ୍ରାମାଣିକ ଇତିହାସ। କିନ୍ତୁ ଯଦି ଏହି ତଥ୍ୟକୁ ଲୁଚାଯାଏ ତେବେ ଏହା ମାନବ ସଭ୍ୟତାର ବିକାଶର କ୍ରମକୁ ଜାଣିବାପାଇଁ କଠିନ ହୁଏ। କର୍ଣ୍ଣାଟକରେ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକରେ ଏକ ଉତ୍ସାହଜନକ କାହାଣୀ ପଢିବାକୁ ମିଳିଛି। ଯେତେବେଳେ ବୀର ସାବରକର ଆଣ୍ଡାମାନ ଜେଲରେ ଥିଲେ। ଏକ ଛୋଟ ଝରକାରେ ଏକ ବୁଲବୁଲ୍ ପ୍ରବେଶ କରେ ଏବଂ ସାବରକର ତାଉପରେ ଚଢି ମାତୃଭୂମି ଭ୍ରମଣ କରିବା ପାଇଁ ଉଡିଯାନ୍ତି ଏବଂ ପୁଣି ସେହି ବୁଲ ବୁଲ ପକ୍ଷୀ ସାହାଯ୍ୟରେ ସେହି ରାସ୍ତା ଦେଇ ଜେଲ୍‌କୁ ଫେରି ଆସନ୍ତି। ବହିରେ ଏପ୍ରକାର ରଚନାକୁ ଲୋକମାନେ ବିରୋଧ କରିଥିଲେ। ନିଜକୁ ରକ୍ଷା କରିବାପାଇଁ ଏହା କୁହାଯାଇଥିଲା ଯେ ଏହା କବିତାରେ ଲେଖାଯାଇଥିଲା ... କିନ୍ତୁ ଏହା ଧ୍ୟାନ ଦେବା ଉଚିତ୍ ଯେ ଏହା ଏକ ପାଠ୍ୟପୁସ୍ତକ। କବିତା ପାଇଁ ବିଭିନ୍ନ ସାହିତ୍ୟ ଅଛି। ବୁଲ୍‌ବୁଲ୍ କାହାଣୀ କେବଳ ଏକ ଟ୍ରେଲର ... ଆଗାମୀ ଦିନରେ ଅଧିକ ଗୌରବ ଗାଥା ଶୁଣିବାପାଇଁ ପ୍ରସ୍ତୁତ ରହିବାକୁ ହେବ। ଇତିହାସ ପରିବର୍ତ୍ତନ ପାଇଁ ପ୍ରକଳ୍ପ ଆରମ୍ଭ ହୋଇସାରିଛି। ୨୦୦୨ ଗୁଜୁରାଟ ଦଙ୍ଗା, ଜରୁରୀକାଳୀନ ପରିସ୍ଥିତିରେ ଲୋକ ତଥା ଅନୁଷ୍ଠାନ ଉପରେ ପ୍ରଭାବ, ବିରୋଧ ତଥା ସାମାଜିକ ଗତିବିଧି, ନର୍ମଦା ବଞ୍ଚାଅ ଆନ୍ଦୋଳନ, ଦଳିତ ପାନ୍ଥର୍ ଏବଂ ଭାରତ କିସାନ୍ ୟୁନିଅନ୍ ଏହି ସବୁ ବିଷୟ ଗୁଡିକୁ ଇତିହାସରୁ ଧୀରେ ଧୀରେ ବିଲୋପ କରାଯାଉଛି। ଷଷ୍ଠ ଶ୍ରେଣୀ ଏବଂ ତଦୁର୍ଦ୍ଧ ଛାତ୍ରମାନେ ଇତିହାସ ଅଧ୍ୟୟନ କରନ୍ତି, ବିରୋଧ ଏବଂ ଗୁରୁତ୍ୱପୂର୍ଣ୍ଣ ତାରିଖ ବିଷୟରେ ଜାଣନ୍ତି କିନ୍ତୁ ସେହି ବିଷୟ ଗୁଡିକୁ ଇତିହାସରୁ ଅପସାରଣ କରାଯାଉଛି। ପାଠ୍ୟ ପୁସ୍ତକ ଯୁକ୍ତିଯୁକ୍ତକରଣ ନାମରେ ପାଠ୍ୟପୁସ୍ତକର ତୃତୀୟ ଥର ପାଇଁ ସମୀକ୍ଷା କରାଯାଉଛି, ଏବଂ ପରିବର୍ତ୍ତନ ହେବ ହିଁ ହେବ। ୨୦୧୭ରେ ପ୍ରଥମ ପରିବର୍ତ୍ତନ (୧,୩୩୪ ପରିବର୍ତ୍ତନ) ଏବଂ ୨୦୧୯ରେ ଦ୍ୱିତୀୟ, ଯେତେବେଳେ ଶ୍ରୀ ପ୍ରକାଶ ଜାବେଡ଼କର ଶିକ୍ଷା ମନ୍ତ୍ରୀ ଥିଲେ। ପାଠ୍ୟକ୍ରମ ଭାର ହ୍ରାସ କରିବା ଏବଂ ଛାତ୍ରମାନଙ୍କୁ ସାହାଯ୍ୟ କରିବା ପାଇଁ ବର୍ତ୍ତମାନ ୨୦୨୧ ରେ ନୂତନ ପରିବର୍ତ୍ତନ କରାଯାଇଛି। ଅବାଞ୍ଛିତ ବିବାଦୀୟ ଏବଂ ଲଜ୍ଜାଜନକ ଜିନିଷ ହଟାଇବା ପାଇଁ ପୁରା ବ୍ୟବସ୍ଥା କରାଯାଇଛି, ଏହାକୁ ବିପର୍ଯ୍ୟୟରେ ସୁଯୋଗ କୁହାଯାଏ। ଉଦାହରଣ ସ୍ୱରୂପ, ୨୦୦୨ ଗୁଜୁରାଟ ଦଙ୍ଗା ଏବଂ ଏନ୍‌ଏଚ୍‌ଆରସି (ଜାତୀୟ ମାନବ ଅଧିକାର ଆୟୋଗ) ରେଫରେନ୍ସ ଯାହା ଗୁଜୁରାଟ ସରକାରଙ୍କୁ ହିଂସାକୁ ଠିକ୍ ସମୟରେ ବନ୍ଦ କରି ନ ପାରିବା ପାଇଁ ସମାଲୋଚନା କରିଥିଲା, ଏହି ତଥ୍ୟକୁ ପୁସ୍ତକରୁ ବାଦ ଦିଆଯାଇଛି। ମନେରଖନ୍ତୁ, ରାଜ ଧର୍ମକୁ ଅନୁସରଣ କରିବା ପାଇଁ ଗୁଜରାଟର ମୁଖ୍ୟମନ୍ତ୍ରୀଙ୍କୁ ଅଟଳ ବିହାରୀ ବାଜପେୟୀ ଦେଇଥିବା ବାର୍ତ୍ତା – 'ଜଣେ ଶାସକ ଭାବରେ ଜାତି ଧର୍ମ ଏବଂ ଧର୍ମ ଆଧାରରେ ଭେଦଭାବ ନକରିବା ପାଇଁ', ଏହି ତଥ୍ୟକୁ ବାଦ ଦିଆଯାଇଛି। ଆମର ଛାତ୍ରମାନେ ଏ ବିଷୟରେ ଅଧିକ ଅଧ୍ୟୟନ କରିବେ ନାହିଁ। ଜରୁରୀକାଳୀନ ପରିସ୍ଥିତି ଉପରେ ଅଧ୍ୟାୟକୁ ହଟେଇ ଦିଆଯାଇଛି। ରାଜନୀତି ବିଜ୍ଞାନ ସ୍ୱାଧୀନତା କାଳରୁ ଏପର୍ଯ୍ୟନ୍ତ ବିଷୟକୁ ଦ୍ୱାଦଶ ଶ୍ରେଣୀର ପାଠ୍ୟ ପୁସ୍ତକରୁ ହ୍ରାସ କରି କେବଳ ୫ ପୃଷ୍ଠାରେ ସୀମିତ କରାଯାଇଛି। ଯେପରି – ରାଜନୈତିକ କର୍ମୀଙ୍କୁ ଗିରଫ, ଗଣମାଧ୍ୟମ ଉପରେ ପ୍ରତିବନ୍ଧକ, ନିର୍ଯାତନା ଏବଂ କଷ୍ଟଡିଆଲ ମୃତ୍ୟୁ, ଜବରଦଖଲ ଉଚ୍ଛେଦ ଏବଂ ଗରିବଙ୍କ ବୃହତ ଭାବେ ସ୍ଥାନାନ୍ତର ଇତ୍ୟାଦି। କାହିଁକି ସେସବୁକୁ ଛାତ୍ର ମାନଙ୍କୁ କୁହାଯିବ ... ଯଦି ସେମାନେ ଜରୁରୀକାଳୀନ ପରିସ୍ଥିତି ବିଷୟରେ ପଢିବେ ନାହିଁ, ସେମାନେ ଜାଣିପାରିବେ ନାହିଁ। ସାମାଜିକ ଆନ୍ଦୋଳନ କ'ଣ – ୬ ରୁ ୧୨ ଶ୍ରେଣୀରୁ ୩ ଅଧ୍ୟାୟ ଅପସାରିତ ହୋଇଛି। ସିଏଏ ଆନ୍ଦୋଳନ କୃଷକ ଆନ୍ଦୋଳନ ଏସବୁ ଜାତୀୟ ବିରୋଧୀ ଏବଂ ସେମାନେ ଟ୍ରାଫିକ୍ ଜାମ୍ କରନ୍ତି, ରାସ୍ତା ଅବରୋଧ କରନ୍ତି ଆଦି। ୧୯୭୦ ର ଉତ୍ତରାଖଣ୍ଡରେ ଚିପକୋ ଆନ୍ଦୋଳନ, ୧୯୭୦ ର ମହାରାଷ୍ଟ୍ରର ଦଳିତ ପାନ୍ଥର୍ସ ଏବଂ ୧୯୮୦ ମସିହାରେ ଭାରତ କିସାନ ୟୁନିଅନର କୃଷି ସଂଘର୍ଷ। ଛାତ୍ରମାନଙ୍କୁ ବଡ଼ ଧରଣର ସାମାଜିକ ଗତିବିଧିକୁ ବ୍ୟାଖ୍ୟା କରିବାର ଆବଶ୍ୟକତା ଅଛି କି ? ଯଦି ଏମାନଙ୍କୁ ପ୍ରଶଂସା କରାଯାଏ ଏବଂ ଛାତ୍ରମାନଙ୍କୁ ଶିକ୍ଷା ଦିଆଯାଏ ସେମାନେ ମଧ୍ୟ ଆରମ୍ଭ କରିବେ .... ତେଣୁ ରେଫରେନ୍ସ ଡିଲିଟ୍ କରନ୍ତୁ। ଶ୍ରେଣୀ ୬ରେ ଗଣତାନ୍ତ୍ରିକ ସରକାରର ପ୍ରମୁଖ ଉପାଦାନ କୁହାଯାଉଥିବା ଏକ ଚାପ୍ଟରକୁ ହଟାଇ ଦିଆଯାଇଛି। ବାସ୍ତବରେ ଗଣତନ୍ତ୍ରରେ ଲୋକଙ୍କ ଅଂଶଗ୍ରହଣ, ବିବାଦର ସମାଧାନ, ସମାନତା ଏବଂ ନ୍ୟାୟ ହେଉଛି ମୁଖ୍ୟ ବୈଶିଷ୍ଟ୍ୟ। ଏ ସମସ୍ତ ବିଷୟକୁ ବହିରୁ ହଟାଇ ଦିଆଯାଇଛି। ଏହି ମୂଲ୍ୟବୋଧକୁ ଗ୍ରହଣ କରିବାର ଆବଶ୍ୟକତା କ'ଣ ? ଦେଶଦ୍ରୋହର ସନ୍ଦର୍ଭ ବିଲୋପ କରିବା, ଉପନିବେଶ ନିୟମ ଏବେ ମଧ୍ୟ ବ୍ୟବହୃତ ହେଉଛି। ଶ୍ରେଣୀ ଅଷ୍ଟମର ରାଜନୀତି ବିଜ୍ଞାନର ଏକ ଅଧ୍ୟାୟ 'ବୁଝାମଣା ନିୟମ', ଯେଉଁଥିରେ ଛାତ୍ରମାନଙ୍କୁ ୧୮୭୦ ଦେଶଦ୍ରୋହ କାର୍ଯ୍ୟ କାହିଁକି ମନମୁଖୀ ଏବଂ ଆଇନର ନିୟମକୁ ବିରୋଧ କରୁଥିବାର କାରଣ କୁହାଯାଇଥିଲା, ସେ ବିଷୟକୁ ବାଦ ଦିଆଯାଇଛି। ଯଦି ଏହି ଜିନିଷଗୁଡିକ ଶିକ୍ଷା ଦିଆଯାଏ ତେବେ ଛାତ୍ରମାନେ ବିଦ୍ରୋହ ଆଇନ ବ୍ୟବହାର ଏବଂ ଯୁକ୍ତି ବିଷୟରେ ଜାଣିବେ। ତାପରେ UAPA,(Unlawful Activities (Prevention) Amendment Act) NSA(National Security Act) ଅଛି, ତେଣୁ ଏଗୁଡିକ କାହିଁକି ଶିକ୍ଷା ଦିଆଯିବ। ତେଣୁ ଏହି ସମସ୍ତ ବିଷୟକୁ ସମାପ୍ତ କରାଯାଉ, ଫଳସ୍ୱରୂପ ଯୁବ ପିଢ଼ି ଏସବୁ ବିଷୟରେ ଅନଭିଜ୍ଞ ରୁହନ୍ତୁ। ଅର୍ଥାତ ଯୁବ ସମାଜକୁ ଜ୍ଞାନରୁ ଅଲଗା କରି ଅନ୍ଧକାରରେ ଠେଲି ଦିଆଯିବାର ପ୍ରୟାସ। ଅଧିକନ୍ତୁ, ନକ୍ସଲାଇଟ୍ ଗତିବିଧି ରେଫରେନ୍ସ ଅପସାରିତ ହୋଇଛି। ୧୯୬୭ ର କୃଷକ ବିଦ୍ରୋହର ପୃଷ୍ଠାକୁ ବିଲୋପ କରାଯାଇଛି। ଆଜି ଆମର ସହରୀ ନକ୍ସାଲ ଅଛନ୍ତି ... ଜଣେ କିପରି ନକ୍ସଲବାଦ ଶିକ୍ଷା ଦେଇ ପାରିବ ... ସେହି ଲୋକମାନଙ୍କୁ ରାଜ୍ୟ ବିରୁଦ୍ଧରେ ଉଠିବାକୁ ବାଧ୍ୟ କଲା ଯଦି ସେମାନେ ଏତେ ଦରିଦ୍ର ଥିଲେ। ବିଜେପି ନେତା ବିନୟ ସାହସ୍ରାବୁଧେ ଗତ ବର୍ଷ ଏକ ରିପୋର୍ଟ ଦାଖଲ କରି ଦର୍ଶାଇଥିଲେ: ପାଠ୍ୟ ପୁସ୍ତକ ଜାତି ପ୍ରତି ଅନୁପଯୁକ୍ତ ଧ୍ୟାନ ଦେଇଥାଏ। ତେଣୁ, ଷଷ୍ଠ ଶ୍ରେଣୀରେ ବର୍ଣ୍ଣ ପ୍ରଣାଳୀର ବ୍ୟାଖ୍ୟା ଅଧା କାଟି ଦିଆଯାଇଛି ଏବଂ ବିଷୟଗୁଡ଼ିକ ହେଲା – ରାଜ୍ୟ, ରାଜା ଏବଂ ପ୍ରାଥମିକ ଗଣତନ୍ତ୍ର, ବର୍ଣ୍ଣର ବଂଶାନୁକ୍ରମିକ ପ୍ରକୃତି, ଲୋକଙ୍କୁ ଅସ୍ପୃଶ୍ୟ ଭାବରେ ବର୍ଗୀକରଣ ଏବଂ ବର୍ଣ୍ଣ ପ୍ରଣାଳୀକୁ ପ୍ରତ୍ୟାଖ୍ୟାନ କରିବା। ଛାତ୍ରମାନେ ଭେଦଭାବ ବିଷୟରେ ଜାଣିବେ ଏବଂ ଯଦି ଏପରି ଧାରଣା ବିସ୍ତୃତ ହୁଏ ତେବେ ସଂରକ୍ଷଣ କାହିଁକି ଅଛି ବୋଲି ପ୍ରଶ୍ନ କରିବେ। ଗୋଟିଏ ଅଧ୍ୟାୟ ଥିଲା, 'ବିବିଧତା ଏବଂ ଭେଦଭାବ' ସେହି ଅଧ୍ୟାୟକୁ ହଟାଇ ଦିଆଯାଇଛି। ଅସ୍ପୃଶ୍ୟତା ଏବଂ ସାମାଜିକ କ୍ରମରେ ପ୍ରଥମେ ଏକ୍ସପୋଜରକୁ ହଟାଇ ଦିଆଗଲା। ତେଣୁ, ଦ୍ୱାଦଶ ଶ୍ରେଣୀରେ ମଧ୍ୟ ଅସ୍ପୃଶ୍ୟତା ଏବଂ ସାମାଜିକ ଅସମାନତା ଶିକ୍ଷା ଦିଆଯିବ ନାହିଁ। ହର୍ଷ ମନ୍ଦରଙ୍କର ଏକ ପୁସ୍ତକ 'ଅନହର୍ଡ ଭଏସ୍'ର' ଏକ ଗୁରୁତ୍ୱପୂର୍ଣ୍ଣ ପାସ୍ ଯାହା ମାନୁଆଲ ସ୍କାଭେଜିଙ୍ଗ(ସଫାଇ) ବିଷୟରେ କିପରି ଲୋକଙ୍କୁ ବାଧ କରାଯାଏ, ସେହି ବିଷୟଟିକୁ ହଟାଇଦିଆଯାଇଛି .. ଏହି କଠୋର ବାସ୍ତବତା ବିଷୟରେ ଜାଣିବାର ଆବଶ୍ୟକତା କ'ଣ ? ବିଭିନ୍ନ ମୋଗଲ ସମ୍ରାଟମାନଙ୍କର ଟେବୁଲ୍ ତାଲିକା ମାଇଲଖୁଣ୍ଟକୁ ହଟାଇ ଦିଆଯାଇଛି। ମୁଖ୍ୟ ବିଷୟ ହେଉଛି ଯେ ମୋଗଲମାନେ ଜିଜିଆ କର ଲଗାଇ ଥିଲେ ଏବଂ ମନ୍ଦିରଗୁଡିକ ନଷ୍ଟ କରିଥିଲେ, ତାହା ଜାଣିବା ଆବଶ୍ୟକ,କିନ୍ତୁ ସେସବୁ ବିଷୟକୁ ବହିରୁ ହଟାଇ ଦିଆଯାଇଛି। ତେବେ, କିଏ ଏହା କରୁଛି ? ଜାତୀୟ ପାଠ୍ୟକ୍ରମ ଫ୍ରେମଓ୍ୱାର୍କ (ଏନ୍‌ସିଏଫ୍) ଦ୍ୱାରା ଏହି ପଦକ୍ଷେପ ନିଆଯାଇଛି। ପୁନଃ ନିର୍ମାଣ ପ୍ରକ୍ରିୟା ହେବ ସ୍ୱାଭାବିକ ଏବଂ ପୂର୍ବରୁ ମଧ୍ୟ ବହୁବାର ହୋଇଛି, କିନ୍ତୁ ଏନ୍‌ସିଏଫ୍ ଦ୍ୱାରା ଯାହା କରାଯାଉଛି ତାହା ୨୦୧୪ ପରଠାରୁ ପ୍ରଥମ ଥର ପାଇଁ ହୋଇଛି। ଏନସିଏଫ୍ ରଚନାରେ ସ୍ୱଦେଶୀ ଜାଗରଣ ମଞ୍ଚର ଜାତୀୟ ସହ-ସଂଯୋଜକ ତଥା ବିଦ୍ୟା ଭାରତୀର ମୁଖ୍ୟ ଅନ୍ତର୍ଭୁକ୍ତ ଯାହାକି ଆର ଏସ ଏସ ସହିତ ସଂଯୁକ୍ତ (୨୫ ଜଣ ସଦସ୍ୟଙ୍କ ମଧ୍ୟରୁ ୧୭ ଜଣ ହେଉଛନ୍ତି ଆର ଏସ ଏସ ସହିତ ସଂଯୁକ୍ତ ଯାହା ଇଣ୍ଡିଆନ୍ ଏକ୍ସପ୍ରେସ ଦ୍ୱାରା ଖୋଜା ଯାଇଛି)। ତେବେ, ଏଥିରୁ ବୁଝା ପଡୁଛି ଯେ ଆମ ଶିକ୍ଷା ଉପରେ କିଏ ପ୍ରଭାବ ପକାଉଛି ? ଆପଣ ନିଶ୍ଚିତ ମନେ ରଖିଥିବେ, କିଛି ଦିନ ପୂର୍ବରୁ, ଶ୍ରେଣୀ ଷଷ୍ଠରୁ ହିନ୍ଦୀ ବାଧ୍ୟତାମୂଳକ କରିବାପାଇଁ କଥାବାର୍ତ୍ତା ହୋଇଥିଲା, କିନ୍ତୁ ଜବରଦସ୍ତ ବିରୋଧ ହେବାରୁ ଏହାକୁ ପ୍ରତ୍ୟାହାର କରିବାକୁ ସରକାର ବାଧ୍ୟ ହେଲେ। ଇତିହାସକୁ ପୁନର୍ଲେଖନ କରାଯାଇପାରିବ, ନୂତନ ଉପାଦାନଗୁଡିକ ଉପସ୍ଥାପନ କରାଯାଇପାରେ। କିନ୍ତୁ ପ୍ରଶ୍ନ ହେଉଛି, ଦକ୍ଷ ଯୋଗ୍ୟ ବ୍ୟକ୍ତିମାନେ ଶିକ୍ଷା ବ୍ୟବସ୍ଥାରେ ସୁଯୋଗ ଏବଂ ସଂଶୋଧନ କରୁଛନ୍ତି କି ? ବୁଲବୁଲ ହେଉଛି ଏକ ଉଦାହରଣ ଯେଉଁଥିରେ ଅନ୍ୟାନ୍ୟ ଉଦାହରଣ ଅଛି ... ଏକ ସିବିଏସ୍‌ଇ ପାଠ୍ୟ ପୁସ୍ତକରେ କୁହାଯାଇଛି ଯେ ୩୬ , ୨୪ ,୩୬ ମହିଳାମାନଙ୍କ ଶରୀର ପାଇଁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ, ଏବଂ ଏହା ଯଥାର୍ଥ ଅଟେ। ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ସୂଚିତ କରେ, କାର୍ଯ୍ୟରତ ମହିଳାମାନେ ବେରୋଜଗାର ସୃଷ୍ଟି କରନ୍ତି। ଆମକୁ ଜଣା ଯେ ଆମ ଦେଶରେ ଅର୍ଥନୀତିରେ ମହିଳାଙ୍କ ଅଂଶଗ୍ରହଣ ଆଦର୍ଶ ନୁହେଁ।ବାମ – ଡାହାଣ କିମ୍ବା ଯେକୌଣସି ପ୍ରଭାବ ... ସତ୍ୟ ହେଉଛି, ୭୦ ବର୍ଷର ଶିକ୍ଷା ବ୍ୟବସ୍ଥାରେ ଏକ ବୈଜ୍ଞାନିକ ମାନସିକତା ର ବେଶୀ ନହେଲେ ବି କିଛିଟା ପ୍ରଗତି ହୋଇଥିଲା। କିନ୍ତୁ ବିଗତ ୮ ବର୍ଷରେ ଯେଉଁ ହାରରେ ପରିବର୍ତ୍ତନ ଘଟୁଛି ... ଯଦି ୨୦ -୩୦ ବର୍ଷ ପରେ ନୂତନ ପିଢ଼ି ଅତୀତରେ ଯାହାକିଛି ଘଟିଥିଲା ସେ ବିଷୟରେ ଅନଭିଜ୍ଞ ରହିବେ। ଏହା ଏକ ଦେଶ ପାଇଁ ଅଶୁଭ ସଙ୍କେତ। ଲୋକମାନଙ୍କୁ ଚିନ୍ତା କରିବାକୁ ହେବ ଯେ ଦେଶରେ ଏକ ଝିଲମିଲ ଏବଂ ଚକମକିଆ ଆବରଣ ଭିତରେ କଣ ଚାଲିଛି ଏବଂ ଏହାର ଫଳାଫଳ କଣ ହେବ ? ଏହାର ଜବାବ ନୂତନ ପିଢିଙ୍କୁ ଆମକୁ ଦେବାକୁ ହେବ।

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୨୬




*(ପୂର୍ବପ୍ରକାଶ ଉତ୍ତାରୁ)*

ସେତେବେଳକୁ ଅନ୍ୟସାଙ୍ଗ ସାଥୀ ମାନେ ବି ଚାଲି ଯାଇଥିଲେ ପାର୍ଟିରୁ । ସେଇ ସୁଯୋଗରେ ଆମେ ଢେର୍ ସମୟ ବିତାଇଲୁ ପାଖାପାଖି । ଆଉ ତା ଭିତରେ ମୁଁ ଅନେକଦିନର ସାଇତା ମୋ ମନକଥାକୁ ତା ଆଗରେ କହି ପକାଇଲି । ସେ ବି ମୋତେ ନିରବ ସମ୍ମତି ଦେଇଛି । ମୋତେ ବିବାହ କରିବାକୁ ସେ ରାଜି । କଲେଜରେ ପଢୁଥିବାବେଳେ ତାର ବି ମୋ ପ୍ରତି ଦୁର୍ବଳତା ଥିଲା । ସେକଥା ଶୁଣି ମୁଁ ଆଜି ଖୁବ୍ ଖୁସି । ଏସବୁ ତୋରି ପାଇଁ ହିଁ ସଂଭବ ହୋଇପାରିଲା ଲୀନା । ଏଥର ନୀଳ ଗୋଲାପ ପାଇଲେ ନିଶ୍ଚୟ ରଖିବୁ, ତୋ ସାନ ମାଲିକାଣୀଙ୍କ ପାଇଁ । ଏତିକି କହି ସେ ସଲ୍ଲଜ ଭାବରେ ହସିଲେ ।

ଏଭଳି ହସ ସେ ଆଗରୁ କେବେ ତାଙ୍କ ମୁହଁରେ ଦେଖି ନଥିଲା । ତନ୍ମୟ ହୋଇ ତାଙ୍କ କଥା ଶୁଣୁଥିଲା କେବଳ । ଲାଗୁଥିଲା ମଣିଷଟା ମୂର୍ତ୍ତି ପାଲଟିଯାଇଛି କି ? ସେ କହିଲେ ପୁଣି- ଖୁବ୍ ଖୁସିରେ ଆଜି ତୋପାଇଁ ଛୋଟିଆ ଉପହାରଟିଏ ଆଣିଛି । ନେ'କହି ତା ହାତକୁ ସେ ବଢାଇ ଦେଲେ କାର୍ଡବ୍ୟୁରିଜ୍ ଚକୋଲେଟ୍‌ର ବଡ ପ୍ୟାକେଟ୍‌ଟାଏ । ସେ ଖୁସିହେବ ନା ଦୁଃଖ କରିବ ବୁଝିପାରିଲାନି ? ତାପାଇଁ ସାନବାବୁଙ୍କ ଏତେଦିନର ଭଲପାଇବା ସାର୍ଥକ ହୋଇଛି ଜାଣି ସେ ଆନନ୍ଦରେ କୁରୁଳିବ ନା ଆଉ କେଉଁ ଝିଅକୁ ଏତେ ଭଲ ପାଉଛନ୍ତି ବୋଲି ସେ ଝିଅଟି ପ୍ରତି ଈର୍ଷାନ୍ୱିତା ହେବ । ସବୁବେଳେ କମ୍ କଥା କହୁଥିବା ଓ ତଳକୁ ମୁହଁ ପୋତି ଚାଲୁଥିବା ତାର ଅତିପ୍ରିୟ ସାନବାବୁ ଯେ କୋଉ ଝିଅକୁ ଏତେ ଭଲ ପାଇ ପାରନ୍ତି, ଭାବି ସେ କଣ ପ୍ରକୃତରେ ଖୁସିହୋଇ ପାରିବ ? ସାନବାବୁ କିନ୍ତୁ ଆଜି ବେଶ୍ ଖୁସି ଥିଲେ ।

ତାଙ୍କ ପାଖରୁ ଜୀବନର ପ୍ରଥମ ଭେଟି ଆଣି ଫେରିବା ପରଠୁ ତା ମୁହଁର ଔଜ୍ଜଲ୍ୟ କେଉଁଆଡେ ହଜିଯାଇଛି । ସେ ବିରାଟବଡ ଖାଇରେ ଯେପରି ପଡିଯାଇ ବଂଚିବାର ରାହା ଖୋଜୁଛି, ସାହା ଖୋଜୁଛି । ଏମିତି ଅନେକ ସମୟ ଯାଏଁ ବସିଛି ଯେ ବସିଛି ସେ..ମୂକ ଭଳି । ରାତିରେ ପେଟ ଭଲନାହିଁ କହି ଖାଇ ପାରିନାହିଁ । ଜେଜେମା' ପେଟ ପାଇଁ ଦେଇଥିବା ଜୁଆଣୀ ଓ ପୁଦିନା ପାଣି ସେମିତି ଥୁଆହୋଇଛି ଗିନାରେ । ଜେଜେ ମା' କିନ୍ତୁ କ୍ଲାନ୍ତିବଶତଃ ନିଦରେ ଶୋଇପଡିଲାଣି । ହେଲେ ତା ଆଖିକୁ ନିଦ ନାହିଁ । ଏମିତି ସାନବାବୁଂକ ପାଇଁ କେତେ ରାତିର ନିଦ ସେ ହଜାଇଛି ତାର ମନେ ନାହିଁ । କେବେ ଖୁସିରେ ଅଧୀରା ହୋଇ ତ ପୁଣି କେତେବେଳେ ଦୁଃଖରେ ଭାଙ୍ଗିପଡି, ବ୍ୟସ୍ତ ବିବ୍ରତ ହୋଇ ।

ତଥାପି ସେ କଣ କେବେ ତାଙ୍କଠାରୁ ବୀତସ୍ପୃହ ହୋଇପାରିଛି ଯେ ଆଜି ପାରିବ ! ଅବଶ୍ୟ ଆଜିକାର ଘଟଣା ତା ପାଇଁ ଗୁରୁତ୍ୱ ରଖେ ଖୁବ୍ ବେଶୀ । ଜେଜେ ମା' ଠିକ୍ କହିଥିଲା- ସେ ଆକାଶର ଚାନ୍ଦ ଆଉ ତୁ ସାମାନ୍ୟ ଫୁଲ । ହେଲେ ସେ କଣ ସାନବାବୁଙ୍କୁ ଏଥିପାଇଁ ଭଲ ପାଇଥିଲା ? କଣ ସେଇ ନିର୍ଦ୍ଦିଷ୍ଟ ଭୂମିକାଟି ପାଇଁ ପୂଜା କରୁଥିଲା ମନମନ୍ଦିରରେ ? ଯଦି ହଁ ତେବେ ତ ସେ ସ୍ୱାର୍ଥପର ! ନିଜର ସୁଖ ଓ ସୁନିଶ୍ଚିତ ଭବିଷ୍ୟତ ପାଇଁ ସେ ସାନବାବୁଙ୍କୁ ବଶୀଭୂତ କରିବାକୁ ଚାହୁଁଥିଲା ବୋଲି ଲୋକେ ତାକୁ ଧୀକ୍କାର କରିବେ । ସେ କଣ ଏତେବଡ ଅପବାଦକୁ ସହ୍ୟ କରିପାରିବ ନୀରବରେ ? ସେ ତ ଘାସଫୁଲ..ତାର କଣ ସେ ସ୍ୱପ୍ନ ବି ଦେଖିବାର ଅଧିକାର ଅଛି ?

ମନେପଡିଲା ଜେଜେ ମା'ର ସେଇ ଗପ..ଯେଉଁଥିରେ ରାଜକୁମାର ଜଣେ ରାଜକୁମାରୀକୁ ଭଲ ପାଉଛନ୍ତି, ତାଙ୍କୁ ଉଦ୍ଧାର କରିବାକୁ ନଦୀ କୂଳେ କୂଳେ ତା ବାର ହାତ ଲମ୍ବର କେଶକୁ ଅନୁସରଣ କରି ରାଜକୁମାରୀଙ୍କ ପାଖରେ ପହଂଚି ଯାଇଛନ୍ତି । ସେହି କେଶର ସୌନ୍ଦର୍ଯ୍ୟ ପାଇଁ ତ ସେ ରାଜକୁମାରୀ ପ୍ରତି ଆକର୍ଷିତ ହୋଇଛନ୍ତି । ହେଲେ ତାର ଏମିତି କଣ ଅଛି ଯେ ଯାହା ପାଇଁ ରାଜକୁମାରଟିଏ ତା ପ୍ରତି ଆକର୍ଷିତ ହେବ ? ସେ ତ ସାମାନ୍ୟ ଦାସୀ ବା ପରିଚାରିକା ! ତା ପାଇଁ ରାଜକୁମାର ତାଙ୍କ ମର୍ଯ୍ୟାଦାରୁ ବିଚ୍ୟୁତ ହେବା ଉଚିତ୍ ନୁହଁ । ସତରେ ସାନବାବୁ ଯଦି ଆକାଶର କୁଆଁତାରା ତେବେ ସେ ନିଜେ ପୃଥିବୀର ଦୀପଟିଏ । ତାକୁ ଜଳିବାର ଅଛି ଏବଂ ସେ ମଧ୍ୟ ଆଗକୁ ଜଳି ଚାଲିବ । ଆଖିରୁ ଲୁହଝରି ତକିଆକୁ ଭିଜାଇ ସାରିଲାଣି ।

ସ୍ୱପ୍ନସବୁ ମଉଳି ଶେଯରେ ଝରିପଡିଲେଣି । ମନଟା ଭାରି ଉଦାସିଆ ଲାଗୁଛି । ଯେତେ ବୁଝାଇଲେ ବୁଝୁନି । କଣ କହି ବୁଝାଇବ ତା ମନକୁ ? ତାକୁ ତ ସ୍ୱାଭାବିକ ହେବାକୁ ପଡିବ । ତା ଅବଶୋଷର ଲେଶମାତ୍ର ଯେମିତି ଜେଜେ ମାଆ ନଜାଣେ । ନହେଲେ ସେ ଦୁଃଖରେ ଆଉଟୁ ପାଉଟୁ ହେବ । ଅତୀତର ଦୁଃଖକୁ ବର୍ତ୍ତମାନର ଦୁଃଖରେ ଫେଣ୍ଟି ବିଳପି ଉଠିବ । ତେଣୁ ସୁନାପିଲାଟି ପରି ମନ ଓ ହୃଦୟରୁ ଦୁଃଖତକ ପୋଛି ପକାଇଲା ସକାଳ ପୂର୍ବରୁ । ନହେଲେ ଜେଜେମା' କେତେ ପ୍ରଶ୍ନ ପଚାରି ତାକୁ ସନ୍ଦେହ କରିବ । ମନତଳେ ଯେପରି କେହି କହିଲା- ଈଶ୍ୱରଙ୍କ ଉପରେ କଣ କେହି କେବେ ରାଗିପାରେ କିଲୋ ଲୀନା ? ସେ ଯାହା ବି କରନ୍ତି ସବୁରି ମଙ୍ଗଳ ପାଇଁ । ସାନବାବୁ କଣ ଈଶ୍ୱରଙ୍କଠାରୁ କମ୍ କି ? ତା ପରଠାରୁ ସେ ସ୍ୱାଭାବିକ ହେଲା । ପୁନଶ୍ଚ ସେ ପୂର୍ବଭଳି ନିଜ କାମରେ ମନଦେଲା ।

ପୁଣି ଅଣନିଃଶ୍ୱାସୀ ହୋଇ ଧାଇଁଲା ବଗିଚାକୁ ନୀଳ ଗୋଲାପଟିଏ ଉଦ୍ଦେଶ୍ୟରେ । ଏଥର କିନ୍ତୁ ସାନ ମାଲିକାଣୀଙ୍କ ପାଇଁ । ସାନବାବୁ ତାକୁ କହିଥିଲେ ପରା-ସାନ ମାଲିକାଣୀ କୁଆଡେ ଭାରି ନୀଳ ରଙ୍ଗପ୍ରିୟ । ହେଲେ ବଗିଚାକୁ ଯାଉ ଯାଉ ତା ମନଟା ମରିଗଲା । ଆଜି କିନ୍ତୁ ଫୁଟିନି ସେ ନୀଳଗୋଲାପ । ଏଇ ନୀଳଗୋଲାପର ଭାରି ଭାଗ୍ୟ । ଖାସ୍ ତାରି ପାଇଁ ସାନବାବୁ ତାକୁ ନିଜ ମନକଥା ସବୁ କହି ପକାଇଲେ । ଆଜିଯାଏଁ ଏତେ କଥା କଣ ସେ କେବେ କହିଛନ୍ତି ତାକୁ ? କାହିଁକି ବି କହିବେ ! ସେ ଏମିତି କିଏ କି ? ଘରର ଚାକରାଣୀଟିଏ ତ..ସେଇତ ଭାଗ୍ୟ ତାର ।

ତାରି ପାଇଁ ସାନବାବୁ ଜୀବନର ପ୍ରଥମ ଉପହାର ଆଣିଥିଲେ । ନହେଲେ ସିଏ କିଏ ଆଉ ସାନବାବୁ କିଏ ! ଆକାଶ କଇଁଆ ଚିଲିକା ମାଛ ଅଥବା ଆକାଶ କୁସୁମ ପରି ଅବାସ୍ତବ, ମାୟା ମରିଚୀକା । ଜେଜେମାଆ ଠିକ୍ କଥା କହେ..ହେଲେ ତାର ସେକଥାରେ ଯାଏ ଆସେ ବା କଣ !

ସେ କଣ ତାଙ୍କୁ ପାଇବା ଆଶାରେ ଭଲ ପାଇଛି କି କେବେ ? ଏମିତି ଅନେକ ଦେଖା ସାକ୍ଷାତ ଉଭୟଙ୍କ ଭିତରେ.. ।

ଏମିତି ଅସରନ୍ତି ପ୍ରେମ, ଅଗଣିତ ରୋମାଂଚ, ପରାର୍ଦ୍ଧ ସ୍ୱପ୍ନ, ଅମାପ ଆଶା, ଅସୀମ ଶୁଭେଚ୍ଛା..ଆଉ ତାରି ଭିତରେ କେଜାଣି କାହିଁକି ବେଳକୁ ବେଳ କ୍ଷୀଣା ହୁଏ ଲୀନା । ମନଟା ମରିମରି ଆସେ । ବଂଚିବାକୁ ଇଚ୍ଛାହୁଏନି କିମ୍ବା ଯେତେ ବହଲାଇଲେ ବି ହୃଦୟ ବୁଝେ ନାହିଁ । କେବେ ସମୟ ଠକେ ତ ଆଉ କେବେ ଭାଗ୍ୟ ଠକୁଥାଏ । ତଥାପି ଲୀନା ତା କର୍ତ୍ତବ୍ୟରେ କେବେ ଊଣା କରିନି ।

(କ୍ରମଶଃ)





## ମୁଁ ଗଛ କହୁଛି

### ବିଜୟ କୁମାର ପଣ୍ଡା

ଗଣ୍ଡିରୁ ଅଲଗା କଲାବେଳେ
ଥରେ ବି ତ ଭାବିଲନି
ମୁଁ ବି କେତେ ଭଲପାଏ ଜୀବନକୁ !!
ଟେକା ପଥର ମାରି
କଷି କଢ଼ିକୁ ତୋଳି ନେଲାବେଳେ
ଥରେ ବି ଦେଖି ପାରିଲନି !!
ମୋ ଆଖିରୁ ଝରି ଯାଉଥିବା
ବୁନ୍ଦା ବୁନ୍ଦା ଲୋତକ !!
ମୋର ଡେଣା ସବୁକୁ ନିର୍ମମ ଭାବେ
କାଟି ପକାଇଲାବେଳେ
ଥରେ ବି ତ ଅନୁଭବ କଲନି
ଯନ୍ତ୍ରଣା ଜର୍ଜରୀତ
ମୋର କ୍ଷତ ବିକ୍ଷତ ଶରିରର ପୀଡ଼ାକୁ !!
ଥରିଲାନି ତମ ହୃଦୟ
ଚୁଁ ଚୁଁ କାକଳୀ ଶବ୍ଦରେ
ମା ପକ୍ଷୀ ଆଉ ତାର କୋମଳ ଶିଶୁର
ବେଘର ହେଇଯିବାର ନିରୀହ କ୍ରନ୍ଦନ ଶୁଣି !!
ଏବେ ତମେ ଅଣନିଶ୍ୱାସୀ ହୁଅ..
ଅବା ତମ ଭାଗର
ଅମ୍ଳଜାନ ପାଇଁ ଟଙ୍କା ଦିଅ ..
ଅବା ବର୍ଷା ଅଭାବ ପାଇଁ
ଇନ୍ଦ୍ର ଦେବକୁ ଦୋଷ ଦିଅ..
ହେଲେ,
ପ୍ରାଣ ଗଲା ପରେ ବି
ତୁମ ଚୁଲିରେ ଜାଳେଣୀ ହେବି
ପଲଙ୍କ ହେଇ ତୁମ ରୋଗ ଶଯ୍ୟାରେ
ତୁମକୁ ସହାୟ ହେବି
ଥକା ମେଣ୍ଟାଇବା ପାଇଁ
ସୋଫା ହୋଇ ତମକୁ ଆରାମ ଦେବି ..
ମୋତେ ପଚରନା କାହିଁକି.. !!
ମୋ ଜୀବନ , ମୋ ଖୁସି
କେବଳ ସେବାରେ ..
ଏ ସୃଷ୍ଟିର,
ଏ ମାନବ ସମାଜର ।।

ଭର୍ତ୍ତୁର, ବାଙ୍ଗାଲୋର
ଦୂରଭାଷ : ୯୭୩୯୫୯୧୮୧୬

## ନିଆଁ

### କମଳିନୀ ମଲ୍ଲିକ




ମନ୍ଦିରରେ ଯଜ୍ଞ
ମଶାଣୀରେ ଯୁଇ
ସେଇ ନିଆଁ ହିଁ ଜଳୁଛି
କେଉଁଠି ମୋହ
କେଉଁଠି ମୋକ୍ଷ
କାହାର ବିଶ୍ୱାସ
କାହାର ନିଃଶ୍ୱାସ
କିଏ ଖୋଜିବାରେ
କିଏ ହଜିଯିବାରେ
ଉର୍ଦ୍ଧ୍ୱକୁ ଉଠୁଥିବା ପ୍ରଜ୍ଜ୍ୱଳିତ ଶୀଖା ବି
ଦର୍ଶାଇ ପାରେ ନାହିଁ
କେତେ ପ୍ରାପ୍ତି ଅବା ନିଃସ୍ୱ
ନିଆଁ ଲିଭିଗଲା ପରେ
ଜୀବନକୁ ଚିହ୍ନିବା ପାଇଁ
ଯଥେଷ୍ଟ କେବଳ ମୁଠାଏ ପାଉଁଶ ।।
ବେଳେବେଳେ ଏଇ ନିଆଁ
ଜଙ୍ଗଲରେ ଲାଗିଗଲେ
ପାଣ୍ଡୁର ପଡିଯାଏ ସ୍ୱପ୍ନ
ସମୁଦ୍ରରେ ଲାଗିଗଲେ
ଶିଥୀଳ ପଡିଯାଏ ଯେତେ ଶୀହରଣ
ପବନରେ ଲାଗିଲେ
ଥମିଯାଏ ସ୍ପନ୍ଦନ
ଆକାଶରେ ଲାଗିଲେ
ମାଟି ବି ହୁଏ ନିଥର, ବିବର୍ଣ୍ଣ
ଗୋଟିଏ ଲାଙ୍ଗୁଡର ନିଆଁ ଯେ
ସ୍ୱର୍ଣ୍ଣମୟୀ ଲଙ୍କାକୁ
କରି ପାରିଥିଲା ଦହନ ।।
ଏବେ ତ ଯୁଆଡେ ଚାହିଁଲେ
ସବୁଠି ନିଆଁ ଜଳୁଛି
ଅଟକି ଯାଉଛି ନଦୀ
ବାଟବଣା ହେଉଛି ମୌସୁମୀ
ଫିକା ପଡୁଛି ଫଗୁଣ
ହଜି ଯାଉଛି ବସନ୍ତ
ଜତୁଗୃହରେ ଆବଦ୍ଧ ପ୍ରାଣପକ୍ଷୀ
ଭୁଲି ଯାଉଛି ସ୍ୱର,ଲୟ,ଛନ୍ଦ
ତଥାପି ଖୋଜା ଚାଲୁଛି
ସୁଡଙ୍ଗର ଦ୍ୱାର
ପୁଣି ଥରେ ଉଡାଣରେ ଭରିବାକୁ
ଜୀବନ ସଙ୍ଗୀତ ।।
କେହି ତ ଜଣେ କହିଥିଲେ
ନିଆଁ ସହ, ପାଣି ସହ
ଖେଳିବା ମନା
ସେ କେବେ ତୁମ ଆୟତରେ ନାହିଁ
ଆମେ ଯେ ଅଣାୟତ, ଅସମ୍ପୂର୍ଣ୍ଣ
ନିଆଁ ସହ ହିଁ
ପ୍ରତି ମୁହୂର୍ତ୍ତରେ ଖେଳୁଛୁ
ଦୃଷ୍ଟିରେ, ଶ୍ରୁତିରେ
ଶବ୍ଦରେ, ସମ୍ପର୍କରେ
ସେଇ ନିଆଁକୁ ଅଣ୍ଟିରେ ପୂରେଇ
ଯେତେ ପୋଡା ଦାଗ, ପୋଡା ଗନ୍ଧକୁ
ଦେହସୁହା କରେଇ
ତଥାପି ଆମେ ବଞ୍ଚୁଛୁ
ଯେହେତୁ ଆମେ ଅହରହ
ନିଜ ଭିତରେ ନିଜେ ହିଁ ଜଳୁଛୁ ॥

ଭୁବନେଶ୍ୱର
ଦୂରଭାଷ : ୯୮୫୩୫୨୩୮୮୩

## ଗୁରୁ ଦକ୍ଷିଣା

### ପୁଷ୍ପଲତା ମିଶ୍ର





*(ପୂର୍ବପ୍ରକାଶ ଉତ୍ତାରୁ)*

ସମସ୍ତେ ନିଜ ନାମ କାଗଜରେ ଲେଖି ଦଉଥାନ୍ତି ଜଣକ ପରେ ଜଣକ ନାମ ଡକା ହଉଥାଏ ସେମାନେ ଭିତରକୁ ଯାଇଥାନ୍ତି ଆଉ ଖୁସିରେ ଫେରୁ ଥାଆନ୍ତି । ଦୀନବନ୍ଧୁ ମାଷ୍ଟ୍ରେ ନିଜ ନାମ ଲେଖି ସେ ଚପରାସିକୁ ଦେଲେ କିନ୍ତୁ ଚପରାସି ସେ କାଗଜକୁ ଚିରି ଦେଲା ଓ କହିଲା ସାରଙ୍କର ସମୟ ନାହିଁ ଆଜି ଜରୁରୀ କାମରେ ଅଛନ୍ତି ।

ଚମ ଲୋଚା କୋଚା ଅପରିଷ୍କାର ବେଶ ପରିପାଟୀ ଦେଖି ଚାପରାସି ଭିତରକୁ ଛାଡ଼ିଲା ନାହିଁ, ଏମିତି ଆଜେ ବାଜେ ଲୋକଙ୍କୁ ଦେଖା କରିବେ ବାହାରି ଯାଆ ଆଉ କେବେ ଆସିବ । ମାଷ୍ଟ୍ରେ ଯେତେ କାକୁତି ମିନତି ହେଇ କହିଲେ ମୁଁ ଜଣେ ଶିକ୍ଷକ, କଲେକ୍ଟର ସାହେବଙ୍କୁ ଦେଖା କରିବାକୁ ଆସିଛି ସମସ୍ତେ ହସରେ ଉଡେଇ ଦେଲେ ସବୁ ଲୋକ ଯିବା ପରେ ଯେତେବେଳେ ଭିତରକୁ ଯିବାକୁ ଉଦ୍ୟତ ହୁଅନ୍ତେ ସେମାନେ ତଡି ବିଦା କରିଦେଲେ ଆଉ ଠେଲା ପେଲା ହୋ ହାଲ୍ଲା ଭିତରେ ମାଷ୍ଟ୍ରେ ପଡ଼ି ଯାଇ ତାଙ୍କ ମୁଣ୍ଡ ଫାଟି ଗଲା ମୁଣ୍ଡରୁ ଧାର ଧାର ରକ୍ତ ବୋହି ଚାଲିଛି । ଅଫିସ ବାହାରେ ପାଟି ଶୁଣି କଲେକ୍ଟର ନିଜେ ଉଠି ଆସିଲେ କିଏ ସେ ଲୋକ କାହିଁକି ଗଣ୍ଡ ଗୋଳ କରୁଛ ? କଲେକ୍ଟରଙ୍କୁ ଦେଖି ଲୋକେ ଆଡେଇ ହେଇଗଲେ । ଏ କଣ ଦେଖୁଛନ୍ତି ଦୀନବନ୍ଧୁ ମାଷ୍ଟ୍ରେଙ୍କର ଏ ଅବସ୍ଥା, ଯାହାଙ୍କୁ ଖୋଜିବାକୁ ମତେ ଦୀର୍ଘ ପନ୍ଦର ବର୍ଷ ଲାଗି ଯାଇଛି ଆଉ ଯାହାଙ୍କ ପାଇଁ ମୋର ଏ ଘୋଷଣା । ଏମାନେ କେହି ଚିହ୍ନି ପାରିଲେନି ଅଫିସର ଲୋକ ମାନଙ୍କୁ କ୍ରୁର ଦୃଷ୍ଟି ଚାହିଁ ମାଷ୍ଟ୍ରେଙ୍କୁ ନିଜ ଗାଡ଼ିରେ ବସେଇ ମେଡିକାଲ ନେଇଗଲେ କଲେକ୍ଟର ଶୁଭକାନ୍ତ । ଅଫିସର ଷ୍ଟାଫ୍ ମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇ ଗଲେ । ମେଡ଼ିକାଲ ବେଡରେ ଶୋଇ ଥାଆନ୍ତି ଦୀନବନ୍ଧୁ ମାଷ୍ଟ୍ରେ । ପାଖରେ ବସି ସେବା କରୁଥାନ୍ତି ଶୁଭକାନ୍ତ ! ସାର ମୁଁ ଆପଣଙ୍କ ଶୁଭ, ମାଷ୍ଟ୍ରେ କହୁଥାନ୍ତି ମତେ କେହି ଚିହ୍ନି ପାରିଲେନି । ସାର ଆପଣ କୋଉଠି ଥିଲେ, ମୁଁ ଆଇ.ଏ.ଏସ ପାଇବା ପରେ ଗାଁକୁ ଯାଇଥିଲି କିନ୍ତୁ ଆପଣଙ୍କୁ ପାଇଲିନି କି ଗାଁରେ କୌଣସି ଲୋକ ଆପଣଙ୍କ ଠିକଣା ବତେଇ ପାରିଲେନି ସାର ! ବାପା ମା'ଙ୍କ ଦେହାନ୍ତ ପରେ ମୁଁ ଏଇ ଭୁବନେଶ୍ୱରରେ ରହିଛି, ଅଫିସର ପୁରୁଣା ଫାଇଲ ଦେଖିଲି ତୁମର ପେନ୍‌ସନ ଗଣ୍ଡାକ ମଧ ହେଇନି ତେଣୁ ମୁଁ ଘୋଷଣା କଲି ସମସ୍ତ ଶିକ୍ଷକଙ୍କର ପେନ୍‌ସନ ସହିତ ଗୁରୁଦିବସରେ ଉପହାର ଦେବି ! ଜଣ ଜଣ କରି ସବୁ ଶିକ୍ଷକଙ୍କୁ ତାଙ୍କର ନାର୍ଯ୍ୟ ଅଧିକାରକୁ ଦେବା ଭିତରେ ମୁଁ ସେମାନଙ୍କ ଭିତରେ ଖୋଜି ଚାଲୁଥିଲି ମୋର ଅତି ପ୍ରିୟ ଗୁରୁ ଦୀନବନ୍ଧୁ ମାଷ୍ଟ୍ରେଙ୍କୁ.... ।

ବାପା ମା'ଙ୍କୁ ହରେଇ ଥିବା ଶୁଭକାନ୍ତ ଆଜି ଅନାଥ ନୁହେଁ ସେ ପାଇ ଯାଇଛି ତାର ପିତୃ ସମ ଗୁରୁ ଦୀନବନ୍ଧୁ ବରାଳଙ୍କୁ... । ଆସନ୍ତୁ ମାଷ୍ଟ୍ରେ ମୋ ସାଙ୍ଗରେ ଆସନ୍ତୁ ମୋ ବଙ୍ଗଳାକୁ ଯୋଉ ହାତକୁ ମୋ ମୁଣ୍ଡରେ ରଖି ପାଠ ପଢ଼ାଇ ମଣିଷ ଭଳି ମଣିଷ ଟିଏ ଗଢିଥିଲେ, ତାକୁ ତାର କର୍ତ୍ତବ୍ୟ କରିବାକୁ ଦିଅନ୍ତୁ । ମାଷ୍ଟ୍ରେଙ୍କ ଆଖିରୁ ଗଡି ଚାଲିଥିଲା ଅବାରିତ ଲୁହ, ସେ ଲୁହ ଦୁଃଖର ନୁହେଁ ଖୁସିର । ଶୁଭକାନ୍ତ କହିଲେ ସାର ମୁଁ ଆପଣଙ୍କ ପାଇଁ କିଛି କରି ପାରିଲେ ତାହାହିଁ ହେବ ମୋର 'ଗୁରୁଦକ୍ଷିଣା' ।


ଭୁବନେଶ୍ୱର
ଦୂରଭାଷ : ୯୩୩୮୨୯୪୬୫୭

## କବିତାର କଥା

(ଭାଗ-୮୮)



### ଉମାକାନ୍ତ ରାଉତ



## ଦେଖଇ ନେତ୍ର ଯାହା.....

କବି ସତ୍ୟବାଦୀଙ୍କ ଦାଣ୍ଡ ଦୁଆର । ଦୁଆର ବନ୍ଧ ସେପଟେ ଦୁଇ ଯୋଡ଼ା ପ୍ରଶ୍ନିଳ ଆଖି । ଆମ ପାଟିରୁ 'ଆମେ ଭୁବନେଶ୍ୱରରୁ ଆସିଛୁ' ବୋଲି ବାହାରିଛି କି ନାହିଁ, ସେମାନେ କିଛି ପ୍ରତିକ୍ରିୟା ପ୍ରକାଶ କରିବା ପୂର୍ବରୁ ଘର ଭିତରୁ ଏକ ଦୀର୍ଘ ସ୍ୱରର ଆବାଜ୍ ଶୁଣାଗଲା - ବାବୁ, କୁନି ! ବାବୁମାନଙ୍କୁ ଏଇଠିକି ଡାକିଆଣ । ସେମାନଙ୍କୁ ପାଛୋଟି ଆଣିବାକୁ ମୋତେ କେହି ଏଠୁ ନେଇଯାଅରେ........ !

ଆଶ୍ଚର୍ଯ୍ୟ ହେବା ଛଡ଼ା ମୋର ଗତ୍ୟନ୍ତର ନଥିଲା । ପାଛୋଟି ନେବେ ତ ନେବେ, ତାଙ୍କୁ କେହି ଆଣିବେ ପୁଣି କ'ଣ ?

କାଳବିଳମ୍ବ ନକରି ସେମାନେ ଆମକୁ ବାଟୋଇ ନେଲେ ଘରର ଶେଷ ପ୍ରାନ୍ତରେ ଥିବା ଏକ କୋଠରୀକୁ । ଛୋଟ ଗୋଟେ କୋଠରୀ । ପଡ଼ିଛି ପୁରୁଣା ଦମ୍ପିଲା ଖଟଟିଏ । ଖଟ ଉପରେ ଖଣ୍ଡେ ସପ ଓ ତକିଆଟେ । ମୁଣ୍ଡ ଉପରେ ଚଉତା ହୋଇ ରହିଛି ବିଛଣା ଚଦର, କନ୍ଥା ଓ କମ୍ବଳ । ସେଇ ସପ ଉପରୁ ଉଠିବାକୁ ତତ୍ପର ହୋଇ ଉଠୁଥିଲେ ଦୀର୍ଘ ଦିନ ହବ ଦାଢ଼ି କାଟି ନଥିବା ପାଚିଲା ଖେଣ୍ଟା ଖେଣ୍ଟା ଆଲୁରା ବାଲୁରା ଦାଢ଼ି ଥିବା ଜଣେ ବୃଦ୍ଧ ! ବୃଦ୍ଧ ? ନା , ମାନସିକ ସ୍ତରରେ ଆଦୌ ନୁହେଁ ।

ଭୁଲ୍ କହିଲି । ବାସ୍ତବରେ ପାଚିଲା ଦାଢ଼ିଯୁକ୍ତ ବୃଦ୍ଧ ଆବରଣରେ ଜଣେ ତରୁଣସମ ଛଳ ଛଳ ମଣିଷ ! ତାଙ୍କ ସରୁ ଗୋଲାପି ଦୁଇ ଓଠ ଫାଙ୍କରୁ ଛିଟିକି ପଡୁଥିବା ମୁକ୍ତ ମୃଦୁ ହସର ଲହରୀକୁ ଦେଖୁ ଦେଖୁ ଯେ କେହି ବି ଭାସିଯିବାଟା ଥୟ । ଏତେ ମାତ୍ରାରେ ଉଲ୍ଲସିତ ହୋଇଯାଇଥିଲେ ଯେ, ସେ ହୁଏତ ସମ୍ପୂର୍ଣ୍ଣ ଭାବେ ପାଶୋରି ଦେଇଥିଲେ ତାଙ୍କର ଶାରିରୀକ ଅକ୍ଷମତା । ଆତ୍ମିୟତାର ହିଲ୍ଲୋଳ ତାଙ୍କୁ ଏତେମାତ୍ରାରେ ବିହ୍ୱଳ କରିଦେଉଥିଲା ଯେ, ସତେ ଯେମିତି ସମସ୍ତ ଅକ୍ଷମତା ସତ୍ତ୍ୱେ ସିଏ ଡେଇଁ ପଡ଼ିବେ ବିଛଣା ତଳକୁ ! ସାହାରା ପାଇଁ ପାଖରେ ଥିବା ଆଶା ବାଡ଼ିଟିକୁ ଭୁଲି ଯାଇଥିଲେ ସେ । ବାଦଲ୍ ତାଙ୍କୁ ଏକପ୍ରକାର କୋଳେଇ ନେଲାପରି ଉଠେଇ ବସେଇ ଦେଇ ତାଙ୍କ ହାତରେ ଧରେଇ ଦେଲା ସେଇ ଆଶାବାଡିଟି । ତା'ପରେ ଚାଲିଲା ବିରାମହୀନ କଥୋପକଥନ । ହରେଇ ଦେଇଥିବା କୋନିଧିକୁ ଦୀର୍ଘ ବର୍ଷ ପରେ ଅକସ୍ମାତ୍ ପାଇଗଲା ପରି ଗଦ୍ ଗଦ୍ ହୋଇଯାଉଥିଲେ ସେ । ହୋଇ ଉଠୁଥିଲେ ଅକଳ୍ପନୀୟ ଭାବେ ପ୍ରଗଳଭ........ଠିକ୍ ଦେବୀଦ୍ୱାର ଘାଟ ମହାନଦୀ ମଝିର ପ୍ରଖର ପ୍ରବାହ ପରି ।

ଏଇ କ'ଣ ଜହ୍ନକୁ ନଈଏ ପାଣିରେ ମାଛ ପରି ପହଁରେଇ ଦେଉଥିବା, ଆକାଶର ଜଖମ୍ ଛାତିକୁ ଧଳା ରେଶମୀ ବ୍ୟାଣ୍ଡେଜ୍ କନାରେ ବାନ୍ଧୁଥିବା ଚିରସବୁଜ କବି ସତ୍ୟବାଦୀ !

ଜାଣିଲି ଯେ କେଇବର୍ଷ ହେଲାଣି ପକ୍ଷାଘାତରେ ଆକ୍ରାନ୍ତ ହୋଇ ଗୋଟିଏ ପଟ ଅଚଳ ହେଇଯାଇଛି ଚଳଚଞ୍ଚଳ ମସ୍ତିଷ୍କଯୁକ୍ତ ଏହି ସୁନ୍ଦର ମଣିଷଙ୍କର । ବେସାହାରା ନହେଲେ ବି ବିନା ସାହାରାରେ ଉଠ୍ ବସ୍ ହେଇପାରୁନାହାନ୍ତି । ସେଥିପାଇଁ ତିଳେମାତ୍ର ଅବସୋସ ନକରି ସବୁକିଛି କାଳିଆର ଇଚ୍ଛା ବୋଲି ଉପଲବ୍ଧି କରି ମଥାପାତି ସ୍ୱୀକାର କରିନେଇଛନ୍ତି ଏହି ମହତ ମଣିଷ ସତ୍ୟବାଦୀ ।

ଫୋନ୍ ବାର୍ତ୍ତାଳାପ ସମୟରେ ବାଦଲର ସ୍ୱର ସହ ସେ ପରିଚିତ ଥିବାରୁ ତତକ୍ଷଣାତ୍ କହିଦେଲେ - ତୁମେ କବି ବାଦଲ୍ ମହାନ୍ତି ।

ତା'ପରେ ମୋର ପରିଚୟ ଦେବାପାଇଁ ବାଦଲ୍, 'ଇଏ ହେଉଛନ୍ତି ଉମାକା.........' । ବାସ୍ ଏଇ ତିନୋଟି ଅକ୍ଷର ଉଚ୍ଚାରଣ କରିଛି କି ନାହିଁ, ପାଟିରୁ କଥା ଛଡ଼େଇ ନେଇ ଅତ୍ୟନ୍ତ ହିଲ୍ଲୋଳିତ କଣ୍ଠରେ ସିଏ କହିଚାଲିଲେ........କବି ଉମାକାନ୍ତ ରାଉତ, ଅରୂପ....ମୋର ପ୍ରିୟ 'ସାଇଲେନ୍ସ୍‌ପ୍ଲିଜ୍, କବି ଆସୁଛନ୍ତି'ର କବି ତ ! ଏବଂ ତତ୍ କ୍ଷଣାତ୍ ମୁହଁରୁ ଆବୃତ୍ତି କରି ଚାଲିଲେ ଉକ୍ତ କବିତାର ପଂକ୍ତି !

ମୁଣ୍ଡ ପାଖରେ ଥାକ ମାରି ରଖିଥିବା ଫୁଲାଏ ବହି ଓ ପତ୍ରିକା ଦେଖାଇ କହିଲେ - ଟିକେ ଭଲ ଲାଗିଲେ ମୁଁ ପରା ସେସବୁକୁ ବାରମ୍ବାର ପଢୁଛି ! ସେଇଥିପାଇଁ ମୁଣ୍ଡ ଉପରେ ହାତପାହାନ୍ତାରେ ରଖିଛି । ମୁଁ କେମିତି ନପଚିବି ତୁମ୍ଭମାନଙ୍କୁ ?

ଗୋଟେ ନିକାଞ୍ଚନ ସ୍ଥାନରେ, ମନେକରାଯାଉ ମରୁଭୂମିରେ, ଆପଣ ଆଖି ପାଉନଥିବା ବାଲିର କୁଦମାନଙ୍କ ଦେଇ ଦୀର୍ଘବାଟ ଚାଲିଲା ପରେ ଯଦି ହଠାତ୍ ଗୋଟେ ହାତ ସୁରେଇରେ ଆପଣଙ୍କୁ ଶୀତଳ ଜଳ ପରଷିବାକୁ ଆବିର୍ଭାବ ହୁଏ, ଆପଣଙ୍କୁ କେମିତି ଅନୁଭବ ହବ ? ଆଗରୁ ତାଙ୍କୁ ଆଦୌ ଜାଣି ନଥିବା, ଏଇ ପ୍ରଥମ କରି ତାଙ୍କୁ ଦେଖୁଥିବା, ପୁଣି ନିପଟ ଗ୍ରାମାଞ୍ଚଳର ଗୋଟେ ଗମ୍ଭିରୀ ଘର ଭିତରେ ଗୋଟେ ଏକ୍ଲା ଖଟ ଉପରେ ଅସାଡ ହୋଇ ପଡ଼ି ରହିଥିବା ଜଣେ ସ୍ୱଭାବ କବିଙ୍କ ମୁହଁରୁ, ନିଜକୁ କବି ଭାବୁ ନଥିବା ମୋ ' ଭଳି ଜଣେ ଅକିଞ୍ଚନ ନିଜର କବିତାର ପଂକ୍ତି ଶୁଣିବା ପରେ ଯେଉଁ ଶିହରଣ, ଯେଉଁ ଅନୁଭବ ହବ, ତାହା କ'ଣ ଭାଷାରେ କହିହେବ ?

କେବଳ ଥ' ହୋଇ ଠିଆ ହୋଇଗଲି ମୁଁ । ସେଦିନ ଯାଏଁ ଆଦୌ ସଚେତନ ନଥାଇ ଖାମ୍ ଖିଆଲିଆ ଭାବେ କବିତାକୁ ଉପଭୋଗ କରୁଥିବା ଏ ଅଧମ କିଛି କବିତା ଲେଖିଛି ବୋଲି ନିଜକୁ କୃତ୍ୟ କୃତ୍ୟ ମନେ କଲା । ଜ୍ଞାନପୀଠ କି ନୋବେଲ୍ ପ୍ରାପ୍ତ ବ୍ୟକ୍ତିମାନଙ୍କର ଆନନ୍ଦ ଏ ବିମଳ ଆନନ୍ଦ ଆଗରେ ତୁଚ୍ଛ ମନେହେଲା । ନିର୍ଜନ ଦ୍ୱୀପରେ ଉପାୟଶୂନ୍ୟ ଆଲେକଜାଣ୍ଡାର ସେଲ୍କାର୍କଙ୍କ ଉକ୍ତିକୁ ଉପାୟପୂର୍ଣ୍ଣ ପ୍ରାଣ ପ୍ରତିଷ୍ଠା କରି ଭିନ୍ନ ଅନୁଭବରେ ଗାଇଲା —

'ଦେଖଇ ନେତ୍ର ଯାହା ଚଉଦିଗର
ସେ ସର୍ବର ଅଟଇ ମୁଁ ଅଧୀଶ୍ୱର'

(କ୍ରମଶଃ)

କଥା ହୁଅନ୍ତୁ : ୯୪୩୭୨୬୭୧୨୫

# ବିପଦ ସଙ୍କୁଳ ଅବସ୍ଥାରେ ବାରିପଦାର ବୁଢାବଳଙ୍ଗ ପୋଲ



**ବାରିପଦା,(ବିଜୁ ସିଂ):** ଦୀର୍ଘ ୫୮ ବର୍ଷ ତଳେ ନିର୍ମିତ ହୋଇ ଥିବା ବାରିପଦାସ୍ଥିତ ବୁଢାବଳଙ୍ଗ ପୋଲ ଆଜି ବିପଦ ସଙ୍କୁଳ ଅବସ୍ଥାରେ। ଏହି ପୋଲର ତତ୍କାଳୀନ ଆବଶ୍ୟକତାକୁ ଆଖି ଆଗରେ ରଖି ବାରିପଦାରୁ ଉଦଳା ଦେଇ ସେରଗଡ ଏବଂ ଶ୍ୟାମାଖୁଣ୍ଟା ଦେଇ ଲୁଲୁଙ୍ଗ ପର୍ଯ୍ୟନ୍ତ ଯୋଗାଯଗ କରାଇବାର ବ୍ୟବସ୍ଥା କରାଯାଇଥିଲା। ଏହି କିଛି ବର୍ଷ ହେଲା ବାରିପଦା ସହର ଅତ୍ୟନ୍ତ ଦ୍ରୁତ ବେଗରେ ସମ୍ପ୍ରସାରିତ ହେବାରେ ଲାଗିଛି। ଯାହା ଦ୍ୱାରା ବାରିପଦାରୁ ଉଦଳ ରାସ୍ତା ଆସ୍ତେ ଆସ୍ତେ ଜନ ଗହଳିପୂର୍ଣ୍ଣ ହେବା ସହିତ ଏହି ରାସ୍ତା ଦେଇ ଦିନକୁ ବାଲି ବୋଝେଇ ଟ୍ରକ, ସିମେଣ୍ଟ ବୋଝେଇ ଟ୍ରକ, ଚିପ୍ସ ଓ ମେଟାଲ ବୋଝେଇ ଟ୍ରକ, ବହୁ ସଂଖ୍ୟାରେ ଯାତ୍ରୀବାହୀ ବସ, ଆମ୍ବୁଲାନ୍ସ, ପୋଲିସ ଗାଡି, ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ସମେତ ପୂର୍ତ୍ତ ବିଭାଗ ଏବଂ ବିଭିନ୍ନ ବିଭାଗର ବଡ ବଡ ପ୍ରଶାସନିକ ଅଧିକାରୀ ମାନଙ୍କ ଗାଡି, ନେତା- ମନ୍ତ୍ରୀଙ୍କ ଗାଡି ସହିତ ବହୁ ବୈଷୟକ ଏବଂ ଅଣ ବୈଷୟକ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢୁଥିବା ଛାତ୍ର-ଛାତ୍ରୀ ମାନଙ୍କର ସାଇକେଲ ଓ ବାଇକ ଏବଂ ବହୁ ଛୋଟ ବଡ ବ୍ୟବସାୟୀଙ୍କ ଗମନାଗମନ ହୋଇଥାଏ ଏହି ପୋଲ ଉପରେ। କିନ୍ତୁ ବିଡମ୍ବନାର ବିଷୟ ଏହା ଯେ ଏତେ ଗୁରୁତ୍ୱପୂର୍ଣ୍ଣ ଏହି ପୋଲର ସୁରକ୍ଷା ଉପରେ କାହାରି ନିଘା ନ ଥିବାର ପରିଲକ୍ଷିତ ହୁଏ। ଖାଲଖମାରେ ପରିପୂର୍ଣ୍ଣ ଏହି ପୋଲ ଉପରେ ପ୍ରାୟ ୨୪ ଘଣ୍ଟା ଗାଈ ବଳଦ ଓ ବାଛୁରୀ ମାନଙ୍କର ଆସର ଜମିବା ସହ ବର୍ଷା ଟୋପେ ହେଲେ ପୋଲର ଦୁଇ ପାଖରେ ଜମିଥିବା ଉଚା ଉଚା ମଣିଷକୃତ ମାଟିର ପାହାଡ ଦେଇ ନିଷ୍କାସିତ ହୋଇପାରୁ ନଥିବା ଗୋଳିଆ ପାଣି ଅତି ଭୟଙ୍କର କରି ରଖିଛି ପୋଲର ଅବସ୍ଥାକୁ। ମୃତାହତ ହେଉଥିବା ଅନେକ ପଥଚାରୀ, ଯାତ୍ରୀ ତଥା ଆରୋହୀ ମାନଙ୍କର ଦୁର୍ଦ୍ଦଶା ପାଇଁ ଯେଉଁ ପ୍ରଶାସନ ଦାୟୀ, ତାଙ୍କୁ ନିଶ୍ଚୟ ଆଗାମୀ ଦିନରେ ଉଚିତଜବାବ ଦିଅ ଯିବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ଉପଯୁକ୍ତ ସମୟରେ ଠିକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜନସାଧାରଣଙ୍କ ତରଫରୁ ପ୍ରଶାସନକୁ ନିବେଦନ କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସବୁ ଜାଣି ନିରବ ...

ଭାଙ୍ଗି ଦିଆଗଲା, ଆଉଗୋଟିଏ ମରାମତି ଉପରେ ଗୁରୁତ୍ୱ ରହିଲାନାହିଁ। କେବଳ ସୌନ୍ଦର୍ଯ୍ୟକରଣ ହିଁ ଗୁରୁତ୍ୱ ବହନ କଲା। ଶ୍ରୀମନ୍ଦିର ସଂରକ୍ଷିତ ଅଞ୍ଚଳରେ ବ୍ୟାପକ ଭଙ୍ଗାରୁଜା ସମେତ ଗଭୀର ଗର୍ତ୍ତ ଖନନ ମଧ୍ୟ ଚାଲିଲା। ଯେତେବେଳେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଗଭୀର ଖନନ ଓ ବଡ଼ ନିର୍ମାଣ କାର୍ଯ୍ୟ ଚାଲିଥିଲା, ସେତେବେଳେ ଦୁଇ କେନ୍ଦ୍ରୀୟ ସଂସ୍ଥା ଏଏସଆଇ ଓ ଏନଏମଏ ନିରବ ରହିଥିଲେ। ଯେମାନେ ଏହି ବେଆଇନ ନିର୍ମାଣକୁ ବିରୋଧ କରିନଥିଲେ କାହିଁକି? ରାଜ୍ୟ ସରକାରଙ୍କ ସହ ଏହି ଦୁଇ ସଂସ୍ଥା କି ପ୍ରକାର ଭାବ ରଖିଲା ଯେ, ଐତିହ୍ୟ ମନ୍ଦିରକୁ ସୁରକ୍ଷା ଦେବା ପରିବର୍ତ୍ତେ ଏମାନେ ସୁଯୋଗ ସୃଷ୍ଟି କରୁଥିଲେ। ବିବାଦ ଏଇଥିପାଇଁ ଯେ, ପ୍ରକଳ୍ପକୁ କେହି ବିରୋଧ କରୁନଥିଲେ। ବିରୋଧ ହେଉଥିଲା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ଉକ୍ତ ନିର୍ମାଣ ଓ କମ୍ପନ ସୃଷ୍ଟି କରି ଶ୍ରୀମନ୍ଦିରକୁ କ୍ଷତି ପହଞ୍ଚାଇବାକୁ ନେଇ। ଐତିହ୍ୟ ସଂରକ୍ଷଣ ପାଇଁ ଦେଶରେ ପୁରାତନ ମନ୍ଦିରର ଭଗ୍ନ ଅଂଶ ପୁନଃନିର୍ମାଣ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ହେଉଛି। ଏଥିରେ କାଶୀ ବିଶ୍ୱନାଥ, କେଦାରନାଥ ମନ୍ଦିର ଭଳି ବହୁ ପ୍ରକଳ୍ପ ମଧ୍ୟ ରହିଛି। ପୂର୍ବରୁ ସୋମନାଥ ମନ୍ଦିର ମଧ୍ୟ ପୁନଃନିର୍ମିତ ହୋଇଥିଲା। ସେଠି ଅତ୍ୟନ୍ତ ବ୍ୟୟବହୁଳ ଶ୍ରୀମନ୍ଦିର କରିଡର ପ୍ରୋଜେକ୍ଟକୁ ଏତେ ବିବାଦ କାହିଁକି? ବିବାଦ ବଢିବା ପରେ ପ୍ରକଳ୍ପକୁ ଅନୁମତି ପାଇଁ ସମସ୍ତେ ଚେତିଲେ। ଏବେ ଏନଏମଏ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ସର୍ତ୍ତମୂଳକ ଅନୁମତି ଦେବା ପରେ ପୁଣି ନୂଆ ବିବାଦ ଦେଖାଦେଇଛି। ଅନୁମତିରେ କୁହାଯାଇଛି ଯେ, ନିଷିଦ୍ଧାଞ୍ଚଳରେ ବଡ଼ ନିର୍ମାଣ ହେବ ନାହିଁ ଓ ନିୟନ୍ତ୍ରିତ ଅଞ୍ଚଳରେ ଭାରୀ ମେସିନାରୀ ବ୍ୟବହାର ନହୋଇ ନିର୍ମାଣ କାର୍ଯ୍ୟ କରାଯିବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଯେଉଁ ସମୟରେ ଏ ବେଆଇନ କାର୍ଯ୍ୟ ନେଇ ବିରୋଧ ଅଭିଯୋଗ ଉଠିଲା ସେତେବେଳେ ଶ୍ରୀମନ୍ଦିରର ଆଦ୍ୟ ସେବକ ଗଜପତି ଦିବ୍ୟସିଂହ ଦେବ ଏହାକୁ ବିରୋଧ ନକରି ବରଂ କହିଲେ ଶ୍ରୀମନ୍ଦିରର ପ୍ରତି ବିପଦ ନାହିଁ। ତେବେ ଗଜପତି କେଉଁ ଆଧାରରେ ଏ କଥା କହିଲେ? ଶ୍ରୀମନ୍ଦିର ସୁରକ୍ଷା ଯାହାଙ୍କ ପ୍ରାଥମିକତା ସେ କେମିତି ବେଆଇନ ନିର୍ମାଣ ବେଳେ ଆଖି ବୁଜିଦେଲେ? ଏବେ ଏହାକୁ ନେଇ ଅଧିକ ଚର୍ଚ୍ଚା ଆରମ୍ଭ ହୋଇଛି। ଗଜପତି ଶ୍ରୀମନ୍ଦିରର ନା ରାଜ୍ୟ ସରକାରଙ୍କର? କୋଟି କୋଟି ଓଡ଼ିଆଙ୍କ ଠାକୁର ଶ୍ରୀଜଗନ୍ନାଥଙ୍କର ସାମାନ୍ୟ କ୍ଷତି ଏ ଜାତି ସହିପାରିବ ନାହିଁ।

### ୩୪ ଏକରରେ ...

ଏକର ଉପରେ କୌଣସି ଯାଇଛି ବୋଲି ଦର୍ଶାଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ପ୍ରକାର କଂକ୍ରିଟ ନିର୍ମାଣ ହେବ ନାହିଁ। ବ୍ୟବସ୍ଥା ଗ୍ରହଣ କରି ବାଲିଯାତ୍ରା ଆୟୋଜନ କରାଯିବ। ପରିମଳ, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା ପ୍ରସଙ୍ଗରେ ରହିଥିବା ପ୍ରତିଷେଧକ ବ୍ୟବସ୍ଥା ପାଳନ କରି ବାଲିଯାତ୍ରା ୩୪ ଏକର ଜମିରେ ଆୟୋଜନ କରାଯିବ ବୋଲି ଏନଜିଟି କହିଛନ୍ତି। ଅବଶିଷ୍ଟ ୩୯୨ ଏକର ଜମି ଉପରେ ଜଙ୍ଗଲ ସୃଷ୍ଟି ଉପରେ ଏନଜିଟି ଗୁରୁତ୍ୱାରୋପ କରିଛନ୍ତି। କେବଳ ସ୍ଥାନୀୟ ପ୍ରଜାତିର ଗଛ ଏହି ଜମିରେ ଲଗାଯିବ। ଏହି ଅଞ୍ଚଳକୁ ଏକ ବାୟୋଲୋଜିକାଲ୍ ପାର୍କରେ ରୂପାନ୍ତରିତ କରାଯିବ। ଏହି ଜମିକୁ କୌଣସି ପ୍ରକାର ବ୍ୟାବସାୟିକ କାର୍ଯ୍ୟରେ ବ୍ୟବହାର କରାଯିବ ନାହିଁ ବୋଲି ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏନଜିଟି ସ୍ପଷ୍ଟ କରିଛନ୍ତି ଯେ ପୋତାଯାଇଥିବା ଜମିରୁ ଦୁଇ ତୃତୀୟାଂଶ ଘାସ ଜଙ୍ଗଲରେ ରୂପାନ୍ତରିତ କରାଯିବା ଅବଶିଷ୍ଟ ଏକ ତୃତୀୟାଂଶରେ ପାର୍କ, ଖେଳପଡ଼ିଆ କରାଯାଇପାରିବ। ପରିବେଶବିତ୍ ବିଶ୍ୱଜିତ ମହାନ୍ତି ଓ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଦୁଇଟି ପୃଥକ ମାମଲା ଦାୟର କରିଥିଲେ। ଏହିଟି ମାମଲାର ଶୁଣାଣି କରି ଏକ ୭ଜଣିଆ ବିଶେଷଜ୍ଞ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କମିଟି ମହାନଦୀ ପଠା ଓ ବାଲିଯାତ୍ରା ପଡ଼ିଆ ପରିଦର୍ଶନ କରି ଏନଜିଟିରେ ରିପୋର୍ଟ ଦାଖଲ କରିଥିଲା। ରିପୋର୍ଟରେ ମହାନଦୀ ପଠା ପୋତାଯିବା ଯୋଗୁଁ କଟକ ଉପକଣ୍ଠରେ ଥିବା ୩୮ଟି ଗ୍ରାମକୁ ବନ୍ୟା ବିପଦ ରହିଛି ବୋଲି ଉଲ୍ଲେଖ କରାଯାଇଥିଲା। ଏଥି ସହିତ ମହାନଦୀ ପଠାର ଯେଉଁ ୪୨୬ ଏକର ଜମି ପୋତା ଯାଇଛି, ସେଠାରୁ ବାଲି କାଢି ପୂର୍ବ ଅବସ୍ଥା ଫେରାଇ ଆଣିବା ପାଇଁ କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି ଦ୍ୱାରା ମହାନଦୀର ଜଳ ପ୍ରବାହ ପୂର୍ବାବସ୍ଥାକୁ ଫେରି ଆସିବ ବୋଲି କୁହାଯାଇଥିଲା। ପୋତାଯିବା ଦ୍ୱାରା କଟକ ଉପକଣ୍ଠରେ ରହିଥିବା ୩୮ଟି ଗ୍ରାମ ପ୍ରତି ବନ୍ୟା ବିପଦ ରହିଥିବାରୁ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏନଜିଟି ଦ୍ୱାରା ଗଠିତ ସାତ ଜଣିଆ ବିଶେଷଜ୍ଞ କମିଟି ରିପୋର୍ଟରେ ମହାନଦୀ ପଠାରେ ଯେଉଁ ୪୨୬ ଏକ ପରମିତ ଅଞ୍ଚଳକୁ ପୋତି ଦିଆଯାଇଛି ସେଠାରୁ ବାଲି କାଢ଼ି ପୂର୍ବ ଅବସ୍ଥାକୁ ଫେରାଇ ଆଣିବାକୁ କୁହାଯାଇଥିଲା। ଏହା ସମ୍ଭବ ନୁହେଁ ବୋଲି ଆଡଭୋକେଟ୍ ଜେନେରାଲ ମତ ଦେଇଥିବା ବେଳେ ରିପୋର୍ଟରେ ମଧ୍ୟ ଏହା ସମର୍ଥନରେ ତଥ୍ୟ ରହିଛି।

### ରତ୍ନଭଣ୍ଡାର ...

ଏନେଇ ସେ କହିଛନ୍ତି, କିଛି ଅଜଣା କାରଣକୁ ନେଇ ସରକାର ଭୟଭୀତ ହୋଇ ପଡ଼ିଛନ୍ତି। ନିର୍ବାଚନ ଆସୁଛି, ତେଣୁ ଅଧିକ ଭୟଭୀତ ସରକାର। ସେଥିନିମନ୍ତେ ସେ ସଠିକ ଉତ୍ତର ଦେଉ ନାହାନ୍ତି କି ପଦକ୍ଷେପ ନେଉ ନାହାନ୍ତି। ଏଏସ୍‌ଆଇ ଚିଠି ଲେଖି ସାରିବା ପରେ ରତ୍ନ ଭଣ୍ଡାର ମରାମତି କରିବାକୁ ସରକାର ଆଇନତଃ ବାଧ୍ୟ। କାରଣ ଏଏସଆଇର କାର୍ଯ୍ୟ ହେଉଛି ରକ୍ଷଣାବେକ୍ଷଣ କରିବା। ବହୁ ବର୍ଷ ହେଲା ରତ୍ନଭଣ୍ଡାରର ପୁନରୁଦ୍ଧାର, ଗଣତି, ଓଜନ ହୋଇନି। ଲୋକେ ଆଶଙ୍କା କରୁଛନ୍ତି ଚୋରି ହୋଇଛି। ହେଲେ ସରକାର ସତ ପଦାକୁ ଆଣିବାରେ ପଛଘୁଞ୍ଚା ଦେଉଛନ୍ତି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଆର୍କୋଲୋଜିଷ୍ଟ ଅରୁଣ ମଲ୍ଲିକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରତ୍ନ ଭଣ୍ଡାର ଅନୁଧ୍ୟାନ ପାଇଁ ଚିଠି ଲେଖିଥିଲେ। ହେଲେ ଏଯାଏ ରାଜ୍ୟ ସରକାର କିଛି ପଦକ୍ଷେପ ଗ୍ରହଣ କରି ନାହାନ୍ତି।

### ସାଂସଦ,ବିଧାୟକଙ୍କୁ ...

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାଂସଦ-ବିଧାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିଛି। ସେମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗଠୁ ସୂଚନା ଜାଣିବାକୁ ଚାହିଁଥାନ୍ତି, ଅବା ସେମାନଙ୍କ ପରାମର୍ଶ ଉପରେ ବିଚାର କରିବାକୁ କହିଥାନ୍ତି ଅବାପୁଣି ଅଫିସରଙ୍କୁ ସାକ୍ଷାତ କରିବାକୁ ଚାହିଁଥାନ୍ତି। କେନ୍ଦ୍ର ସରକାର ୨୦୧୧ ଡିସେମ୍ବର ୧ତାରିଖରେ ଏନେଇ ଏକ ଗାଇଡଲାଇନ୍ ସମସ୍ତ ମନ୍ତ୍ରଣାଳୟ, ବିଭାଗ, ରାଜ୍ୟ ସରକାରଙ୍କୁ ଜାରି କରିଥିଲେ। ସାଂସଦ ଓ ବିଧାୟକମାନଙ୍କ ସହ ଜିଲ୍ଲାଠୁ ରାଜ୍ୟସ୍ତର ଓ କେନ୍ଦ୍ର ସରକାରସ୍ତରରେ କିଭଳି ଆଚରଣ କରାଯିବ ତାହା ସେଥିରେ ଉଲ୍ଲେଖ ରହିଥିଲା। ଏପରିକି ସାଂସଦ ଓ ବିଧାୟକମାନଙ୍କ ଚିଠି, ପରାମର୍ଶ ଓ ସାକ୍ଷାତବେଳେ ସରକାରୀ ଅଫିସରମାନେ କିଭଳି ଆଚରଣ କରିବେ ସେ ନେଇ କେନ୍ଦ୍ର ସରକାର ୨୦୧୧ରୁ ୨୦୨୧ ମଧ୍ୟରେ ୭ଥର ରିମାଇଣ୍ଡର ପଠାଇ ସେସବୁକୁ କଡ଼ାକଡ଼ି ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଏହି ଚିଠିରେ ସାଂସଦ ଓ ବିଧାୟକମାନଙ୍କୁ କିଭଳି ଅଫିସରମାନେ ସୌଜନ୍ୟ ଓ ସମ୍ମାନ ପ୍ରଦାନ କରିବେ ସେ ନେଇ ୭ଟି ନିୟମ ଓ ନିର୍ଦ୍ଦେଶନାମା ସମ୍ପର୍କରେ କେନ୍ଦ୍ର ସରକାର ସ୍ମରଣ କରାଇ ଦେଇଛନ୍ତି। ଅଲଇଣ୍ଡିଆ ସର୍ଭିସ (କଣ୍ଡକ୍ଟ) ରୁଲସ-୧୯୬୮ର ରୁଲ ୩(୨କ) ଅନୁସାରେ ପ୍ରତ୍ୟେକ ଅଫିସର ନିଜର କର୍ତ୍ତବ୍ୟ ସମ୍ପାଦନବେଳେ ବିନମ୍ରତା ଆଚରଣ କରିବେ। ଆଉ ଲୋକଙ୍କ ସହ ନିଜର ବ୍ୟବହାରରେ କୌଣସି ପ୍ରକାରର କୌଶଳ ଆପଣାଇବେ ନାହିଁ। କୌଣସି ସରକାରୀ ଅଫିସ୍ ନିଜର ଅଫିସ ଡ୍ୟୁଟି କରିବାବେଳେ ଅଭଦ୍ରାମୀ କାର୍ଯ୍ୟ କରିବେ ନାହିଁ ତଥା ଲୋକଙ୍କ ସହ ବ୍ୟବହାରରେ ବିନମ୍ରତା ରହିବା ସହ ତାଙ୍କ ପାଖେ ରହିଥିବା କାର୍ଯ୍ୟକୁ ଜାଣିଶୁଣି ବିଳମ୍ବ କରିବେ ନାହିଁ। ପୂର୍ବ ନିର୍ଦ୍ଦେଶନାମା ଅନୁସାରେ ସାଂସଦ ଓ ବିଧାୟକଙ୍କ ପ୍ରତି ସରକାରୀ ଅଫିସରମାନେ ଉପଯୁକ୍ତ ଶିଷ୍ଟାଚାର ଓ ସମ୍ମାନ ଦେଖାଇବା ସହ ସାବଧାନତା ଅବଲମ୍ବନ କରିବା ଉଚିତ୍। ଏହାସହିତ ସାଂସଦ ଓ ବିଧାୟକମାନଙ୍କ କଥାକୁ ଧ୍ୟାନପୂର୍ବକ ଶୁଣିବା ତଥା ଏହା ଉପରେ ବିଚାର କରି ସର୍ବୋତ୍ତମ ନିଷ୍ପତ୍ତି ଆଇନ ଅନୁସାରେ ନେବା ଜରୁରୀ। ସାଂସଦ ଓ ବିଧାୟକଙ୍କୁ ସ୍ୱାଗତ କରିବା ଓ ତାଙ୍କୁ ବିଦା କରିବାବେଳେ ନିଜ ଆସନରେ ଠିଆ ହୋଇ ଅଫିସରମାନେ ସମ୍ମାନ ଜଣାଇବା ଉଚିତ୍। ସାଂସଦ ଓ ବିଧାୟକ ଫୋନ୍ ମାଧ୍ୟମରେ ଦେଇଥିବା ସନ୍ଦେଶକୁ ଅଫିସରମାନେ ଅଣଦେଖା କରିପାରିବେ ନାହିଁ। ସମ୍ପୃକ୍ତ ଅଫିସର ନିଜର ଅନୁପସ୍ଥିତି ଅବା କାର୍ଯ୍ୟ ବ୍ୟସ୍ତତା ପାଇଁ ଯଦି ଉକ୍ତ ଫୋନକୁ ଗ୍ରହଣ କରିପାରିନଥିବେ ତେବେ ଯଥାଶୀଘ୍ର ପ୍ରାଥମିକତା ଭିତ୍ତିରେ ସେହି ସାଂସଦ ଅବା ବିଧାୟକଙ୍କୁ ଏନେଇ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିବେ। କେବଳ ସେତିକି ନୁହେଁ, କୌଣସି ସରକାରୀ ସଭାସମିତିକୁ ବିଧାୟକ ଓ ସାଂସଦମାନଙ୍କୁ ଆମନ୍ତ୍ରଣ କରାଯିବା ସହ ଉପଯୁକ୍ତ ପ୍ରୋଟୋକଲ ପାଳନ ନିମନ୍ତେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ପାଳନ କରିବାକୁ ତାଗିଦ୍ କରାଯାଇଛି। କେନ୍ଦ୍ର ସରକାରଙ୍କ ଉପସଚିବ ଉମେଶ କୁମାର ଭାଟିଆ ସେପ୍ଟେମ୍ବର ୧୩ରେ ପଠାଇଥିବା ଏହି ଚିଠିରେ ସାଂସଦ ଓ ବିଧାୟକଙ୍କୁ ଉପଯୁକ୍ତ ଶିଷ୍ଟାଚାର ଓ ସମ୍ମାନ ଜଣାଇବାକୁ ଅଫିସରମାନଙ୍କୁ ପରାମର୍ଶ ଦେବା ସହ ଯଦି ଏହାର ଉଲ୍ଲଙ୍ଘନ ହୋଇଥିବାର ପ୍ରମାଣ ତଦନ୍ତ ପରେ ମିଳେ ତା'ହେଲେ ସମ୍ପୃକ୍ତ ସରକାରୀ ଅଫିସରଙ୍କୁ ଆଇନ ଅନୁସାରେ ଉପଯୁକ୍ତ ଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିବ ବୋଲି ସତର୍କ କରାଇ ଦେଇଛନ୍ତି।

### ନବୀନଙ୍କ ...

୨୧ ଲକ୍ଷ ୭୧ ହଜାର ଟଙ୍କା, ହିଞ୍ଜିଳିକାଟୁ ଷ୍ଟେଟ୍ ବ୍ୟାଙ୍କରେ ୭ ହଜାର ୭୪ ଟଙ୍କା ଓ ହିଞ୍ଜିଳିକାଟୁ କଲେଜ କ୍ୟାମ୍ପସରେ ଥିବା ଷ୍ଟେଟ୍ ବ୍ୟାଙ୍କ ଆକାଉଣ୍ଟରେ ୧୪ ହଜାର ୪୮୮ ଟଙ୍କା , ବରଗଡ଼ ଜିଲ୍ଲାର ପଦ୍ମପୁର ରହିଥିବା ଷ୍ଟେଟ୍ ବ୍ୟାଙ୍କରେ ୩୯,୦୨୮ ଟଙ୍କା ଥିବା ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ଏହାବ୍ୟତୀତ ସେ ପୋଷ୍ଟ ଅଫିସରେ ୫୦୩୩ ଟଙ୍କାର ଜମାପୁଞ୍ଜି, ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୧,୧୧,୨୬,୩୭୯ ଟଙ୍କାର ଫିକ୍ସଡ ଡିପୋଜିଟ୍, ୯ କୋଟିର ରିଜର୍ଭ ବ୍ୟାଙ୍କ ବଣ୍ଡ ଓ ପୋଷ୍ଟ ଅଫିସରେ ୧ କୋଟି ଟଙ୍କାର ଟର୍ମ ଡିପୋଜିଟ୍ ରଖିଛନ୍ତି। ସେହିପରି ତାଙ୍କ ପାଖରେ ୩ ଲକ୍ଷ ୪୫ ହଜାର ୩୩୬ ଟଙ୍କାର ଅଳଙ୍କାର ରହିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଉତ୍ତରାଧିକାର ସୂତ୍ରରେ ମାଲିକାନା ପାଇଥିବା ଶ୍ରୀ ପଟ୍ଟନାୟକଙ୍କର ଦିଲ୍ଲୀ ଓ ଭୁବନେଶ୍ୱରରେ ଚାଷ ଜମି ଓ କୋଠା ରହିଛି। ନୂଆ ସମ୍ପତ୍ତି ତାଲିକା ଅନୁଯାୟୀ ଭୁବନେଶ୍ୱର ନବୀନ ନିବାସରେ ଥିବା କୋଠା ଓ ଜମିରେ ମୁଖ୍ୟମନ୍ତ୍ରୀଙ୍କର ଦୁଇ ତୃତୀୟାଂଶ ଅଂଶ ରହିଛି। ଯାହାର ଆନୁମାନିକ ମୂଲ୍ୟ ୯ କୋଟି ୫୨ ଲକ୍ଷ ୪୬ ହଜାର ୧୯୦ ଟଙ୍କା। ଦିଲ୍ଲୀର ଏ.ପି.ଜେ ଅବଦୁଲ କଲାମ୍ ରୋଡ଼ରେ ଥିବା ଜମି ଓ କୋଠାରୁ ନବୀନଙ୍କ ଭାଗରେ ପଡୁଥିବା ୫୦% ଅଂଶର ମୂଲ୍ୟ ୪୩ କୋଟି ୩୬ ଲକ୍ଷ ୧୮ ହଜାର ଟଙ୍କା। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ନିଜ ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି ଯେ ତାଙ୍କ ପତ୍ନୀଙ୍କ ନାଁରେ ୬୫ଟି ଗାଡ଼ି ରହିଛି। ସମସ୍ତ ଗାଡ଼ି କମର୍ସିଆଲ୍ ବୋଲି ଦର୍ଶାଯାଇଛି। ଠିକ୍ ସେହିପରି ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ପାଖରେ ଏକ ଇନୋଭା କାର୍ ଥିବା ତାଲିକାରୁ ଜଣାଯାଇଛି। ତେବେ ଏଥିମଧ୍ୟରୁ ୨୦୨୧ରେ ୧୮ଟି ଗାଡ଼ି କିଣାଯାଇଛି। ଏଣେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ, ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ନାଁରେ କୌଣସି ଚାରି ଚକିଆ ଗାଡ଼ି ନଥିବା ଦର୍ଶାଯାଇଛି।

### ବଢୁଛି ନମ୍ବର ...

ଯୋଗାଣର ଏକ ସପ୍ତାହ ୱେଟିଂ ପିରିୟଡକୁ ୧୫ ଦିନ ଯାଏଁ ବଢ଼ାଇଛନ୍ତି। ସେହିଭଳି ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି କହିଛି, ୧ ଓ ୨ରେ ଶେଷ ହେଉଥିବା ଗାଡ଼ି ନମ୍ବର ପାଇଁ ଅଗଷ୍ଟ ୩୧ ଯାଏଁ ସମୟ ଦିଆଯାଇଥିଲା। କିନ୍ତୁ ଗତ ମାସରେ ବନ୍ୟା କାରଣରୁ ଏ ଅବଧିକୁ ସେପ୍ଟେମ୍ବରର ଯାଏଁ ବଢ଼ାଯାଇଛି। ଆଗକୁ ଆଉ ଡେଡ୍‌ଲାଇନ୍ ବଢ଼ିବନି। କିନ୍ତୁ ୱେଟିଂ ପିରିୟଡ ବଢୁଥିବାରୁ ଜରିମାନା ଆଦାୟ କରାଯିବ କି ନାହିଁ ସରକାର ଉପଯୁକ୍ତ ସମୟରେ ନିଷ୍ପତ୍ତି ନେବେ। ସୂଚନା ଅନୁସାରେ, ପୁରୁଣା ନମ୍ବର ପ୍ଲେଟ୍ ବଦଳାଇବା ପାଇଁ ଏବେ ଦିନକୁ ୫୦ ହଜାରରୁ ଅଧିକ ଆବେଦନ ଆସୁଛି। ପ୍ରତିଦିନ ୧୩ ହଜାରରୁ ଅଧିକ ପ୍ଲେଟ୍ ଲାଗୁଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୨ ଲକ୍ଷ ୬୦ ହଜାରରୁ ଅଧିକ ଆବେଦନ ଆସିଥିବା ବେଳେ ୬ ଲକ୍ଷ ୫୧ ହଜାର ଗାଡ଼ିରେ ଏଚ୍‌ଏସ୍‌ଆରପି ଲାଗି ସାରିଲାଣି।

### ୬ ବର୍ଷ ପରେ ...

ଯେଉଁ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଡିଲର ନିଯୁକ୍ତି ଓ ଲାଇସେନ୍ସ ନବୀକରଣର କ୍ଷମତା ରହିଛି ସେ ଘରୋଇ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ଦେବାକୁ ନିଶ୍ଚିତ ପଦକ୍ଷେପ ନେବେ। ପଞ୍ଚାୟତ ଅବା ମ୍ୟୁନିସପାଲଟି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ ସୋସାଇଟି ଓ ଏସଏଚ୍‌ଜି ଗୁଡ଼ିକୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଦାୟିତ୍ୱ ଏହି ଗେଜେଟ୍ ବିଜ୍ଞପ୍ତି ଜାରିର ୨ବର୍ଷ ମଧ୍ୟରେ ଦେବାର ପ୍ରାବଧାନ ରହିଥିଲା। ତେବେ ଆଶ୍ଚର୍ଯ୍ୟର କଥା, ସରକାର ଏହି ଗେଜେଟ୍ ବିଜ୍ଞପ୍ତି ଜାରି କରି ଭୁଲି ଯାଇଛନ୍ତି। ଆଉ ଗତ ୬ବର୍ଷ ଧରି ନିୟମିତ ଭାବେ ଘରୋଇ ଡିଲରଙ୍କୁ ସୁହାଇବା ପାଇଁ କ୍ୟାବିନେଟରେ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା(କଣ୍ଟ୍ରୋଲ) ଅର୍ଡର-୨୦୧୬ର ଅବଧି ବାରମ୍ବାର ବୃଦ୍ଧି କରିଚାଲିଛନ୍ତି। କେତେବେଳେ ବର୍ଷକ ପାଇଁ ତ ଆଉ କେବେ ୬ମାସ ପାଇଁ ଏହି ଅବଧି ବୃଦ୍ଧି ପାଉଛି। ଏପରିକି ତତକାଳୀନ ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡ଼ା ୨୦୧୮ ଜାନୁୟାରୀ ଶେଷ ସପ୍ତାହରେ ସମସ୍ତ ଜିଲ୍ଲାପାଳଙ୍କୁ କଡ଼ା ଭାଷାରେ ଚିଠି ଲେଖି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ)ର ଘରୋଇ ଡିଲରମାନଙ୍କୁ ୨୦୧୮ ମାର୍ଚ୍ଚ ୧୫ସୁଦ୍ଧା ଉଚ୍ଛେଦ କରି ସେମାନଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ୨ବର୍ଷର ଅବଧି ମଧ୍ୟରେ ଘରୋଇ ଡିଲରଙ୍କ ପରିବର୍ତ୍ତେ ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ ବୋଲି ଲାଇସେନ୍ସ ପ୍ରଦାନକାରୀ ଅଧିକାରୀମାନେ ବୋଧହୁଏ ଭୁଲି ଯାଇଛନ୍ତି । ତେଣୁ ୨୦୧୮ ମାର୍ଚ୍ଚ ୧୫ ପରେ ଯେଭଳି ଜଣେ ବି ଘରୋଇ ଡିଲର କୌଣସି 'ସୁଲଭ ମୂଲ୍ୟ ଦୋକାନ' ପରିଚାଳିତ ନକରିବେ ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ ତାଗିଦ୍ କରିଥିଲେ। କୌଣସି ଜଣେ ବି ଲାଇସେନ୍ସ ପ୍ରଦାନକାରୀ ଅଧିକାରୀ ଏହି ଘରୋଇ ଡିଲରଙ୍କୁ ଉଚ୍ଛେଦ ପାଇଁ ଆଗ୍ରହ ନଦେଖାଇବା ଅତ୍ୟନ୍ତ ଚିନ୍ତାଜନକ ବୋଲି ତତକାଳୀନ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଶ୍ରୀ ଜାମୁଡ଼ା ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ। ତେବେ ଶ୍ରୀ ଜାମୁଡ଼ାଙ୍କ ଏହି ଚିଠି ସେତେବେଳେ ସରକାରଙ୍କୁ ଅଡୁଆ ପରିସ୍ଥିତିରେ ପକାଇ ଦେଇଥିଲା। ଜାମୁଡ଼ାଙ୍କ କାର୍ଯ୍ୟକାଳ ସରିଗଲା ସିନା ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏପରିକି ଶ୍ରୀ ଜାମୁଡ଼ା ପରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ କେବଳ କାଗଜକଲମ ମଧ୍ୟରେ ସୀମିତ ହୋଇ ରହିଛି । ବର୍ତ୍ତମାନର ଖାଦ୍ୟ କମିଶନ ଅଧ୍ୟକ୍ଷ ପ୍ରମୋଦ କୁମାର ମେକାପ ଏ ଦିଗ ପ୍ରତି ଆଖିବୁଜି ଦେଇଥିବା ଜଣାପଡ଼ିଛି। ଯେଉଁଥିପାଇଁ ଘରୋଇ ଡିଲରଙ୍କୁ ସୁହାଇବା ଭଳି ନିଷ୍ପତ୍ତି କ୍ୟାବିନେଟ ଗତ ୬ବର୍ଷ ଧରି ନେବାରେ ଲାଗିଛି। ସୂଚନାଯୋଗ୍ୟ, ରାଜ୍ୟରେ ପିଡିଏସ୍ ବ୍ୟବସ୍ଥାରେ ମୋଟ ୧୩୬୩୦ଟି ସୁଲଭ ମୂଲ୍ୟ ଦୋକାନର ପରିଚାଳନା ଦାୟିତ୍ୱରେ ୭୦୬୮ଜଣ ଘରୋଇ ଡିଲର ଓ ବାକି ୬୫୬୨ଜଣ ଆନୁଷ୍ଠାନିକ ଡିଲର(ମହିଳା ଏସଏଚଜି, ସମବାୟ ସୋଇଟି ଓ ଏସଏଚଜି) ଅଛନ୍ତି। ୨୦୧୮ ଡିସେମ୍ବରରେ ଏହି ପିଡିଏସ୍ ବ୍ୟବସ୍ଥାରେ ମୋଟ ୧୪୦୫୩ ଟି ସୁଲଭ ମୂଲ୍ୟ ଦୋକାନ ଥିବାବେଳେ ସେଥିରୁ ୬୩୭୦ଟି ସୁଲଭ ମୂଲ୍ୟ ଦୋକାନର ଆନୁଷ୍ଠାନିକ ଡିଲର ଓ ୭୬୮୩ଟି ଘରୋଇ ଡିଲରଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଅର୍ଥାତ୍ ଗତ ୪ବର୍ଷ ମଧ୍ୟରେ (୨୦୧୮ରୁ ୨୦୨୨ ମସିହା) ମାତ୍ର ୬୦୫ଜଣ ଘରୋଇ ଡିଲରଙ୍କ ପରିବର୍ତ୍ତେ ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ମିଳିଛି।

### ଚୁକ୍ତିଭିତ୍ତିକ ...

ବନ୍ୟା ସମସ୍ୟା ଓ ଜଳ ସମସ୍ୟା ଦୂର କରାଯାଇପାରିବ। ସୋନପୁର-ବିନିକା-ରାମପୁର-ଡୁଙ୍ଗୁରିପାଲି ରାସ୍ତାର ସମ୍ପ୍ରସାରଣ ଓ ଉନ୍ନତିକରଣ ନିମନ୍ତେ ୮୭କୋଟି ଟଙ୍କାର ଟେଣ୍ଡର ଆଶୀର୍ବାଦ କନଷ୍ଟ୍ରକସନକୁ ପ୍ରଦାନ ନିମନ୍ତେ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟ ଭାବେ ସରିତା ସୁପକାର ଓ ସନତ କୁମାର ମହାନ୍ତିଙ୍କ ନିଯୁକ୍ତିକୁ ପିଛିଲା ଭାବେ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହାସହିତ ଓଡ଼ିଶା ସମବାୟ ସେବା କ୍ୟାଡ଼ର, ଓଡ଼ିଶା ପର୍ଯ୍ୟଟନ ସେବା କ୍ୟାଡ଼ରର ପୁର୍ନଗଠନ, ନୂତନ ଭାବେ ଓଡ଼ିଶା ସମବାୟ ଅଡିଟ୍ ସର୍ଭିସ କ୍ୟାଡ଼ର ସୃଷ୍ଟି, ଜିଲ୍ଲା ପୁଲିସ ମିନିଷ୍ଟ୍ରିଆଲ ସର୍ଭିସ ରୁଲସର ସଂଶୋଧନ, ଓଡ଼ିଶା ପ୍ରଶାସନିକ ସେବା ନିଯୁକ୍ତି ରୁଲରେ ସଂଶୋଧନ, ଓଡ଼ିଶା ଲିଗାଲ ମେଟ୍ରୋଲୋଜି ସର୍ଭିସ ରୁଲସ, ଓଡ଼ିଶା ଜୁଡିସିଆଲ ସେବା ରୁଲସ, ଓଡ଼ିଶା ଜିଲ୍ଲା ଓ ସବଅର୍ଡିନେଟ କୋର୍ଟ ନନଜୁଡିସିଆଲ ଷ୍ଟାଫ ସର୍ଭିସ ଓ ଗ୍ରୁପ୍ ଡି କର୍ମଚାରୀ ରୁଲ୍ ଆଦିରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସୂଚନାଯୋଗ୍ୟ, ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦାବି ସଂକ୍ରାନ୍ତ ଉପରେ ବିଚାରବିମର୍ଶ ହେବ ବୋଲି ୭୦ହଜାରୁ ଊର୍ଦ୍ଧ୍ୱ ଚୁକ୍ତିଭିତ୍ତିକ କର୍ମଚାରୀ ଆଶା କରିଥିଲେ। ମାତ୍ର ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେମାନଙ୍କ ସହ ସେପ୍ଟେମ୍ବର ୧୨ତାରିଖରେ ହୋଇଥିବା ଆଲୋଚନାରେ ମିଳିଥିବା ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଥିବା ଚର୍ଚ୍ଚା।

## ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଘୋଷଣା

# ୧୯ ମନ୍ତ୍ରୀ, ୧୧ ବିଧାୟକଙ୍କୁ ଦାୟିତ୍ୱ

**ଭୁବନେଶ୍ୱର:** ରାଜ୍ୟ ସରକାର ନେତାଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି। ନିମ୍ନରେ ଉଲ୍ଲେଖ କରାଯାଇଥିବା ମନ୍ତ୍ରୀ ଓ ବିଧାୟକମାନଙ୍କୁ ବିଭିନ୍ନ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଅନୁଗୁଳ ଜିଲ୍ଲ ଯୋଜନା କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଥିବା ବେଳେ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ବଲାଙ୍ଗୀର, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ବରଗଡ଼, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ଭଦ୍ରକ, କନ୍ଧମାଳ ବିଧାୟକ ମହିଧର ରାଣାଙ୍କୁ ବୌଦ୍ଧ, ନିଆଳି ବିଧାୟକ ପ୍ରମୋଦ କୁମାର ମଲିକଙ୍କୁ କଟକ, ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ଦେବଗଡ଼, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍‌ଙ୍କୁ ଢେଙ୍କାନାଳ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଗଜପତି, ପୂର୍ତ୍ତ, ଖଣି ଏବଂ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଗଞ୍ଜାମ, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକଙ୍କୁ ଜଗତସିଂହପୁର, ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶଙ୍କୁ ଯାଜପୁର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଝାରସୁଗୁଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କୁ କଳାହାଣ୍ଡି, ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ କନ୍ଧମାଳ, କୃଷି, ମତ୍ସ୍ୟ ଓ ପଶୁ ସଂପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କେନ୍ଦ୍ରାପଡ଼ା, ପାଟଣା ବିଧାୟକ ଜଗନ୍ନାଥ ନାୟକଙ୍କୁ କେନ୍ଦୁଝର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ଖୋର୍ଦ୍ଧା, କୋରାପୁଟ ବିଧାୟକ ରଘୁରାମ ପାଦଲଙ୍କୁ କୋରାପୁଟ, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ମାଲକାନଗିରି, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ମୟୂରଭଞ୍ଜ, ଡାବୁଗାଁ ବିଧାୟକ ମନୋହର ରାନ୍ଧାରୀଙ୍କୁ ନବରଙ୍ଗପୁର, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କୁ ନୟାଗଡ଼, ଜଳ ସଂପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ନୂଆପଡ଼ା, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପୁରୀ, ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କୁ ରାୟଗଡ଼ା, ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ସମ୍ବଲପୁର,ପଞ୍ଚାୟତିରାଜ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ସୁବର୍ଣ୍ଣପୁର ଏବଂ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ସୁନ୍ଦରଗଡ଼ ଜିଲ୍ଲ ଯୋଜନା କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି।

# ଜଷ୍ଟିସ ଶତ୍ରୁଘନ ପୂଜାହାରୀଙ୍କ ଅବସର



**କଟକ :** ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଶତ୍ରୁଘନ ପୂଜାହାରୀ ଅବସର ଗ୍ରହଣ କରିଛନ୍ତି। ଆଜି ହାଇକୋର୍ଟରେ ଥିଲା ତାଙ୍କ ଶେଷ କାର୍ଯ୍ୟ ଦିବସ। ହାଇକୋର୍ଟ ବାର୍ ଆସୋସିଏସନ୍ ତରଫରୁ ଜଷ୍ଟିସ ପୂଜାହାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଜଷ୍ଟିସ ପୂଜାହାରୀ ୨୦୧୩ ନଭେମ୍ବର ୨୯ରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ୨୦୧୭, ନଭେମ୍ବର ୨୨ ପର୍ଯ୍ୟନ୍ତ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିବା ପରେ ତାଙ୍କର ମାଡ୍ରାସ ହାଇକୋର୍ଟକୁ ବଦଳି ହୋଇଥିଲା। ସେ ୨୦୧୭, ନଭେମ୍ବର ୨୩ରେ ମାଡ୍ରାସ ହାଇକୋର୍ଟରେ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ଏହାପରେ ପୁଣି ତାଙ୍କର ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଥିଲା। ୨୦୧୮, ନଭେମ୍ବର ୧୯ରେ ପୁଣି ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ସେ ଯୋଗ ଦେଇଥିଲେ।୧୯୬୦, ସେପ୍ଟେମ୍ବର ୨୪ରେ ସୋନପୁର ସୁବଳୟା ଗ୍ରାମରେ ଜନ୍ମିତ ଜଷ୍ଟିସ ପୂଜାହାରୀ ୧୯୭୮ରେ ହାଇସ୍କୁଲ ପାଠ୍ୟକ୍ରମ ଶେଷ କରି ବଲାଙ୍ଗୀରର ରାଜେନ୍ଦ୍ର କଲେଜରୁ ୧୯୮୩ ମସିହାରେ ରାଜନୀତି ବିଜ୍ଞାନ ସମ୍ମାନ ରଖି ସ୍ନାତକ ଡିଗ୍ରି ହାସଲ କରିଥିଲେ। ୧୯୮୬ରେ ସମ୍ବଲପୁରସ୍ଥିତ ଲାଲା ଲଜପତ ରାୟ ଆଇନ ମହାବିଦ୍ୟାଳୟରୁ ସେ ଏଲଏଲବି ପାସ୍ କରିଥିଲେ। ଏହାପରେ ଆଇନଜୀବୀ ପେସାରେ ସେ ଯୋଗ ଦେଇଥିଲେ। ହାଇକୋର୍ଟରେ ଜଣେ ଦକ୍ଷ ଆଇନଜୀବୀ ଭାବେ ସେ ସୁନାମ ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ସୁପିରିୟର ଜୁଡିସିଆଲ ସର୍ଭିସ(ସିନିୟର ବ୍ରାଞ୍ଚ) ପରୀକ୍ଷାରେ ସଫଳତା ହାସଲ କରି ସେ ୨୦୦୩, ଫେବ୍ରୁୟାରି ୭ରେ ବ୍ରହ୍ମପୁରର ଦ୍ୱିତୀୟ ଅତିରିକ୍ତ ଜିଲା ଦୌରା ଜଜ୍ ଭାବେ ଯୋଗଦେଇଥିଲେ। ଏହାପରେ କୋରାପୁଟ, ଗଞ୍ଜାମ, ପୁରୀ ଓ କଟକରେ ଜିଲ୍ଲା ଓ ଦୌରାଜଜ ଭାବେ କାର୍ଯ୍ୟ କରିଥିଲେ। ଓଡ଼ିଶା ସେଲ୍ସ ଟ୍ୟାକ୍ସ ଟ୍ରିବୁନାଲର ଅଧ୍ୟକ୍ଷ, ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଓ ରାଜ୍ୟ ଆଇନ ବିଭାଗର ସେ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିବା ପରେ ୨୦୧୩, ନଭେମ୍ବର ୨୯ରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ବିଚାରପତି ଭାବେ ଜଷ୍ଟିସ ପୂଜାହାରୀ ହାଇକୋର୍ଟରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଥିଲେ।

# ଅବକାରୀ ବିଭାଗ ଲାଞ୍ଚନେଇ ଖୋଲୁଛି ବାର; ଅଞ୍ଚଳରେ ତୀବ୍ର ଅସନ୍ତୋଷ

**ଅସ୍ତରଙ୍ଗ:** ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଦୀର୍ଘ ୧ବର୍ଷ ରୁ ଊର୍ଦ୍ଧ୍ୱ ଦିନ ହେବ ମୁଖ୍ୟ ବଜାରରେ ଏକ ଠିପି ବନ୍ଦ ସରକାରୀ ମଦ ଦୋକାନ ଥିଲା। ଗତ ସେପ୍ଟେମ୍ବର ୩ତାରିଖ ଦିନ ଅବକାରୀ ବିଭାଗ ଆଉ ଏକ ବାର ଖୋଲିବା ନେଇ ଅନୁମତି ପ୍ରଦାନ କରିଥିଲା।ଉକ୍ତ ବାର ସେପ୍ଟେମ୍ବର୫ ଅତବା ୨ଦିନ ଚିହ୍ନଟ ସ୍ଥାନରେ ବିଧିବଦ୍ଧ ଭାବେ ଖୋଲିଲା। ସେପ୍ଟେମ୍ବର ୭ଦିନ ସେହି ବାର ଠାରୁ ଅଳ୍ପ ଦୂରରେ ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ ଖୋଲିବା ପାଇଁ କଟକ ଅବକାରୀ କମିଶନର ଙ୍କ ଶୁଣାଣି ହୋଇ ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ ନ ଖୋଲିବା ନେଇ ଅବକାରୀ କମିଶନର ରୋକଠୋକ୍ ବାର ଆବେଦନକୁ ଖାରଜ କଲେ। ସବୁଠାରୁ ଆଶ୍ଚର୍ଯ୍ୟ ଚିନ୍ତାଜନକ କଥା ଅସ୍ତରଙ୍ଗ ବୀରତ୍ୱର ଗାଥା ବଖାଣୁଥିବା ବେଳେ ସମ୍ମାନୀୟ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଅସ୍ତରଙ୍ଗ ଏକ ଭାଇ ଚାରାର ଅଞ୍ଚଳ ବୋଲି ବିଗତ ଦିନରେ ନିଜ ଅଭିଭାଷଣ କହିଥିଲେ। ଲବଣ ସତ୍ୟାଗ୍ରହ ପାଇଁ ଜନନାୟକ ମାହାତ୍ମ୍ୟଗାନ୍ଧୀ ଏହି ଅଞ୍ଚଳରେ ରହି ଇଂରେଜମାନଙ୍କ ଠାରୁ ଦେଶକୁ ସ୍ୱାଧୀନ କରିଥିଲେ ଫୁଣି ଏହି ଅଞ୍ଚଳରେ ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ କିଭଳି ଭାବେ ଏକ ଅନସଫ୍ ବାର ଖୋଲିବ ସେଥିପାଇଁ ଅବକାରୀ ବିଭାଗର ଚାଟୁକାରିତା ମାନେ ଗତ ସେପଟ୍ଟେମ୍ବର ୯ତାରିଖରେ ଅନସଫ୍ ବାରର ତଥ୍ୟ ଲୁଚାଇ ଫୁଣି ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ଅନୁମତି ଦେଲା । ଏଠାରେ ପ୍ରଶ୍ନ ଉଠୁଛି ଅବକାରୀ ବିଭାଗ କାହା ଚାପରେ କାହା ପ୍ରବଚନାରେ କେତେ କୋଟି ଟଙ୍କା ନେଲା ଯେ ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ଅନୁମତି ଦେଲା ଅବକାରୀ ବିଭାଗ କଣ ଅସ୍ତରଙ୍ଗ ଅଞ୍ଚଳର ପରିବେଶ ନଷ୍ଟ କରୁଛି କି ଯଦି ନୂତନ ଭାବେ ଅନୁମତି ପାଇଥିବା ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟକୁ ବନ୍ଦ କରାନଯାଏ ଆଗାମୀ ଦିନରେ ଅସ୍ତରଙ୍ଗ ଅଞ୍ଚଳରେ ଅବକାରୀ ବିଭାଗର ଅଧିକାରୀ ମାନେ ହଟହଟା ସମୁଖୀନ ହେବେ ବୋଲି ଚା ଖଟିରେ ଶୁଣିବାକୁ ମିଳୁଛି। ଅସ୍ତରଙ୍ଗ ଅଞ୍ଚଳରେ ଦୁଇ ଦୁଇ ଟି ମଦଦୋକାନ ଥିବା ବେଳେ ଫୁଣି ଆଉ ଏକ ବାର ପାଇଁ ଅନୁମତି କିଭଳି ପ୍ରଦାନ କରାଗଲା ଭିଜିଲାନ୍ସ, ସିବିଆଇ ଅର୍ଥ ହେରଫେର ର ତଦନ୍ତ କରିବାକୁ ବୁଦ୍ଧିଜୀବି ମାନେ ଦାବିକରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସଚିବ, ଅବକାରୀ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅବକାରୀ ବିଭାଗ କମିଶନରଙ୍କୁ ଲିଖିତ ଅଭିଯୋଗ କରାଯାଇଅଛି।

# ବୁଦ୍ଧିଜୀବୀ ବାବୁଲି ନାୟକଙ୍କ ପରଲୋକ



**ଜଗତ୍‌ସିଂହପୁର:** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରା.ପ. ଅଧିନସ୍ଥ ବର୍ତ୍ତୀ ଗ୍ରାମର ବାବୁଲି ନାୟକ ୫୮ବର୍ଷ ବୟସରେ ପରଲୋକ ଘଟିବା ଯୋଗୁ ରଘୁନାଥପୁର ଅଂଚଳରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ଶ୍ରୀ ନାୟକ କିଛିଦିନ ଧରି ଅସୁସ୍ଥ ଥିବାରୁ ଚିକିତ୍ସିତ ହେଉଥିଲେ ବି ତାଙ୍କ ବିୟୋଗରେ ତାଙ୍କ ପରିବାର ଲୋକ ସମେତ ବନ୍ଧୁ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ମର୍ମାହତ କରିଦେଇଛି। ଶ୍ରୀ ନାୟକ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା ଥିଲେ। ଏପରିକି ଜଗତସିଂହପୁର ପୂର୍ବତନ ସାଂସଦ ବିଭୂପ୍ରସାଦ ତରାଇଙ୍କ ଜଣେ ଏକାନ୍ତ ଅନୁଗତ ବନ୍ଧୁ ଭାବେ ବି ବେଶ୍ ପରିଚିତ ଥିଲେ। ସେଥିପାଇଁ ସେ ରଘୁନାଥପୁର ବ୍ଲକର ସାଂସଦଙ୍କ ପ୍ରତିନିଧୀ ଭାବେ ଦାୟତ୍ୱ ତୁଲାଇ ଥିଲେ। ତାଙ୍କ ମୃତ୍ୟୁଖବର ଜାଣିବା ପରେ ବିଭିନ୍ନ ଅଞ୍ଚଳର ଲୋକମାନେ ଓ ପୂର୍ବତନ ସାଂସଦ ବିଭୂପ୍ରସାଦ ତରାଇ, ଆଇନଜୀବୀ ଗଗନ ଦାଶ, ଆଇନଜୀବି ରାଜକିଶୋର ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଶ୍ରୀ ନାୟକଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇଭାଇ, ଦୁଇଝିଅ, ଜ୍ୱାଇଁ ଓ ଭାଉଣୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ନାୟକଙ୍କ ମରଶରୀରକୁ ଗ୍ରାମବାସୀମାନେ ଏକ ଶୋଭାଯାତ୍ରାରେ ନେଇ ଶେଷକୃତ୍ୟ ସମ୍ପନ କରିଥିବା ବେଳେ ତାଙ୍କ ପୁତ୍ର ଭବାନୀ ଶଙ୍କର ନାୟକ ମୁଖାଗ୍ନି ଦେଇଥିଲେ।

# ପଶ୍ଚିମାଞ୍ଚଳରେ ବିଦ୍ରୋହର ଜ୍ୱାଳା



ସିତାଂଶୁ ଶେଖର ମିଶ୍ର

ରାଜ୍ୟ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଦରକାର। ପଶ୍ଚିମାଞ୍ଚଳର ହକ୍‌କୁ ଜାବୁଡ଼ି ଧରିବା ଠିକ୍ ହେଉନାହିଁ। ପଶ୍ଚିମାଞ୍ଚଳ ଉନ୍ନୟନ ପରିଷଦର କାର୍ଯ୍ୟାଳୟକୁ ତୁରନ୍ତ ପଶ୍ଚିମାଞ୍ଚଳକୁ ସ୍ଥାନାନ୍ତରିତ କରିବା ଉଚିତ୍ ହେବ। ରାଜ୍ୟ ସରକାରଙ୍କ



ବୈମାତୃକ ମନୋଭାବ ରାଜ୍ୟର କ୍ଷତି ସାଧିତ କରିବ। ଏଥିପାଇଁ ପଶ୍ଚିମାଞ୍ଚଳ ବାସୀ ସମ୍ପୂର୍ଣ୍ଣ ଭାବରେସଂକଳ୍ପନେଇସାରିଥିବା ଅନୁମେୟ ହେଲାଣି। ସରକାର ଏବେ ବିଚାର କରିବା କଥା କଣ କଲେ ଠିକ୍ ହେବ।କାହିଁକି ଜନସନ୍ତୋଷ ଦେଖିବାକୁ ମିଳୁଛି। ଏହାକୁ ଏବେ ହାଲୁକା ଭାବରେ ନେବା ଆଉ ଠିକ୍ ନୁହେଁ।ଏହାର ସ୍ଥାୟୀ ସମାଧାନର ବାଟ ବାହାର କରିବାକଥା। ତାହାହେଲେ ଦେଖାଯାଉ ସରକାର କୋଉପଥକୁ ଠିକ୍ ଭାବୁଛନ୍ତି

'ମନ୍ଦିର ତୋଳାଇଲେ ନାଁ ପଡ଼େ
ବାଟରେ ଝାଡ଼ା ଫେରିଲେ ନାଁ ପଡ଼େ।'

ସ୍ୱତନ୍ତ୍ର ରାଜ୍ୟ ଦାବି ଆମର ନ୍ୟାର୍ଯ୍ୟଅଧିକାର।

ଓଡ଼ିଶା ଏକ ଛୋଟ ରାଜ୍ୟ। ଭାରତବର୍ଷର ସ୍ୱାଧୀନତାର ପୂର୍ବରୁ ଏହା ଜନ୍ମ ନେଇଥିଲା। ସେତେବେଳେ ଉତ୍କଳ, କଳିଙ୍ଗ ଓ କୋଶଳର କିଛି ଅଂଶକୁ ନେଇ ଭାରତବର୍ଷର ଏକ ପ୍ରମୁଖ ରାଜ୍ୟ ଭାବରେ ୧ ଏପ୍ରିଲ ୧୯୩୬ ମସିହାରେ କଟକର କନିକା ପେଲେସରେ ଆରମ୍ଭ ହୋଇଥିଲା। ପରେପରେ ଭୁବନେଶ୍ୱରକୁ ରାଜ୍ୟର ରାଜଧାନୀ ଭାବରେ ବିକଶିତ କରାଯାଇଥିଲା। ଯେଉଁଦିନଠାରୁ ଓଡ଼ିଶା ନାମରେ ଏକ ରାଜ୍ୟ ପ୍ରତିଷ୍ଠା କରାଗଲା ତାକୁ ଓଡ଼ିଶା ଦିବସ ଆକାରରେ ପାଳନ କରାଯିବାର କଥା। ହେଲେ ତାକୁ ଉତ୍କଳ ଦିବସ ଭାବରେ ପାଳନ କରି କୋଶଳ ଓ କଳିଙ୍ଗର ଭାବନାକୁ ଆଘାତ ଦେବାର ଆରମ୍ଭ କରାଗଲା। ଖାଲି ସେତିକି ନୁହେଁ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପାତର ଅନ୍ତର ନୀତି ଆପଣାଇଥିବା ପ୍ରତ୍ୟୟମାନ ହୁଏ। ଫଳରେ ଜନସାଧାରଣଙ୍କ ଭିତରେ ତୀବ୍ରପତିକ୍ରିୟା ଆସ୍ତେଆସ୍ତେ ଦେଖିବାକୁ ମିଳିଲା। ପ୍ରଥମେପ୍ରଥମେ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲା ହେଲେ ଫଳସୁନରହିଲା। ପଶ୍ଚିମାଞ୍ଚଳ ପ୍ରତି ସରକାରଙ୍କ ଏହିଭଳିଆ ବୈମାତୃକ ମନୋଭାବ ଯୋଗୁଁ ସହିବାର ସୀମା ଟପିଯିବା ପରେପରେ ଆଜି ଜନ୍ମ ନେଲା ସ୍ୱତନ୍ତ୍ର ରାଜ୍ୟ ସକାଶେ ତୀବ୍ର ଆନ୍ଦୋଳନ। ସ୍ୱତନ୍ତ୍ର ରାଜ୍ୟ ଗଠନ ହେଲାପରେ ପଶ୍ଚିମାଞ୍ଚଳର ଲୋକମାନଙ୍କୁ ବହୁମୂଲ୍ୟ ଚୁକାଇବାକୁ ପଡିଛି। ସେ ହୀରାକୁଦବନ୍ଧ ହେବାଠାରୁ ଆରମ୍ଭକରି ରାଉରକେଲାରେ ଇସ୍ପାତକାରଖାନା ପ୍ରତିଷ୍ଠା

ପର୍ଯ୍ୟନ୍ତ। ଭାବିଥିଲା ନିଜର ଏହି ତ୍ୟାଗଦ୍ୱାରା ଆଗାମୀ ପିଢିର ସୁନାର ସ୍ୱପ୍ନ। ବର୍ଷପରେ ବର୍ଷ ଅତିକ୍ରମ କରିଲା ସିନା ଅଞ୍ଚଳର ଜନସାଧାରଣଙ୍କ ଦୁଃଖ ଦୁର୍ଦଶା ବଢିବଢି ଚାଲିଲା। ସବୁଆଡ଼େ ଉପକୂଳବର୍ତ୍ତି ଅଞ୍ଚଳର ପ୍ରାଦୁର୍ଭାବ ଦେଖିବାକୁ ମିଳିଲା। ପଶ୍ଚିମାଞ୍ଚଳର ଜନସାଧାରଣଙ୍କୁ ଦାଦନ ଖଟିବାକୁ ପଡ଼ିଲା।

ଆଜି ସେତିକି ନୁହେଁ ଆମର ଲୋକ ପ୍ରତିନିଧି ମାନଙ୍କୁ ଆମେ ନାମକୁ ମାତ୍ର ନିର୍ବାଚିତ କରି ପଠାଇଲୁ ହେଲେ ଆମେ କେବେ ଭାବିନଥିଲୁ ଏମାନେ ଉପକୂଳିଆଙ୍କ ପାଖରେ ନତମସ୍ତକ ହେବେବୋଲି। ସମସ୍ତ ଦିଗରୁ ଫେଲ୍ ମାରିବା ପରେ ଆମେ ଆମର ଭାଗ୍ୟ ତିଆରି କରିବା ପାଇଁ ଏବେ ସମ୍ପୂର୍ଣ୍ଣଭାବେ ମନସ୍ତକରିବା ଛଡା ଆମପାଖରେ ଆଉକୋଣସି ବିକଳ୍ପରସମ୍ଭାବନା ଦେଖାଗଲାନାହିଁ। ସରକାରୀ ନିଯୁକ୍ତି କ୍ଷେତ୍ରରେ ପୂର୍ବରୁ ରହିଆସିଥିବା ନିୟମରେ ପରିବର୍ତ୍ତନକରିବା ଫଳରେ ଆମ ଅଞ୍ଚଳରେ ଏବେ ଉପକୂଳିଆ ଛାଇ ହୋଇଗଲେଣି। ନିଯୁକ୍ତି କ୍ଷେତ୍ରରେ ଆମ ଅଞ୍ଚଳର ପିଲାମାନଙ୍କୁ ଅଣଦେଖା କରାଗଲା। ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରୀତି ପୋଷଣ ରାଜନୀତି କରାଯାଉଥିବା ଅଭିଯୋଗ ସବୁ ଦେଖିବାକୁ ମିଳିଲା ଅଭିଯୋଗ କଲେ ଶୁଣିବାକୁ କେହି ନ ଥିବା ଭଳି ସରକାର ଚୁପ୍ ରହିଲେ। ଆଗରୁ ସମସ୍ତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ଜିଲ୍ଲା ସ୍ତରରେ କରାଯାଉଥିଲା ଓ ସମ୍ପୃକ୍ତ ଜିଲ୍ଲାର ପ୍ରାର୍ଥୀ ମାନଙ୍କୁ ନିଯୁକ୍ତି ମିଳୁଥିଲା। ବହୁ ଚତୁରତାର ସହିତ ସେହି ନିୟମରେ ପରିବର୍ତ୍ତନ ଆଣିଲେ। ଏହି କ୍ଷେତ୍ରରେ ମଧ୍ୟ ଯେତେ ସ୍ୱର ଉତ୍ତୋଳନ କଲେ ମଧ୍ୟ ସରକାର ଚୁପ୍ ରହିଥିବା ଦେଖିବାକୁ ମିଳିଲା। ଆମ ଅଂଚଳର ଲୋକ ପ୍ରତିନିଧିମାନେ ନିଜ ନିଜର ଟିକଟ ଚାଲିଯିବ ଭାବି ଚୁପ୍ ରହି ନିଜେ ଭୋଗବିଳାସରେ ସମ୍ପତ୍ତି ଠୁଳରେ ଲାଗିପଡିଥିବା ଦେଖିବାକୁ ହେଲା।

ଅନ୍ୟାନ୍ୟ ଉପାୟ ଶୂନ୍ୟହୋଇ ଜନସାଧାରଣ ଏବେ ରାଜ ରାସ୍ତାକୁ ଆସିବାକୁ ଶ୍ରେୟ ମନେକଲେ ଓ ନିଜର ଶାସନ ନିଜେ କେମିତି କରିହେବ ସେଥିପାଇଁ ସଂକଳ୍ପ ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଦେଖିଲେ ଅନୁମେୟ ହୁଏ। ଗୋଟାଏ ପଟେ ଦେଖିବାକୁ ଗଲେ ଏହାର ବାସ୍ତବିକତା ରହିଅଛି।କାରଣ ଯେତେବେଳେ ସମସ୍ତ ଦ୍ୱାର ଆସ୍ତେ ଆସ୍ତେ ସଙ୍କୁଚିତ ହୋଇ ହୋଇ ଆସୁଛି ସେତେବେଳେ ଆଉ ସମୟକୁ ଅପେକ୍ଷା କରିବା ମୁର୍ଖତା ହେବା ମନେକରିବା ସ୍ୱାଭାବିକ ଅଟେ। ଆମ ଅଞ୍ଚଳର ଦୁଃଖ ଦୂରକରିବାକୁ ଆମେ ସଂକଳ୍ପ ନେଇସାରିଛୁ ଏହିଭଳିଆ ଭାବନା ଏବେ ଗାଁ ଠାରୁ ଆରମ୍ଭ କରି ସହରାଞ୍ଚଳରେ ରହୁଥିବା ଜନସାଧାରଣଙ୍କ ମଧ୍ୟରେ ଜାଗୃତ ହୋଇସାରିଥିବା ଅନୁମେୟ ହୁଏ। ପଶ୍ଚିମାଞ୍ଚଳ ଜିଲ୍ଲା ଗୁଡ଼ିକରେ ଶିକ୍ଷିତ ବେକାର ଯୁବକଯୁବତୀଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି

ଆଜି ଚିନ୍ତାର ବିଷୟ ହୋଇ ଛିଡ଼ା ହେଲାଣି। ବ୍ୟାଙ୍କରୁ ଋଣ ଆଣି ପାଠ ପଢିବା ପରେ ତାହା ଏବେ ପରିଶୋଧ କରିବା କଷ୍ଟକର ସାଧିତ ହେଲାଣି।

ଏପଟେ ବୃଦ୍ଧ ବାପା ମାଆ ନିଜ ନିଜର ସନ୍ତାନ ମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇ ଅନେକ ଅବେଳରେ ଝଡ଼ି ପଡୁଥିବା ଭଳିଆ କରୁଣ ଚିତ୍ର ସାମନାକୁ ଆସୁଛି। ଘରେ ଆର୍ଥିକ ଅବସ୍ଥା ସଙ୍ଗିନ ଫଳରେ ପୁଅ ଝିଅ ମାନଙ୍କ ବୟସ ଅତିକ୍ରମ କରିଯାଉଅଛି ହେଲେ ବିବାହ କରିପାରୁ ନଥିବା ଅନେକ ଚିତ୍ର ଏବେ ଦେଖିବାକୁ ମିଳୁଛି। ସୁତରାଂ ଦେଖିବାକୁ ଗଲେ ଅଞ୍ଚଳରେ ଏବେ ସଙ୍ଗିନ ସାମାଜିକ ଚିତ୍ର ଜନଜୀବକୁ ଦୋହଲାଇଦେଲାଣି। ଏତେସବୁ ଘଟି ଚାଲିଥିବା ବେଳେ ଆମର ସାମାଜିକ ଚଳଣି ,ପରମ୍ପରା, ଆମର ସଂସ୍କୃତି ଆମର ପ୍ରାକୃତିକ ବୈଭବ ,ଆମର କୃଷି ସମ୍ପଦ,ଜଳସମ୍ପଦ,ଆମର ପର୍ଯ୍ୟଟନ ଓ ସର୍ବୋପରି ଆମର ଯୋଗାଯୋଗ ବିଶେଷକରି ରେଳପଥ ଓ ଉଡାଣ ପଥକୁ ନେଇ ସରକାର ନିରବ ଦ୍ରଷ୍ଟା ସାଜିବା। ଏତେସବୁ ଅବିଚାରକୁ ଦେଖି କେତେଦିନ ଆଉ ଜନସାଧାରଣ ଚୁପ୍ ରହିଥାନ୍ତେ।ସେଥିପାଇଁ ଆଜି ଦୁର୍ବାର ଆନ୍ଦୋଳନ ଜରିଆରେ ନିଜର ହକ୍ ଜାହିର କରିବା ସ୍ୱାଭାବିକ ଅଟେ।

ତେଣୁ ଏବେ ଜନସାଧାରଣ ଉଠାଉଥିବା ଅଲଗା ପ୍ରଦେଶ ଗଠନର ଦାବି ଯୁକ୍ତିଯୁକ୍ତ ଅଟେ। ଆଜି ସବୁଭିତ୍ତିଭୂମିଥାଇ ମଧ୍ୟ ଅଞ୍ଚଳର ବିକାଶ ପାଇଁ ସେମିତି କିଛି ଆଖିଦୃଶିଆ ତତ୍ପରତା ଦେଖା ଗଲାନାହିଁ। ସ୍ୱାଧୀନତାର୭୬ତମ ପାଳିତହୋଇସାରିଛି, କିନ୍ତୁ ଆମେ ପଛୁଆ ହୋଇ ରହିଯାଇଅଛୁ। ଆମ ପଶ୍ଚିମାଞ୍ଚଳର ୧୦ଗୋଟି ଜିଲ୍ଲାରେ ଖଣିଖଦାନ, ଜଙ୍ଗଲଜାତ ଦ୍ରବ୍ୟ, କୃଷିକ୍ଷେତ,ପର୍ଯ୍ୟଟନ କ୍ଷେତ୍ରରେ ଭରପୁର ସୁଯୋଗ ଥିବା ସତ୍ତ୍ୱେ ଆଜିପର୍ଯ୍ୟନ୍ତ ତାର ସଦବିନିଯୋଗ କରାଯାଇ ଆମ ଅଞ୍ଚଳର ବିକାଶ ପାଇଁ ପଦକ୍ଷେପ ସବୁ ନିଆଗଲା ନାହିଁ। ଯଦ୍ୱାରା ଆମକୁ ପଛୁଆହୋଇ ରହିବାର ଅପବାଦ ମୁଣ୍ଡାଇବାକୁ ପଡିଲା। ତେଣୁ ଏହାକୁ ଏକ ପ୍ରକାର ବୁଝିବାକୁ ପଡ଼ିବ, ଏ ଅଞ୍ଚଳର ବିକାଶ ହୋଉ ବୋଲି ଆମର ତଥାକଥିତ ବଡଭାଇ ବୋଲଉଥିବା ଉପକୂଳବର୍ତ୍ତୀ ନେତୃମଣ୍ଡଳୀ ଚାହାନ୍ତି ନାହିଁ। ଯାହାକି ସମ୍ପୂର୍ଣ୍ଣ ଭାବରେ ମଧ୍ୟ ଅନୁମେୟ ହୋଉଅଛି। ଆଶ୍ଚର୍ଯ୍ୟ ବିଷୟ ଆଜି ପର୍ଯ୍ୟନ୍ତ ଯଦି ଆମର ଶିକ୍ଷା କଥା ଦେଖିବା ଆମ ଦଶଗୋଟି ଜିଲ୍ଲା ମଧ୍ୟରୁ ଆଜି ପର୍ଯ୍ୟନ୍ତ ଛଅ ଗୋଟି ଜିଲ୍ଲାରେ ସରକାରୀ ମହାବିଦ୍ୟାଳୟ ନାହିଁ।ତାହାହେଲେ ଏହା କଣ ଆମ ଅଂଚଳ ପ୍ରତି ପ୍ରତାରଣା ନୁହେଁ। ଆମ ଅଂଚଳରେ ଭଲ ଶିକ୍ଷା ଅନୁଷ୍ଠାନ କାହିଁକି କରାଯାଉନାହିଁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସେହି ସମାନ ଅବସ୍ଥା। ସବୁକିଛି ଭୁବନେଶ୍ୱର ଓ କଟକରେ ହେବ। ତାହାହେଲେ ଏଅଞ୍ଚଳବାସୀ ଚୁପ୍ ରହିବେ କାହିଁକି ? କୃଷି କ୍ଷେତ୍ରର ବିକାଶ



ସକାଶେ ଆମ ଅଂଚଳରେ ଛୋଟଛୋଟ ଆନିକଟ କରାଯିବାକଥା ତାହା କରାଯାଉନାହିଁ। ବଡ଼ବଡ଼ କର୍ପୋରେଟ ସଂସ୍ଥାକୁ ପୋଷିବା ତଥା ତାଙ୍କ ଜରିଆରେ ମୋଟା ଅଙ୍କର କାରବାର ପାଇଁ ଅବାସ୍ତବ ଯୋଜନା ମେଗା ଜଳ ସେଚନ ଜରିଆରେ ଜଳ ସେଚନ ଯୋଜନା କରିବା।ଯାହାକି ପରିବେଶ ପାଇଁ ଆଗାମିଦିନରେ ସମସ୍ୟା ଛିଡ଼ା କରିବ।

ରେଳ ଯୋଗାଯୋଗ କ୍ଷେତ୍ରରେ ପାତର ଅନ୍ତର ନୀତି ଯୋଗୁଁ ଆଜି ପର୍ଯ୍ୟନ୍ତ ଅନେକ ଜିଲ୍ଲାରେ ରେଳପଥ ନାହିଁ। ପର୍ଯ୍ୟଟନ କଥାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଅଛି। ସୁତରାଂ ଆମକୁ ଆମର ମୌଳିକ ଅଧିକାର ଶିକ୍ଷା, ସ୍ୱାସ୍ଥ୍ୟକ୍ଷେତ୍ର ଠାରୁ ଆରମ୍ଭ କରି ଗମନାଗମନ, ପର୍ଯ୍ୟଟନ, କୃଷି, ଜଳସେଚନ ସବୁ କ୍ଷେତ୍ରରେ ଆମ ପ୍ରତି ଅବିଚାର କରାଯାଉଅଛି। ତାହାହେଲେ କଣ ଆମେ ଚୁପ୍ ରହିବୁ। ଆମର ଅଧିକାର ପାଇଁ ଆମେ କହିବୁ ନାହିଁ। ଆହୁରି ମଧ୍ୟ ଆମ ଅଞ୍ଚଳର ସମସ୍ତେ ଜାଣିବା ଉଚିତ୍ ହେବ ଯେତେବେଳେ ମଧ୍ୟ ଆମ ଅଞ୍ଚଳରେ କିଛି କରାଯାଇଅଛି ତାହାହେଲେ ସେଥିରେ ତାଙ୍କର ସମ୍ପୂର୍ଣ୍ଣ ସ୍ୱାର୍ଥ ଲୁଚି ରହିଥାଏ। ସେଥିପାଇଁ ସେହି କାର୍ଯ୍ୟ କରିଥାନ୍ତି। ସେହିଭଳିଆ ଏକ ପ୍ରକଳ୍ପ ହେଉଅଛି ସମ୍ବଲପୁର ଗୋପାଳପୁର ରେଳପଥ। ଯାହାକି ପଶ୍ଚିମାଞ୍ଚଳ ସହ ଦକ୍ଷିଣାଞ୍ଚଳ ଯୋଡ଼ିବା କଥା କହୁଥିବା ବେଳେ ପ୍ରକୃତରେ ସେଇଆ ନୁହେଁ। ଯଦି ସେଇଆ ହୋଇଥାନ୍ତା ତାହାହେଲେ ଏହି ପ୍ରକଳ୍ପଟି ସମ୍ବଲପୁର ଗୋପାଳପୁର ତାହାହେଲେ ଏହା ସୁବର୍ଣ୍ଣପୁର ଜିଲ୍ଲା ଦେଇ ଯିବା କଥା।ଫଳରେ ସମ୍ବଲପୁର ଜିଲ୍ଲାର ଧମା ଅଞ୍ଚଳ ସହିତ ସୁବର୍ଣ୍ଣପୁର ଜିଲ୍ଲା ବୌଦ୍ଧ ଜିଲ୍ଲା ଓ କନ୍ଧମାଳ ଜିଲ୍ଲା ସମ୍ପୂର୍ଣ୍ଣ ଭାବରେ ଉପକୃତ ହୋଇପାରିଥାନ୍ତା ତାହା କରା ଗଲାନାହିଁ। ସମ୍ବଲପୁର ରେଢ଼ାଖୋଲ ଦେଇଯିବା ସକାଶେ ନିଷ୍ପତ୍ତି ନିଆଗଲା। ଯଦ୍ୱାରା ପଶ୍ଚିମାଞ୍ଚଳର ବିକାଶ କିଭଳି ସମ୍ଭବ ହେବ ଏଥିରୁ ଆମେ ମାନେ ଅନୁମାନ କରିବା। ଏହି ପ୍ରକଳ୍ପର ଭିତିର ଉଦ୍ଦେଶ୍ୟ ହେଉଛି ଆମ ଅଞ୍ଚଳର ଖଣିଜ ସମ୍ପଦ ଚୋରି କରିନେବା। ଆମ ଅଞ୍ଚଳର ବିକାଶ ପାଇଁ ନୁହେଁ ଏହି ପ୍ରକଳ୍ପ।ଯଦି ତାଙ୍କର ମନ୍ଦ ଉଦ୍ଦେଶ୍ୟ ନାହିଁ ତାହାହେଲେ ଏହି ପ୍ରକଳ୍ପ ସୁବର୍ଣ୍ଣପୁର ଜିଲ୍ଲା ଦେଇ ଯିବାପାଇଁ ସରକାର ତୁରନ୍ତ ନିଷ୍ପତ୍ତି ନେବା ଠିକ୍ ହେବ।

ଆମ ଅଞ୍ଚଳର ଭୌଗଳିକ ସ୍ଥିତିକୁ ଦେଖି ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଯୋଜନା ସବୁ କାର୍ଯ୍ୟକାରୀ କରାଗଲାନାହିଁ। ଆମର କୃଷିଶିଳ୍ପ, ପର୍ଯ୍ୟଟନ ଶିଳ୍ପକୁ ଯେତିକି ଗୁରୁତ୍ୱଦେବା କଥା ଆଜି ପର୍ଯ୍ୟନ୍ତ ତାହାକରାଗଲାନାହିଁ। ଉକ୍ତ ଅଞ୍ଚଳରେ ଶିଳ୍ପାୟନ ସକାଶେ ସମସ୍ତ ପ୍ରକାରରଭିତ୍ତିଭୂମି ରହିଥିବା ସତ୍ତ୍ୱେ ସେହିଭଳିଆ କୋଣସି ଯୋଜନା ପ୍ରସ୍ତୁତ କରାଗଲାନାହିଁ।ଶିଳ୍ପ ଚିନ୍ତା ନରହିବା ଫଳରେ ଏଅଞ୍ଚଳର ଅଧିକାଂଶ ଜିଲ୍ଲା ଶିଳ୍ପବିହୀନ ଜିଲ୍ଲାହୋଇ ରହିଗଲା।ଯଦ୍ୱାରା ଜିଲ୍ଲା ସବୁର



ବିକାଶ ସମ୍ଭବ ହେଲାନାହିଁ। ଯୁବପିଢି କର୍ମ ନିଯୁକ୍ତିରୁ ବଞ୍ଚିତ ହେଲେ। ଯୋଗାଯୋଗ କ୍ଷେତ୍ରରେ ବହୁପଛରେ ଆଜିପର୍ଯ୍ୟନ୍ତ ଅନେକ ଜିଲ୍ଲା ରହିଯାଇଅଛି। ରେଳ ସଂଯୋଗୀ କରଣ ମଧ୍ୟ କରାଯାଇପାରିଲାନାହିଁ ଓ ଆକାଶ ମାର୍ଗ କଥା ସ୍ୱପ୍ନ ଅଟେ। ଫଳରେ ଉକ୍ତ ଅଂଚଳରେ ରହିଥିବା ପର୍ଯ୍ୟଟନ ଶିଳ୍ପ ଆଗେଇ ପାରିଲା ନାହିଁ। ବୌଦ୍ଧ ଜିଲ୍ଲାରେ ରହିଥିବା ପୁରାତନ ବୌଦ୍ଧ କୀର୍ତ୍ତିରାଜି ସବୁ ଆଜି ଲୁକ୍କାୟିତ ଅବସ୍ଥାରେ ରହିଗଲା। ସୁବର୍ଣ୍ଣପୁର ଜିଲ୍ଲାରେ ଗୁଡ଼ାଏ ଐତିହାସିକ ପ୍ରାଚୀନ ସ୍ଥଳୀ ସବୁ ରହିଅଛି। ପାତାଳୀ ଶ୍ରୀକ୍ଷେତ୍ର ଠାରୁ ଆରମ୍ଭ କରି ସନ୍ଥକବିଭୀମଭୋଇଙ୍କ ଜନ୍ମ ସ୍ଥାନ ଓ ସମାଧି ସ୍ଥଳ ଆଜି ବିଶ୍ୱବିଦିତ ହୋଇ ମଧ୍ୟ ଅବହେଳାର ଶିକାର ହୋଇଥିବା ଦେଖିବାକୁ ହେଉଅଛି। ଭାରତବର୍ଷର ଦ୍ୱିତୀୟ ତ୍ରିବେଣୀ ସଙ୍ଗମ୍ ରହିଥିବା ସ୍ଥଳେ ତାରି ବିକାଶ ଉପରେ ଗୁରୁତ୍ୱ ଦିଆଯାଉନାହିଁ। ମାତା ସୁରେଶ୍ୱରୀ ହେଉଛନ୍ତି ୬୪ ଯୋଗିନୀରୁ ଏକ ଅଟନ୍ତି।ଉକ୍ତ ପୀଠର ବିକାଶ ପାଇଁ ସରକାରଙ୍କ ପାଖେ ସମୟ ନଥିବା ଅନୁମେୟ ହୁଏ।

ବଲାଙ୍ଗିର ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର,୬୪ ଯୋଗିନୀ ପୀଠ ରାଣୀପୁର ଝରିଆଲକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା ରହିଲା। ବରଗଡ଼ ଜିଲ୍ଲାର ପ୍ରସିଦ୍ଧ ନୃସିଂହନାଥ ପୀଠର ଉନ୍ନତିକରଣ କରାଯାଉନାହିଁ। କଳାହାଣ୍ଡିରେ ରହିଅଛି ଅନେକ ଗୁଡ଼ିଏ ଜଳପ୍ରପାତ ତାକୁ ପର୍ଯ୍ୟଟନ ସ୍ଥଳୀ ଭାବରେ ବିକଶିତ ପ୍ରଚେଷ୍ଟା ନଥିବା ଦେଖିବାକୁ ମିଳେ। ନୂଆଁପଡ଼ା, ଦେବଗଡ଼, ସୁନ୍ଦରଗଡ ଅଞ୍ଚଳର ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ସେମିତି କିଛି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ସବୁ ରହିଅଛି। ଏପଟେ ବର୍ଷାଦିନ ଆସିଲେ ମହାନଦୀ କଥା ମନେ ପଡ଼େ ଓ ସେହିନଦୀରେ ବନ୍ଧ ବାନ୍ଧିବା ଯୁକ୍ତି ଥିବା କଥା କିଛି ଲୋକ ମତବ୍ୟକ୍ତ ରଖନ୍ତି କିନ୍ତୁ ଅନ୍ୟାନ୍ୟ ଶାଖା ନଦୀର କଥା ଭୁଲିଯାଇଥାନ୍ତି।ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ନିଶ୍ଚୟ କହିବା।

ଆମ ଅଞ୍ଚଳରେ ଥିବା ୧୦ଗୋଟି ଜିଲ୍ଲାରେ ପ୍ରଭାହିତ ନଦୀ ନାଳରେ ଯଦି ଛୋଟଛୋଟ ଆନିକଟ କରାଯାଇଥାନ୍ତା ତାହାହେଲେ ନିଶ୍ଚୟ ବନ୍ୟା ନିୟନ୍ତ୍ରଣ ତଥା ପର୍ଯ୍ୟଟନ ଶିଳ୍ପର ବିକାଶ, ମତ୍ସ୍ୟସଂପଦର ବିକାଶ ତଥା ଛୋଟଛୋଟ କୁଟୀର ଶିଳ୍ପ ହୋଇପାରିଥାନ୍ତା। ଯଦ୍ୱାରା ଉକ୍ତ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେସହାୟକ ହୋଇ ରାଜ୍ୟର ଆର୍ଥିକଅଭିବୃଦ୍ଧିରେ ଏକ ସିଂହଭାଗର ଯୋଗଦାନ ମଧ୍ୟ ନିଭାଇ ପାରିଥାନ୍ତା ବୋଲି ଅନୁମେୟ ହୁଏ।

ହେଲେ ସେତିକି କରିବାର ସୁଯୋଗ ସୃଷ୍ଟି କରାଗଲାନାହିଁ। ସୁତରାଂ ଉକ୍ତସମସ୍ତ ବିଷୟକୁ ଦେଖିଲେ ଅନୁମାନ କରାଯାଇ ପାରିବ ଆମ ଅଂଚଳ ପ୍ରତି ସରକାରଙ୍କ ରହିଥିବା ଭାବନାକୁ। ଆମ ଅଞ୍ଚଳରେ ଥିବା ୧୦ ଗୋଟି ଜିଲ୍ଲାର ଭୌଗଳିକ ସ୍ଥିତି ଅନୁଯାୟୀ ଆଜି ପର୍ଯ୍ୟନ୍ତ ସେହିଭଳିଆ କୋଣସି ଯୋଜନା ପ୍ରଣୟନ କରାଗଲାନାହିଁ,ଯାହାଫଳରେ ଉକ୍ତ ଅଞ୍ଚଳରେ ସବୁ ଥାଇ ଆମେ ପଛୁଆ ରହିଗଲା ଓ ନିକଟ ଭବିଷ୍ୟତରେ ଉକ୍ତ ଅଞ୍ଚଳର ବିକାଶପାଇଁ କିଛି କରାଯିବା ଭଳିଆ ଆଶା ଜଣାପଡୁ ନାହିଁ।ଏଅଂଚଳର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଦେଇ ତାକୁ ଏତେ ଗୁରୁତ୍ୱ ଦିଆଯାଏ ନାହିଁ, ଯାହାଫଳରେ ଏ ଅଞ୍ଚଳର ବିକାଶ ହୋଇନଥାଏ। କାରଣ ଆମ ଅଞ୍ଚଳର ଜନସାଧାରଣ ସାଧାସିଧା ଅଟନ୍ତି ଓ ବହୁତସରଳ ବିଶ୍ୱାସୀ ଯୋଉଥିପାଇଁ ଆମେ ବହୁ ପଛରେ ରହିଯାଇଅଛୁ ଓ ଏହା ଆମ ପାଇଁ ଆତ୍ମଘାତୀ ସଦୃଶ୍ୟ ହୋଇଥିବା କଥା ଜନସାଧାରଣ ଆସ୍ତେ ଆସ୍ତେ ବୁଝିବାକୁ ଲାଗିଲେଣି। ଫଳରେ ଏବେ ଜନସାଧାରଣଙ୍କ ଭିତରେ ପ୍ରତିଶୋଧର ଜ୍ୱାଳା ଦେଖିବାକୁ ମିଳିଲାଣି। ପ୍ରକୃତରେ ଯଦି ୧୩ ଗୋଟି ଜିଲ୍ଲାରୁ ୩୦ଗୋଟି ଜିଲ୍ଲା ହୋଇନଥାନ୍ତା ତାହାହେଲେ ପଶ୍ଚିମାଞ୍ଚଳରେ ରହିଥିବା ଅନେକ ଅଞ୍ଚଳ ଆଜି ହଜିଯାଇଥାନ୍ତା। ଛୋଟ ଛୋଟ ଜିଲ୍ଲା ହେବା ଦ୍ୱାରା ଅନେକ ଅଞ୍ଚଳର ବିକାଶ ସମ୍ଭବ ହୋଇପାରିଛି। ଯଦ୍ୱାରା ରାଜ୍ୟର ମଧ୍ୟ ବିକାଶରେ ଏକ ନୂତନ ଫର୍ଦ୍ଦ ଯୋଡ଼ିହେବାରେ ସହାୟକ ହୋଇପାରିଛି। ନଚେତ୍ ଆମ ରାଜ୍ୟ ଆହୁରି ପଛୁଆ ହୋଇ ରହିଥାନ୍ତା। ଅଧିକ ଜିଲ୍ଲା ହେବା ଫଳରେ କେନ୍ଦ୍ର ସରକାରଙ୍କ ଜିଲ୍ଲା ଅନୁଯାୟୀ ଅନୁଦାନ ରାଶିର ବୃଦ୍ଧି ଫଳରେ ରାଜ୍ୟ ବିକାଶ ଧାରାକୁ ଫେରି ପାଇଥିଲା ଓ ଛୋଟଛୋଟ ଜିଲ୍ଲା ଗଠନ ଫଳରେ ଉକ୍ତ ଅଞ୍ଚଳ ସବୁର ବିକାଶ କିଛି କାଂଶରେ ସମ୍ଭବ ହୋଇଥିବା ମନେହୁଏ। ଆଜି ପର୍ଯ୍ୟନ୍ତ ନଚେତ୍ ଉକ୍ତ ଅଞ୍ଚଳ ସବୁ ଅବହେଳିତ ଅବସ୍ଥାରେ ରହିଥାନ୍ତା।ତେଣୁ ରାଜ୍ୟରେ ଛୋଟଛୋଟ ଜିଲ୍ଲା ହେବାଫଳରେ ବିକାଶ ସମ୍ଭବ ହୋଇପାରିଛି। ଅତଏବ ଛୋଟ ଛୋଟ ରାଜ୍ୟ ଦାବୀ ଯୁକ୍ତିଯୁକ୍ତ ଅଟେ।ଅଲଗା ରାଜ୍ୟ ହବାଫଳରେ ଉକ୍ତ ଅଞ୍ଚଳର ବିକାଶ ସମ୍ଭବ ହୋଇପାରିବ ବୋଲି ଆଶା କରିବା।

*ସୋନପୁର*
*ଦୂରଭାଷ : ୮୧୪୪୮୭୦୭୨୯*

# ଆର୍ଥିକ ଅସ୍ଥିରତା ଭିତରକୁ ଠେଲି ହେବାରେ ଲାଗିଛି ସମବାୟ ବ୍ୟାଙ୍କ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଓ ମନମୁଖୀ ପରିଚାଳନା ଯୋଗୁ ରାଜ୍ୟ ସମବାୟ ବ୍ୟାଙ୍କ ଓ ତା'ର ଶାଖା କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକ ଆର୍ଥିକ ଅସ୍ଥିରତା ଭିତରକୁ ଠେଲି ହେବାରେ ଲାଗିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଯେଉଁ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମୂଳଧନ ଯେତିକି ନୁହେଁ ତା'ଠୁ ଅଧିକ ପରିମାଣର ଋଣ ଆବଣ୍ଟନ ହୋଇଛି। ଆଉ ସମସ୍ତ ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକର ପରିଚାଳନା ଦାୟିତ୍ୱରେ ଥିବା ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)ଙ୍କ ମଧ୍ୟରୁ କେହି ବି ଏହି ପଦ ନିମନ୍ତେ ଉପଯୁକ୍ତ ଯୋଗ୍ୟତା ରଖିନାହାନ୍ତି। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ୮ଜଣ ସିଇଓଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ଏନେଇ ରିଜର୍ଭ ବ୍ୟାଙ୍କର ଅନୁମତି ନିଆଯାଇନାହିଁ। ଯାହାକି ବ୍ୟାଙ୍କିଙ୍ଗ୍ ନିୟମାବଳୀ-୧୯୪୯ର ଧାରା-୩୫-ଖ'ର ସିଧାସଳଖ ଉଲ୍ଲଘଂନ ମଧ୍ୟ। ଉପରୋକ୍ତ ସମସ୍ତ ଅସଙ୍ଗତି ଓ ବିପର୍ଯ୍ୟସ୍ତ ପରିଚାଳନା ସମ୍ପର୍କରେ ୧୮ତମ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ବୈଠକରେ ନାବାର୍ଡ ପକ୍ଷରୁ ଏନେଇ ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ୧୭ଟି ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପରିଚାଳନାଗତ ତ୍ରୁଟି ସମ୍ପର୍କରେ ନାବାର୍ଡ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ରାଜ୍ୟରେ ଥିବା ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଦାୟିତ୍ୱରେ ଥିବା ସିଇଓମାନଙ୍କ ମଧ୍ୟରୁ କେହି ଜଣେ ବି ଏହି ପଦବୀ ନିମନ୍ତେ ଯୋଗ୍ୟ ନୁହଁନ୍ତି। କିମ୍ବା ସେମାନଙ୍କର କାହାରିବି ଏହି ପଦବୀ ପାଇଁ ଅଭିଜ୍ଞତା ନାହିଁ। ସେହିପରି ରିଜର୍ଭ ବ୍ୟାଙ୍କର ବିନାନୁମତି ଓ ନିୟମକୁ ଖୋଲା ଉଲ୍ଲଘଂନ କରି ଏହି ବ୍ୟାଙ୍କଗୁଡ଼ିକ ପରିଚାଳିତ ହେଉଛନ୍ତି। ବ୍ୟାଙ୍କିଙ୍ଗ ନିୟମ-୧୯୪୯ର ଧାରା-୯ ଅନୁସାରେ କୌଣସି ବ୍ୟାଙ୍କ ୭ବର୍ଷରୁ ଅଧିକ ସମୟ ଧରି କୌଣସି ସ୍ଥାବର ସମ୍ପତ୍ତିକୁ ନିଜ ପାଖରେ ରଖିପାରିବ ନାହିଁ ଓ ଏଥିପାଇଁ ରିଜର୍ଭ ବ୍ୟାଙ୍କର ଅନୁମତି ଜରୁରୀ। କିନ୍ତୁ ରାଜ୍ୟ ସମବାୟ ବ୍ୟାଙ୍କ ୨୪ଟି ଓ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ୯ଟି ସ୍ଥାବର ସମ୍ପତ୍ତିକୁ ଆହରଣ କରିଛନ୍ତି। ଆଉ ଏଥିରୁ ମାତ୍ର ୪ଟି ସମ୍ପତ୍ତି ସମ୍ପର୍କରେ ରିଜର୍ଭ ବ୍ୟାଙ୍କରୁ ଅନୁମତି ଆଣିଛନ୍ତି। ସେହିପରି ଏହି କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ନୂଆ ଗ୍ରାହକ ସୃଷ୍ଟି ନକରି ମନଇଚ୍ଛା ଋଣ ପ୍ରଦାନ କରିଛନ୍ତି। ୨୦୧୯ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଏହି ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକର ମୋଟ ବକେୟା(ଋଣ ପରିମାଣ) ୧୯୫୦କୋଟି ଟଙ୍କା ଥିବାବେଳେ ତାହା ୨୦୨୧-୨୨ରେ ୩୬୪୬.୪୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଯାହାକି ମାତ୍ର ୩ବର୍ଷରେ ୮୭% ଅଧିକ ବୋଲି ଜଣାପଡ଼ିଛି। ଆଉ ଏହି ବକେୟା ପରିମାଣ କ୍ରମାଗତ ଭାବେ ବୃଦ୍ଧି ପାଇଛି । ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ଏହି ପରିମାଣ ୨୩୪୩.୯୭କୋଟି, ୨୦୨୧ ମାର୍ଚ୍ଚ ସୁଦ୍ଧା ୨୯୭୪ କୋଟି ଟଙ୍କା ବକେୟା ଏସବୁ ବ୍ୟାଙ୍କର ରହିଥିଲା। ସେହିପରି ବଲାଙ୍ଗିର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଋଣ ପରିମାଣ ନିଜ ମୂଳଧନର ପ୍ରାୟ ୨୬୮.୪୦%କୁ ବୃଦ୍ଧି ପାଇଥିଲା। ଭବାନୀପାଟଣା କେନ୍ଦ୍ରୀୟ ବ୍ୟାଙ୍କରେ ୨୬୧.୪୨%, ସମ୍ବଲପୁର ବ୍ୟାଙ୍କରେ ୧୩୯.୩୧ ପ୍ରତିଶତ ଓ କୋରାପୁଟରେ ୧୦୧.୬୪ ପ୍ରତିଶତ ଅର୍ଥ ବକେୟା ରହିଥିଲା। କେବଳ ବର୍ଷକ ମଧ୍ୟରେ ୨୦୨୧ ମାର୍ଚ୍ଚ ୩୧ରୁ ୨୦୨୨ ମାର୍ଚ୍ଚ ୩୧ତାରିଖ ମଧ୍ୟରେ ଭବାନୀପାଟଣା କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ୨୨୩.୬%, ବାଙ୍କିରେ ୬୩.୫% ଓ ବଲାଙ୍ଗିରରେ ୫୬.୬% ଋଣ ପରିମାଣ ମୂଳଧନ(ପ୍ରନ୍ସିପାଲ) ବୃଦ୍ଧି ପାଇଛି।



### ଧାମରାରେ ମୁଖ୍ୟ ସଚିବ, ୫-ଟି' ସଚିବ

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା



**ଭୁବନେଶ୍ୱର:** ଶୁକ୍ରବାର ଅପରାହ୍ନରେ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେଲ ରାଜ୍ୟ ସୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର ଓ ୫ ଟି ସଚିବ ଭି.କେ. ପାଣ୍ଡିଆନ ବିଭିନ୍ନ ଉନ୍ନୟମୂଳକ ପ୍ରକଳ୍ପ ପାଇଁ ଭଦ୍ରକ ଜିଲ୍ଲା ଧାମରା ଓ ଆରଡି ପୀଠକୁ ଆସିଥିଲେ। ଧାମରା ହେଲି ପ୍ୟାଡରେ ପହଞ୍ଚିବା ପେରେ ସେଠାରୁ ସିଧା ଧାମରା ପୋର୍ଟ ପରିସରକୁ ଯାଇ ପୋର୍ଟର ସିଇଓ ଓ ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଧାମରାରେ ଇଣ୍ଡଷ୍ଟ୍ରିଆଲ ପାର୍କ ଓ ଧାମରା ବନ୍ଦରର ସଂପ୍ରସାରଣ ପ୍ରସଙ୍ଗ ନେଇ ଆଲେଚନା କରାଯାଇଥିବା ବେଳେ ଏନେଇ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେଠାରେ ଉପସ୍ଥିତ ଥିବା ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ଓ ପୋର୍ଟର ସିଇଓଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ସେଠାରୁ ପୁଣି ଅପରାହ୍ନ ୪ ଟା ୪୫ ରେ ହେଲିକ୍ୟାପ୍ଟର ଯୋଗେ ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠକୁ ଆସିଥିଲେ। ଆରଡି ପୀଠରେ ପହଁଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଓ ୫ ଟି ସଚିବ ଶ୍ରୀ ପାଣ୍ଡିଆନ ମନ୍ଦିରକୁ ଯାଇ ବାବା ଆଖଣ୍ଡ ମଣିଙ୍କ ଦର୍ଶନ କରିବା ସହ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ନେଇ ଜିଲ୍ଲା ଜିଲ୍ଲାପାଳ ଶ୍ରୀ ବନ୍ଦୋର ଓ ମନ୍ଦିର ସେବାୟତଙ୍କ ସହ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ସଂପ୍ରସାରଣ କାମ ପାଇଁ ଯେଉଁ ଅନୁଦାଦ ରାଜ୍ୟ ସରକାର ଯୋଗାଇ ଦେଇଥିଲେ। ସେଇ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହା ପୂର୍ଣ୍ଣାଙ୍ଗ ହେବାକୁ ଆଉ ଦୁଇ ମାସ ସମୟ ଲାଗିବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ଖୁବ୍ ଶୀଘ୍ର ମନ୍ଦିରରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହେବ ଓ ଏଥିପାଇଁ ଅନୁଦାନ ଯୋଗାଇ ଦିଆଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରି ସାରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଓ ୫ ଟି ସଚିବ ଶ୍ରୀ ପାଣ୍ଡିଆନ ଭଦ୍ରକର ଧାମରା ଓ ଆରଡି ପୀଠକୁ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିବା ନେଇ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବାବା ଆଖଣ୍ଡଳମଣିଙ୍କ ପୀଠର ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାଶ ସହଯୋଗ କରିବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ।

### ଏନ୍‌ସିଆରବି ରିପୋର୍ଟ ତଥ୍ୟ

# ଦୁଇ ବର୍ଷରେ ବାଲ୍ୟ ବିବାହ ୫୦% ବୃଦ୍ଧି

**ଭୁବନେଶ୍ୱର :** ଓଡ଼ିଶାରେ ଦୁଇ ବର୍ଷ ମଧ୍ୟରେ ବାଲ୍ୟ ବିବାହ ୫୦% ବୃଦ୍ଧି ପାଇଥିବା ଏନସିଆରବି ରିପୋର୍ଟରେ ପ୍ରକାଶ ପାଇଛି। ଅର୍ଥାତ ୨୦୧୯ ମସିହାରେ ୨୨, ୨୦୨୦ ମସିହାରେ ୨୪ ଏବଂ ୨୦୨୧ ମସିହାରେ ୬୪ଟି ବାଲ୍ୟ ବିବାହ ନିରୋଧ ଆଇନ ଜନିତ ମାମଲା ରୁଜୁ ହୋଇଥିବା ନେଇ ରିପୋର୍ଟ ପ୍ରକାଶିତ ହୋଇଛି। ମାତ୍ର ରାଜ୍ୟରେ ଏହା ଠାରୁ ଆହୁରି ଅନେକ ଅଧିକ ସଂଖ୍ୟାରେ ବାଲ୍ୟ ବିବାହ ହେଉଛି। ପରିବାର ଏବଂ ସମାଜର ସ୍ୱୀକୃତିରେ ଏହା ହେଉଥିବାରୁ ଅଧିକାଂଶ ମାମଲା ଥାନାକୁ ଆସିପାରୁନଥିବା ଶିଶୁ ସୁରକ୍ଷା କର୍ମୀମାନେ ଅଭିଯୋଗ କରୁଛନ୍ତି। ଏନସିଆରବିର ତଥ୍ୟ ଅନୁଯାୟୀ, ୨୦୨୧ ମସିହାରେ ବାଲ୍ୟ ବିବାହ ନିରୋଧ ଆଇନ-୨୦୧୬ ଅନୁଯାୟୀ ଦେଶରେ ୧୦୪୫ଟି ମାମଲା ରୁଜୁ ହୋଇଛି। ଏଥିରେ କର୍ଣ୍ଣାଟକରେ ସର୍ବାଧିକ ୨୭୩, ତାମିଲନାଡୁରେ ୧୬୯, ଆସାମ ୧୫୫, ପଶ୍ଚିମବଙ୍ଗ ୧୦୫, ମହାରାଷ୍ଟ୍ର ୮୨, ତେଲେଙ୍ଗାନା ୫୭, ହରିୟାଣା ୩୩, ଆନ୍ଧ୍ରପ୍ରଦେଶ ୧୯, ବିହାର ୧୧, ଗୁଜରାଟ ୧୨, କେରଳ ୧୨, ଉତ୍ତରପ୍ରଦେଶ ୬, ଉତ୍ତରାଖଣ୍ଡରେ ୧୨ଟି ମାମଲା ରୁଜୁ ହୋଇଛି। ରାଜସ୍ଥାନରେ ୧୧ଟି ମାମଲା ରୁଜୁ ହୋଇଛି। ଶିଶୁ ଅଧିକାର କର୍ମୀ ଘାସିରାମ ପଣ୍ଡାଙ୍କ ସୂଚନା ଅନୁସାରେ, ବାଲ୍ୟ ବିବାହର ଅଧିକାଂଶ ମାମଲା ଥାନାରେ ପହଞ୍ଚୁନଥିବାରୁ ରୁଜୁ ମାମଲାକୁ ବାଲ୍ୟ ବିବାହର ଚିତ୍ର କୁହାଯାଇ ପାରିବ ନାହିଁ। ବରଂ ଯେଉଁ ବର୍ଷ ଯେତେ ଅଧିକ ବାଲ୍ୟ ବିବାହ ଜନିତ ମାମଲା ଥାନାକୁ ଗଲା, ସେହି ବର୍ଷ ଏହି କୁପ୍ରଥା ମୁକାବିଲା କରିବାରେ ପ୍ରଶାସନ ସେତେ ସଫଳ ହେଲା ବୋଲି କୁହାଯିବ। ସରକାରୀ ରିପୋର୍ଟ ଅନୁସାରେ ପ୍ରତି ବର୍ଷ ଅଢେଇ ହଜାର ବାଲ୍ୟ ବିବାହକୁ ଅଧାରୁ ବନ୍ଦ କରାଯାଉଛି। ଅର୍ଥାତ ଏହା ଠାରୁ ଅନେକ ସଂଖ୍ୟାରେ ବାଲ୍ୟ ବିବାହ ହେଉଛି, ଯାହା ପାଖକୁ ପ୍ରଶାସନ ପହଞ୍ଚି ପାରୁନାହିଁ। ଗତବର୍ଷ ପ୍ରକାଶିତ ହୋଇଥିବା ଏନଏଫ୍‌ଏଚ୍‌ଏସ୍-୫(୨୦୧୯-୨୧)ର ରିପୋର୍ଟ ଅନୁସାରେ ମହିଳାଙ୍କ ବାଲ୍ୟ ବିବାହ ୨୦.୫%, ପୁରୁଷଙ୍କର ୧୩.୩% ରହିଛି। ଏନଏଫଏଚଏସ-୪(୨୦୧୫-୧୬) ଅନୁସାରେ, ମହିଳାଙ୍କ ବାଲ୍ୟ ବିବାହ ହ୍ରାସ



ପାଇଥିଲେ ମଧ୍ୟ ପୁରୁଷଙ୍କ ମଧ୍ୟରେ ଏହା ବୃଦ୍ଧି ପାଇଛି। ଦେଶରେ ବାଲ୍ୟ ବିବାହ ୨୩.୩% ରହିଛି। ଓଡ଼ିଶାର ଯେଉଁ ଜିଲ୍ଲାଗୁଡ଼ିକ ନାଲି ତାଲିକାଭୁକ୍ତ ଅର୍ଥାତ ଦେଶର ହାର ଠାରୁ ଅଧିକ ରହିଛି ସେଗୁଡ଼ିକ ମଧ୍ୟରେ ନବରଙ୍ଗପୁର ୩୯.୪%, ନୟାଗଡ଼ ୩୫.୭%, କୋରାପୁଟ ୩୫.୫%, ରାୟଗଡ଼ା ୩୩.୨%, ମାଲକାନଗିରି ୩୨.୪%, ମୟୂରଭଞ୍ଜ ୩୧.୩%, କେନ୍ଦୁଝର ୨୯%, ଗଜପତି ୨୮.୧%, ବାଲେଶ୍ୱର ୨୬.୪%, ବୌଦ୍ଧ ୨୫.୩%, ଅନୁଗୁଳ ୨୫%, ଢେଙ୍କାନାଳ ୨୩.୭%, ଗଞ୍ଜାମରେ ୨୨.୩% ରହିଛି। ହଳଦିଆ ତାଲିକାଭୁକ୍ତ ଜିଲ୍ଲାଗୁଡ଼ିକ ହେଲା କନ୍ଧମାଳ ୨୦%, ଦେବଗଡ଼ ୧୯.୨%, ଖୋର୍ଦ୍ଧା ୧୭.୧%, ସୁବର୍ଣ୍ଣପୁର ୧୬.୯%, କଳାହାଣ୍ଡି ୧୬.୩%, ନୂଆପଡ଼ା ୧୫.୬%, କଟକ ୧୪.୨%, ବଲାଙ୍ଗୀର ୧୪%, ସୁନ୍ଦରଗଡ଼ ୧୨.୯%, ଜଗତସିଂହପୁର ୧୨%, ଯାଜପୁର ୧୧.୪%, ଭଦ୍ରକ ୧୦.୪%, ପୁରୀ ୧୦.୨%। ସବୁଜତାଲିକାଭୁକ୍ତ ଜିଲ୍ଲାଗୁଡ଼ିକ ହେଲା କେନ୍ଦ୍ରାପଡ଼ା ୯.୪%, ବରଗଡ଼ ୮.୬%, ଝାରସୁଗୁଡ଼ା ୮.୫% ଓ ସମ୍ବଲପୁର ୭.୪%। ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର, ନୟାଗଡ଼ରେ ୧୨ରୁ ୧୪ ବର୍ଷରୁ ଝିଅମାନଙ୍କୁ ବିବାହ କରାଯାଉଛି। ଏପରିକି ସରକାରୀ କର୍ମଚାରୀ, ପୁଲିସ ମଧ୍ୟ ଏହି କୁପ୍ରଥାରୁ ମୁକୁଳି ପାରି ନାହାନ୍ତି। ସାମାଜିକ, ଧାର୍ମିକ ପ୍ରଥା ଯୋଗୁଁ ବାଲ୍ୟ ବିବାହ ବଢୁଛି। ଯୌତୁକ ପ୍ରଥା ମଧ୍ୟ ଏହାର ଏକ କାରଣ ବୋଲି କୁହାଯାଏ। ଶୀଘ୍ର ବିବାହ ହେବାରୁ ଝିଅମାନେ ଶୀଘ୍ର ମା' ହେଉଛନ୍ତି ଏବଂ ଅଧାରୁ ପାଠ ଛାଡୁଛନ୍ତି। ଅନ୍ୟଦିଗରେ ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ, ରାଜ୍ୟର ୧୫ଟି ଜିଲ୍ଲାର ୧୦ ହଜାର ୬୯୮ଟି ଗାଁ ବାଲ୍ୟ ବିବାହ ମୁକ୍ତ ହୋଇପାରିଛି।

# ବଦଳିବ ବାବୁଙ୍କ ସ୍ନାକ୍ସ, ସାମିଲ୍ ହେବ ମାଣ୍ଡିଆ

**ଭୁବନେଶ୍ୱର :** ରାଜ୍ୟରେ ବଦଳିବ ବାବୁଙ୍କ ସ୍ନାକ୍ସ। ସାମିଲ୍ ହେବ ମାଣ୍ଡିଆ। ସରକାରୀ କାର୍ଯ୍ୟକ୍ରମରେ ସିଙ୍ଗଡ଼ା, ବରା ଓ ମିଠା ବଦଳରେ ଅତିଥିଙ୍କୁ ଦିଆଯିବ ମାଣ୍ଡିଆ ଟିଫିନ୍। ପୋଷଣର ଭଣ୍ଡାର କୁହାଯାଉଥିବା ମାଣ୍ଡିଆର ବହୁଳ ବ୍ୟବହାର ପାଇଁ ଅଣ୍ଟା ଭିଡ଼ିଛି ରାଜ୍ୟ କୃଷି ବିଭାଗ। ଏଣିକି ସବୁ ସରକାରୀ କାର୍ଯ୍ୟକ୍ରମ ଓ ସମ୍ମିଳନୀରେ ଦିଆଯିବ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ। ଏନେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ମାଣ୍ଡିଆରେ ପ୍ରସ୍ତୁତ ବିସ୍କୁଟ, ମିକ୍ସଚର, ନିମକି, ପିଠା ଓ ଲଡୁ ଦେବାକୁ ପରାମର୍ଶ ଦିଆଯାଇଛି। ଓଡିଶା ମିଲେଟ୍ ମିଶନ ଜରିଆରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ପ୍ରଚାର ପ୍ରସାର ସହ ଚାଷୀର ଆର୍ଥିକ ଉନ୍ନତି ଓ ସଶକ୍ତୀକରଣକୁ ଗୁରୁତ୍ୱ ଦେଇଛି ରାଜ୍ୟ କୃଷି ବିଭାଗ। ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତିରେ ଖୁସି ବ୍ୟକ୍ତ କରିଛନ୍ତି ବ୍ୟବସାୟୀ। ଆଶା ରଖିଛନ୍ତି ଏଥର ସେମାନଙ୍କ ଭଲ ବେପାର ହେବ। କୋରାପୁଟ ଓ ଜୟପୁରରେ ବର୍ତ୍ତମାନ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ଅଧିକ ବ୍ୟବହାର ହେଉଛି। ନ୍ୟୁଟ୍ରିସନରେ ଭରପୁର ମାଣ୍ଡିଆରେ ବିସ୍କୁଟ, ମିକ୍ସଚର, ମୁଡକି, ନିମକି, ପିଠା ଓ ଲଡୁ ସହ ଚକୋଲେଟ୍, କେକ, ସୁପ୍, ଦୋଷା ଓ ଇଡଲିର ଚାହିଦା ରହିଛି। ଲୋକେ ଏସବୁକୁ ବେଶ୍ ପସନ୍ଦ କରୁଛନ୍ତି। ଏପରିକି ଜୟପୁରରେ ମିଳୁଥିବା ମାଣ୍ଡିଆ ଚା'ର ସ୍ୱାଦ ମଧ୍ୟ ନିଆରା ରହିଛି।

### ମନମୁଖୀରେ ଚାଲିଛି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

# ସରକାରଙ୍କ ୫-ଟି' ଓ ମୋ ସରକାର ଯୋଜନା ବାଟବଣା

**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ସରକାରୀ ଯୋଜନା ସବୁର ସଫଳ ରୂପାୟନ ଓ ସ୍ୱଚ୍ଛତା ଆଣିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଯେଉଁ ୫ଟି ଓ ମୋ ସରକାର ଯୋଜନା ସବୁର ଘୋଷଣା କରିଥିଲେ ତାହାର ନଗ୍ନ ନମୁନା ସବୁ ଦେଖିବାକୁ ମିଳିଛି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ମାନଙ୍କରେ। ଏହି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଦିନକୁ ଦିନ ବାଟବଣା ହେବାକୁ ଯାଉଛି। ଏପରିକି ବିଭିନ୍ନ ବ୍ଲକ ହେଉ ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜନଶୁଣାଣି ଶିବିରରେ ବହୁ ଉପରିସ୍ଥ ଅଧିକାରୀମାନେ ଉପସ୍ଥିତ ରହୁନାହାଁନ୍ତି। ଜଗତସିଂହପୁର ଜିଲ୍ଲାରେ ୩ଜଣ ଅତିରିକ୍ତ ଜିଲ୍ଲାପାଳ ଥିବା ବେଳେ କେଉଁ ବ୍ଲକର ଜନଶୁଣାଣି ଶିବିର ମାନଙ୍କରେ ଦେଖିବାକୁ ମିଳେନାହିଁ। ସେହିପରି ଦୀର୍ଘ ୨ମାସ ଧରି ଜିଲ୍ଲାପାଳଙ୍କ ବିଭିନ୍ନ ଜନଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବି ଉପସ୍ଥିତ ରହୁନାହାଁନ୍ତି, କେବଳ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ରହୁଛନ୍ତି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜାଣିବାକୁ ମିଳୁଛି ଯେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ମଧ୍ୟରେ ମତାନ୍ତର ଘଟଣା ଯୋଗୁ ଉଭୟେ ଏକାଠି ହୋଇ ଶୁଣାଣିରେ ବସୁ ନାହାଁନ୍ତି।



ଏପରି ଘଟଣା ଦେଖି ରାଜନୈତିକ ମହଲରେ ଆଲୋଚନା ହେଉଛି ଯେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ୨ଜଣ ଅଣଓଡିଆ ହୋଇଥିବାରୁ ଜଗତସିଂହପୁର ପରି ଏକ ଶିକ୍ଷିତ ଜିଲ୍ଲାରେ ନ୍ୟାୟ ମିଳିପାରୁନାହିଁ। ଏପରିକି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ମାନଙ୍କରେ ବହୁ ବିଭାଗୀୟ ପଦସ୍ଥ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହୁନାହାଁନ୍ତି। ଯେଉଁମାନେ ଉପସ୍ଥିତ ରହୁଛନ୍ତି ସେମାନେ ସମସ୍ତ ସରକାରୀ ଯୋଜନା ସବୁର ବାଟବଣା କରୁଛନ୍ତି। କେଉଁ ଅଭିଯୋଗକାରି କି ଅଭିଯୋଗ କରିଛନ୍ତି ତାହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଧ୍ୟାନ ନଦିଆଯାଇ କେବଳ ସେଠାରେ ବସି ହାଜିରା ପକାଇବାରେ ସକ୍ଷମ ହେଉଛନ୍ତି। ଜିଲ୍ଲାରେ ଦିନକୁ ଦିନ ଅଭିଯୋଗ ଶୁଣାଣି ଶିବିର ଏକପ୍ରକାର ପ୍ରହସନରେ ପରିଣତ ହେବାପରି ଲାଗୁଛି। ତା ୧୯ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଯେଉଁ ଶୁଣାଣି କରାଯାଇଥିଲା ସେହି ଶିବିରରେ ମାତ୍ର ୫୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିବା ବେଳେ ବହୁ ସରକାରୀ ବାବୁମାନଙ୍କ ଚେୟାର ଖାଲିପଡିଥିବାର ଦେଖିବାକୁ ମିଳିଥିଲା। ସମୁଦାୟ ୫୫ଗୋଟି ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ୬ଗୋଟି, ଜମିଜମା ସମ୍ପର୍କିତ ୯ଗୋଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୩ଗୋଟି, ଭତା ସମ୍ପର୍କିତ ୭ଗୋଟି, ପୋଲିସ ସହାୟତା ନିମନ୍ତେ ୬ଗୋଟି ଏବଂ ଅନ୍ୟାନ୍ୟ ୨୩ଟି ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ଗୋଟିଏ ଅଭିଯୋଗର ଶୁଣାଣି ସଙ୍ଗେ ସଙ୍ଗେ ଫଇସଲା ହୋଇଥିଲା। ବିଜୁ ସୁରକ୍ଷା ଯୋଜନାରେ ଜଗତସିଂହପୁର ଶିଶୁ ଆଶ୍ରମର ଆଇଟିଆଇ ପଢିବାପାଇଁ ୫ଜଣ ଛାତ୍ରଛାତ୍ରୀଙ୍କୁ ଜଣକା ୯ହଜାର ଟଙ୍କାର ସହାୟତା ରାଶି ଜିଲ୍ଲାପାଳ ପ୍ରଦାନ କରିଥିଲେ। ସେହିପରି ମ୍ୟାଟ୍ରିକ୍ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ରଖିଥିବା ୨ଜଣ ପିଲାଙ୍କୁ ୫ହଜାର ଟଙ୍କା ସହାୟତା ରାଶି ମଧ୍ୟରୁ ଶିଶୁ ଆଶ୍ରମର ଅନ୍ତେବାସୀ କାର୍ତିକ ପାତ୍ରଙ୍କୁ ପ୍ରଦାନ କରିଥିଲେ। ସବୁଜ ପଥ ଯୋଜନାରେ ଉଚ୍ଚ ଶିକ୍ଷା ଖର୍ଚ୍ଚ ଛାଡ ନିମନ୍ତେ ଶିଶୁ ଆଶ୍ରମର ୨୨ଜଣ ପିଲାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଜଗତସିଂହପୁର ରମେଶ ଚନ୍ଦ୍ର ସିଂହ, ବିଡିଓ ସାଗର କୁମାର ନନ୍ଦ, ତହସିଲଦାର ଅଞ୍ଜଳି ତରାଇ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ବୀରକିଶୋର ପରିଡା ପ୍ରମୁଖ ଯୋଗଦେଇଥିଲେ।

# ରାଷ୍ଟ୍ର ନିର୍ମାଣରେ ଛାତ୍ର ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର :** ରାଷ୍ଟ୍ର ନିର୍ମାଣରେ ଛାତ୍ର ସମାଜର ଭୂମିକା ଏକାନ୍ତ ଅପରିହାର୍ଯ୍ୟ। ରାଷ୍ଟ୍ର ଓ ଛାତ୍ର ସମାଜ ଉଭୟ ପରିପୂରକ। ଛାତ୍ର ସମାଜ ବିନା ରାଷ୍ଟ୍ରର ପରିକଳ୍ପନା ଅସମ୍ଭବ। ସେହିପରି ରାଷ୍ଟ୍ର ବିନା ଛାତ୍ର ସମାଜ ନିରର୍ଥକ। ଛାତ୍ର ସମାଜ ଜନମଙ୍ଗଳ ରାଷ୍ଟ୍ରରେ ମୁଖ୍ୟ ପୁରୋଧା। ତେଣୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ମାଧ୍ୟମରେ ଛାତ୍ରମାନଙ୍କୁ ସ୍ୱାଧୀନତା ଦେବା ଉଚିତ, କିଛି ନିୟମାବଳୀ ମାଧ୍ୟମରେ। କାରଣ ଛାତ୍ର ସଂସଦ ପିଲାଙ୍କ ବାସ୍ତବ ସମସ୍ୟାକୁ ସମ୍ମୁଖକୁ ଆଣି ସମାଧାନ ପାଇଁ ଉଦ୍ୟମ କରିବ। କିନ୍ତୁ ଏହା ନଥିବାରୁ ପିଲାଙ୍କ ସମସ୍ୟାକୁ ଧ୍ୟାନ ଦିଆଯାଉନାହିଁ। ଯେପରିକି ମହାବିଦ୍ୟାଳୟ ମାନଙ୍କରେ ଅତର୍କିତ ଭାବେ ବର୍ଦ୍ଧିତ ଫି' ସମ୍ବନ୍ଧୀୟ ହେଉ ଅବା ପରୀକ୍ଷା ସମ୍ବନ୍ଧୀୟ ତଥ୍ୟରେ (ଅନ୍‌ଲାଇନ୍ ବା ଅଫ୍‌ଲାଇନ୍) ପରିଚାଳନାଗତ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେଉଛି। ଏସବୁ ବ୍ୟତୀତ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହୁନାହିଁ। ସର୍ବୋପରି ଦେଖିବାକୁ ଗଲେ ଏହା ପିଲାଙ୍କ ଅଧିକାରର ଉଲ୍ଲଙ୍ଘନ ସହିତ




ସତ୍ୟଜିତ୍ ମହାନ୍ତି, ଆଡ୍‌ଭୋକେଟ୍
ଭୁବନେଶ୍ୱର ବାର ଆସୋସିଏସନ

ସମାନ। ତେଣୁ ଏହା ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଛାତ୍ର ସମାଜ କିଭଳି ଭବିଷ୍ୟତରେ ରାଷ୍ଟ୍ରର ନେତୃତ୍ୱ ନେଇପାରିବ ଏବଂ ନିଜର ଉତ୍ତମ ଶିକ୍ଷା ଲାଭ ସହିତ ଭବିଷ୍ୟତ ପିଢ଼ିକୁ ଦିଗ୍‌ଦର୍ଶନ ଦେଇପାରିବ ତା' ଉପରେ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ନଚେତ ଭବିଷ୍ୟତରେ ଛାତ୍ର ସମାଜ ନିଜ ସୁନେଲୀ ସ୍ୱପ୍ନରୁ ବଞ୍ଚିତ ରହିବା ସହିତ ଦେଶରେ ନେତୃତ୍ୱ ନେବାରେ ବାଧକ ସୃଷ୍ଟି ହେବ।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


# ବିଶ୍ୱକପ୍ ହକି: ୮୭୬ କୋଟିକୁ ଛୁଇଁଲା ଭିତ୍ତିଭୂମି ନିର୍ମାଣ ଖର୍ଚ୍ଚ

**ଭୁବନେଶ୍ୱର :** ୨୦୨୩ ବିଶ୍ୱକପ୍ ହକି ନିମନ୍ତେ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ବଜେଟ ବର୍ଷକ ମଧ୍ୟରେ ୨ଗୁଣ ବୃଦ୍ଧି ପାଇଛି। କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ା ଭିତ୍ତିଭୂମି ସୁବିଧା ନିର୍ମାଣ ଓ ବିଶ୍ୱକପ୍ ହକି ପାଇଁ ରାଉରକେଲାଠାରେ ଆନ୍ତର୍ଜାତିକ ହକି ଷ୍ଟାଡ଼ିୟମ ନିର୍ମାଣକୁ ଅଧିକ ଉନ୍ନତମାନର କରିବା ନିମନ୍ତେ ରାଜ୍ୟ ସରକାର ୨୦୨୧ ମେ'ମାସରେ ଧାର୍ଯ୍ୟ କରିଥିବା ୪୩୨.୪୫ କୋଟି ଟଙ୍କାର ବ୍ୟୟବରାଦକୁ ଅଚାନକ ୮୭୫.୭୮କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ରାଜ୍ୟ କ୍ୟାବିନେଟ୍ ଏହି ମାତ୍ରାଧିକ ବ୍ୟୟବରାଦକୁ ମଧ୍ୟ ଅନୁମୋଦନ କରିଛନ୍ତି। ତେବେ ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ବଜେଟ ପରିମାଣ ଅଚାନକ ବର୍ଷକ ମଧ୍ୟରେ ଦ୍ୱିଗୁଣରୁ ଅଧିକ ବୃଦ୍ଧି ପାଇବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ 'ରାଜ୍ୟସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶ ପ୍ରକଳ୍ପ' ପାଇଁ ସଂଶୋଧିତ ମୂଲ୍ୟକୁ ମଞ୍ଜୁରୀ ମିଳିଛି। ଏଥିରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମ ଓ ରାଉରକେଲାର ହକି ଷ୍ଟାଡ଼ିୟମର ଭିତ୍ତିଭୂମି ବିକାଶ ପାଇଁ ପ୍ରସ୍ତାବ ରହିଛି। ପୂର୍ବରୁ ଏହି ଭିତ୍ତିଭୂମି ବିକାଶ ବାବଦରେ ମୋଟ ୪୩୨.୪୫୪କୋଟି ଟଙ୍କା ବ୍ୟୟବରାଦକୁ



୨୦୨୧ ମେ' ୮ତାରିଖରେ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଥିଲେ। ଏହି ବଜେଟରେ ସମସ୍ତ ଟିକସ ଓ ଇଡକୋ ଦେୟ ସାମିଲ ଥିଲା। ପୁଣିଥରେ କ୍ୟାବିନେଟକୁ ଏହି ସଂଶୋଧିତ ପଠାଇ ରାଜ୍ୟ କ୍ରୀଡ଼ା ବିଭାଗ ସମାନ ପ୍ରକଳ୍ପ ନିମନ୍ତେ ୮୭୫.୭୮କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରୀ କରାଇ ନେଇଛି। କ୍ରୀଡ଼ା ବିଭାଗ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ, ଆଇଆଇଟି ବମ୍ବେ ଓ ଜାତୀୟ-ଆନ୍ତର୍ଜାତିକ ମହାସଂଘଗୁଡ଼ିକର ଷ୍ଟାଡ଼ିୟମ ବିଶେଷଜ୍ଞମାନେ ଦେଇଥିବା ମତାମତକୁ ଆଧାର କରି କଳିଙ୍ଗ ଓ ରାଉରକେଲା ହକି ଷ୍ଟାଡ଼ିୟମକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଡିଜାଇନ୍ ଓ ସୁରକ୍ଷା ପାରାମିଟରର ନବୀକରଣ କରାଯାଇଛି। ଏହି ନବୀକରଣର ପ୍ରଭାବ ଖର୍ଚ୍ଚ ଉପରେ ପଡ଼ିଛି। ଇସ୍ପାତ, ପିଓଏଲ, ଆଲୁମିନିୟମ ଇତ୍ୟାଦିର ମୂଲ୍ୟବୃଦ୍ଧି ମଧ୍ୟ ମୋଟ ପ୍ରକଳ୍ପ ମୂଲ୍ୟକୁ ବୃଦ୍ଧି କରିଛି।


PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455


# ଦିଲ୍ଲୀପ ହକି ଇଣ୍ଡିଆ ସଭାପତି

**ଭୁବନେଶ୍ୱର :** ଦିଲୀପ ତିର୍କୀ ହକି ଇଣ୍ଡିଆର ସଭାପତି ନିର୍ବାଚିତ ହୋଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ସେ ହକି ଇଣ୍ଡିଆର ସଭାପତି ନିର୍ବାଚିତ ହୋଇଛନ୍ତି। ହକି ଇଣ୍ଡିଆର ସଭାପତି ଭାବେ ନିର୍ବାଚିତ ହେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ। ହକି ଇଣ୍ଡିଆ ସଭାପତି ପଦ ପାଇଁ ଆଉ ଦୁଇ ଜଣ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନେ ହେଉଛନ୍ତି ଉତ୍ତର ପ୍ରଦେଶ ହକି ସଂଘ ମୁଖ୍ୟ ରାକେଶ କଟ୍ୟାଲ ଓ ଝାଡ଼ଖଣ୍ଡ ହକି ସଂଘ ମୁଖ୍ୟ ଭୋଳା ନାଥ ସିଂହ। ତେବେ ଦିଲ୍ଲୀପଙ୍କୁ ସମର୍ଥନ କରି ଉଭୟ ରାକେଶ ଓ ଭୋଳା ନାଥ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିଲେ। ଦିଲ୍ଲୀପ ତିର୍କୀ ଦେଶ ପାଇଁ ୪୧୨ଟି ମ୍ୟାଚ୍ ଖେଳିଛନ୍ତି। ସେ ଭାରତୀୟ ହକି ଟିମ୍‌ର ଅଧିନାୟକ ମଧ୍ୟ



ରହିଥିଲେ। ସେ ୧୯୯୫ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସେ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଦିଲ୍ଲୀପ ତିନିଟି ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସେ ୧୯୯୬ର ଆଟଲାଣ୍ଟା ଅଲିମ୍ପିକ୍ସ ସହିତ ୨୦୦୦ର ସିଡ୍‌ନୀ ଓ ୨୦୦୪ର ଏଥେନ୍ସ ଅଲିମ୍ପିକ୍ସ ଖେଳିଛନ୍ତି। ସେ ୨୦୧୦ରେ ଅନ୍ତର୍ଜାତୀୟ ହକିରୁ ଅବସର ନେଇଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି